ବର୍ଷ-୨୬, ସଂଖ୍ୟା-୧୩୨
ଭୁବନେଶ୍ୱର
୧୬, ମଇ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 132
Bhubaneswar
16 May, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବଢିଲା ପେଟ୍ରୋଲ-ଡିଜେଲ ଦାମ

ନୂଆଦିଲ୍ଲୀ, ୧୫।୫(ମହାଭାରତ):: ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ବିଶ୍ୱରେ ଅଶୋଧିତ ତୈଳ ଦାମରେ ନିଆଁ ଲାଗିଛି। ଅଶୋଧିତ ତୈଳ ଦର ହୁହୁ ହୋଇ ବଢୁଥିବା ବେଳେ ଆଜି ତୈଳ କମ୍ପାନୀଗୁଡିକ ଦେଶରେ ପେଟ୍ରୋଲ ଓ ଡିଜେଲର ଦାମ ଲିଟର ପିଛା ୩ ଟଙ୍କା

## ପେଟ୍ରୋଲ ୩.୧୪ ଟଙ୍କା, ଡିଜେଲ ୩.୧୧ ଟଙ୍କା ମହଙ୍ଗା

## ଆଗକୁ ଆହୁରି ବଢିବା ସମ୍ଭାବନା

ଯାଏ ବୃଦ୍ଧି କରିଛନ୍ତି। ନୂଆ ଦର ପରେ ଦେଶର ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ଓଡିଶାରେ ପେଟ୍ରୋଲ-ଡିଜେଲ ମହଙ୍ଗା ହୋଇ ଯାଇଛି।

କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପେଟ୍ରୋଲ ଓ ଡିଜେଲର ବ୍ୟବହାର କମ କରିବାକୁ ପରାମର୍ଶ ଦେଇଥିଲେ। ଭାରତର ଆମଦାନୀ ବିଲ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ବଢୁଥିବାରୁ ପ୍ରଧାନମନ୍ତ୍ରୀ



ମୋଦି ଏପରି ପରାମର୍ଶ ଦେଇଥିଲେ। ମୋଦିଙ୍କ ଆହ୍ୱାନର କିଛି ଦିନ ପରେ ଆଜି ଠାରୁ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ପାଇଛି। ତେବେ ଦର ବୃଦ୍ଧି ଏତିକିରେ ସୀମିତ ରହିବ ନାହିଁ। ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଦାମ ଆଗାମୀ ଦିନରେ ଆହୁରି ମହଙ୍ଗା ହେବ। ଯଦି ଆଗକୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦାମ ବୃଦ୍ଧି ପାଇବ, ସେହି ଅନୁସାରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ବଢ଼ିବ। ଫାଉଣ୍ଡେସନ ଫର ଇକୋନୋମିକ ଡେଭଲପମେଣ୍ଟର ପ୍ରତିଷ୍ଠାତା-ନିର୍ଦ୍ଦେଶକ ରାହୁଲ କହିଛନ୍ତି ଯେ "ତୈଳ ଦର ବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରକୃତ କଥା ହେଲା ତୈଳ ଯୋଗାଣ ଏବେ ଅଧିକ ମହଙ୍ଗା ଓ ଅନିଶ୍ଚିତତା ମଧ୍ୟରେ ରହିଛି।"ତୈଳ ଦର ବୃଦ୍ଧିର ପ୍ରଭାବ ତୁରନ୍ତ ପେଟ୍ରୋଲ ପମ୍ପଗୁଡିକରେ ଦେଖିବାକୁ ମିଳିଛି। କିନ୍ତୁ ଅର୍ଥନୀତିଜ୍ଞଙ୍କ କହିବା କଥା ଯେ ତୈଳ ଦର ବୃଦ୍ଧିର ପ୍ରକୃତ ପ୍ରଭାବ ଅତ୍ୟନ୍ତ ବିସ୍ତାର। ସମୟକ୍ରେମ ଏଥିଯୋଗୁ ଖାଦ୍ୟ ସାମଗ୍ରୀ, ପରିବହନ, ଅନଲାଇନ ଡେଲିଭରି ଓ ମାସିକ ଘରୋଇ ଖର୍ଚ୍ଚ ମଧ୍ୟ ବଢ଼ିବ।

ଦର ବୃଦ୍ଧିର ତତ୍କାଳ ଚାପ ପରିବହନ ଖର୍ଚ୍ଚ ଉପରେ ରହିଛି। ପେଟ୍ରୋଲ ଦାମ ବୃଦ୍ଧି ଯୋଗୁ କାର ଓ ବାଇକ ବ୍ୟବହାରକାରୀଙ୍କ ଖର୍ଚ୍ଚ ବୃଦ୍ଧି ପାଇଛି। ଡିଜେଲ ଦାମ ବୃଦ୍ଧି ଯୋଗୁ ବସ, ଟ୍ରକ ଓ ଅନ୍ୟ ସାମଗ୍ରୀ ପରିବହନ ମାଧ୍ୟମ ଗୁଡିକର ଖର୍ଚ୍ଚ ବଢ଼ିବ। ସେହି ଅନୁସାରେ ସେମାନେ ମଧ୍ୟ ବିଭିନ୍ନ ଜିନିଷର ଦାମ ବୃଦ୍ଧି କରିବେ। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡିବ।

ଆଗାମୀ ଦିନରେ ଅଟୋର ଭଡା, କ୍ୟାବ ଭଡା ବାବଦରେ ଲୋକଙ୍କୁ ଅଧିକ ଟଙ୍କା ଦେବାକୁ ପଡିବ। ପ୍ରଭାବ କେବଳ ପରିବହନରେ ସୀମିତ ରହିବ ନାହିଁ। ଭାରତର ଖାଦ୍ୟ ସାମଗ୍ରୀ ଯୋଗାଣ ସଡକ ପଥରେ ହିଁ ହୋଇଥାଏ। ଡିଜେଲ ଦାମର ବୃଦ୍ଧି ଏବେ ରୋଷେଇ ଘର ବଜେଟକୁ ପ୍ରଭାବିତ କରିବ।

ପନିପରିବା, ଫଳ, କ୍ଷୀର, ଶସ୍ୟ ଓ ପ୍ୟାକେଜ ଦ୍ରବ୍ୟ ଗୁଡିକ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ମହଙ୍ଗା ହେବ। ଏହି ଅତିରିକ୍ତ ଖର୍ଚ୍ଚର ବୋଝ ସିଧା ସାଧାରଣ ଖାଉଟିର ପକେଟକୁ ବାଧିବ। ଯଦି ଦୀର୍ଘ ସମୟ ଧରି ତୈଳ ଦର ଆକାଶ ଛୁଆଁ ହୋଇ ରହିବ, ତା'ହେଲେ ଖାଦ୍ୟ ମୁଦ୍ରାସ୍ଫୀତିର ସ୍ଥିତି ଭୟଙ୍କର ରୂପ ଧାରଣ କରିବ।

ଡିଜେଲ ଦର ବୃଦ୍ଧିର ଅଧିକ ପ୍ରଭାବ ଗ୍ରାମୀଣ ଅର୍ଥନୀତି ଉପରେ ପଡିବ। କାରଣ ଚାଷୀମାନେ ଡିଜେଲ ଚାଳିତ ଟ୍ରାକ୍ଟର, ଜଳ ସେଚନ ପମ୍ପ ଓ ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। ତୈଳ ଦର ବୃଦ୍ଧି କୃଷି ଭିତ୍ତିକ ଖର୍ଚ୍ଚକୁ ବଢ଼ାଇବ ଓ ଏହାର ପ୍ରଭାବ ଖାଦ୍ୟର ଦାମ ଉପରେ ପଡିବ।

# ଘରୋଇ ବସ୍ ଭଡ଼ା ବୃଦ୍ଧି




ଭୁବନେଶ୍ୱର, ୧୫।୫(ମହାଭାରତ): ପେଟ୍ରୋଲ ଡିଜେଲ ଦର ବିବାର ୨୪ଘଣ୍ଟା ନ ପୁରୁଣୁ ଆଜି ରାଜ୍ୟରେ ବସ୍ ଭଡା ବିଛି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡା ୨ପଇସା ବିଥିବା ବେଳେ ଡିଲକ୍ସ, ଏସି ଡିଲକ୍ସ ଓ ସୁପର ଡିଲକ୍ସ ବସ୍ ଭଡା ୪ରୁ ୬ ପଇସା ବୃଦ୍ଧି ପାଇଛି।

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆଜି ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସାଧାରଣ ବସ୍ ଭଡା ପ୍ରତି କି.ମି ପିଛା ୮୮ ପଇସା ଥିବା ବେଳେ ଏବେ ୯୦ ଓ ଏକ୍ସପ୍ରେସ୍ ବସ୍ ଭଡା ୯୨ ପଇସାରୁ ୯୪ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ ଭଡା ୧୨୭ ପଇସାରୁ ୧୩୧ ପଇସା, ଏସି ଡିଏକ୍ସ ୧୫୫ ପଇସାରୁ ୧୫୯ ପଇସା ଓ ସୁପର ଡିଲକ୍ସ ଭଡା ୨୪୧ ପଇସାରୁ ୨୪୭ ପଇସାକୁ ବୃଦ୍ଧି ପାଇଛି।

୨୦୨୧ ମସିହା ଓ ୨୦୧୫ ମସିହାରେ ବିଭାଗ ପକ୍ଷରୁ ଯେଉଁ ସର୍ତ୍ତାବଳୀ ଲାଗୁ ହୋଇଥିଲା ତାହା ଜାରି ରହିବ। ତେବେ ବସ୍ ଭଡା ବାଇବା ଲାଗି ଘରୋଇ ବସ୍ ମାଲିକ ସଂଘ ପରିବହନ ବିଭାଗ ନିକଟରେ ଦାବି କରିଆସୁଥିଲା। ସେହିପରି ସାଧାରଣ ଲୋକଙ୍କ ଯାତାୟତରେ ଏହି ଦର ବୃଦ୍ଧି ବାଧିବ। ବିଶେଷକରି ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଯାଉଥିବା ଯାତ୍ରୀମାନେ ଦରବୃଦ୍ଧି ଅର୍ଥ ପଇଠ କରିବେ।

# 'ଏଣିକି ଅନଲାଇନରେ ହେବ ନିଟ୍ ପରୀକ୍ଷା'

ନୂଆଦିଲ୍ଲୀ, ୧୫।୫(ମହାଭାରତ):: ଏଣିକି ଅନଲାଇନରେ ହେବ ନିଟ୍ ପରୀକ୍ଷା । ଆସନ୍ତା ବର୍ଷରୁ ଅନଲାଇନରେ ହେବ ପରୀକ୍ଷା ଏନେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି – ଓଏମଆର ଅପେକ୍ଷା ସିବିଟି ଭଲ। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ପ୍ରସଙ୍ଗରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଯେଉଁଥିରେ ସେ ଘୋଷଣା କରିଥିଲେ ଯେ ଆସନ୍ତା ବର୍ଷର ନିଟ୍ ପରୀକ୍ଷା ଏକ କମ୍ପ୍ୟୁଟର-ଭିତ୍ତିକ ପରୀକ୍ଷା ହେବ। ସେ କହିଛନ୍ତି ଯେ ଏହି ବର୍ଷ ଛାତ୍ରଛାତ୍ରୀମାନଙ୍କୁ ୧୫ ମିନିଟ୍ ଅତିରିକ୍ତ ସମୟ ମିଳିବ। ପରୀକ୍ଷା ଅପରାହ୍ନ ୨:୦୦ ରୁ ସନ୍ଧ୍ୟା ୫:୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୁନ୍ ୨୧ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଜୁନ୍ ୧୪ ତାରିଖ ସୁଦ୍ଧା ଉପଲବ୍ଧ ହେବ। ସେ ଆହୁରି କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଗଠିତ ଏନଟିଏ ୧୦ ନିୟୁତ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ପରିଚାଳନା କରେ। ଏନଟିଏ ଫିସ୍ ଫେରସ୍ତ କରିବାକୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ପାଇଁ ସେମାନଙ୍କର ପସନ୍ଦର ସହର ବାଛିବାର ସ୍ୱାଧୀନତା ଦେବାକୁ ନିଷ୍ପତ୍ତି ନେଇଛି।ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ନିଟ୍ ପରୀକ୍ଷା ୩



ମେ'ରେ ଅନୁଷ୍ଠିତ ହୋଇଥିଲା। ୭ ମେ'ରେ ଖବର ପ୍ରକାଶିତ ହେଲା ଯେ ପରୀକ୍ଷାରେ ଅନୁମାନ ପତ୍ର ପ୍ରଶ୍ନ ପ୍ରକାଶ ପାଇଛି। ଆମେ ତୁରନ୍ତ ଏକ ପ୍ରାରମ୍ଭିକ ତଦନ୍ତ କରିଥିଲୁ ଏବଂ ମାମଲାକୁ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରାଯାଇଥିଲା। ୮ ମେ' ରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ୧୨ ମେ' ରେ ପରୀକ୍ଷା ବାତିଲ କରାଯାଇଥିଲା। ଶିକ୍ଷା ମାଫିଆଙ୍କୁ ପରାସ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ସିବିଆଇ ଏହି ଘଟଣାର ତଦନ୍ତ କରୁଛି। ପରୀକ୍ଷାରେ ହେରଫେର କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଦଣ୍ଡ ଦିଆଯିବ। ପରୀକ୍ଷା ପୁନଃ ପ୍ରଦାନ କରିବାରେ ଛାତ୍ରଛାତ୍ରୀମାନେ ଯେପରି କୌଣସି ଆର୍ଥିକ ବୋଝର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଯତ୍ନ ନିଆଯାଉଛି।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, "ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ। ୧୨୦ଟି ଟେଲିଗ୍ରାମ ଚ୍ୟାନେଲକୁ ଅବରୋଧ କରାଯାଇଛି। ହ୍ୱାଟ୍ସଆପ୍ ମାଧ୍ୟମରେ ନିଟ୍ ସମ୍ବନ୍ଧୀୟ ସାମଗ୍ରୀ ମଧ୍ୟ ପ୍ରସାରିତ ହୋଇଥିଲା। ଆମେ ଭୁଲ କାର୍ଯ୍ୟ କରିବାକୁ ଦେବୁ ନାହିଁ। ଶିକ୍ଷା ମାଫିଆ ଆଗାମୀ ପରୀକ୍ଷାରୁ ଦୂରେଇ ରହିବା ଉଚିତ ନଚେତ୍ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ। କିନ୍ତୁ ବୃହତ ଲକ୍ଷ୍ୟ ପାଇଁ ଏକ କଠୋର ନିଷ୍ପତ୍ତି ନିଆଯାଇଛି।"

# ପ୍ରଶ୍ନପତ୍ର ଲିକ୍‌ର କିଙ୍ଗପିନ ପ୍ରଫେସର କୁଲକର୍ଣ୍ଣି

ନୂଆଦିଲ୍ଲୀ, ୧୫।୫(ମହାଭାରତ): ଦେଶର ୨୨ ଲକ୍ଷ ପିଲାଙ୍କ କ୍ୟାରିୟର ସହ ଖେଳିଥିବା ନିଟ ୟୁଜି ପ୍ରଶ୍ନପତ୍ର ଲିକର କିଙ୍ଗ ପିନଙ୍କୁ ଗିରଫ କରିଛି ସିବିଆଇ। ପୁଣେ ଭିତ୍ତିକ କେମେଷ୍ଟ୍ରୀ ଲେକଚରଙ୍କୁ ସିବିଆଇ ବାନ୍ଧିବାକୁ ସକ୍ଷମ ହୋଇଛି। ଏହି ପ୍ରଫେସର ଜଣଙ୍କ ଅନେକ ନିଟ ଆଶାୟୀଙ୍କୁ ଗୋଟିଏ ଗୁପ୍ତ ଟ୍ୟୁସନ ସେସନ୍ସ ଜରିଆରେ ପ୍ରଶ୍ନ ଗୁଡିକ ଦେଇଥିଲେ ବୋଲି ସିବିଆଇ କହିଛି।



ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପିଭି କୁଲକର୍ଣ୍ଣି। ସେ ନିଟ ପରୀକ୍ଷା କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ପକ୍ଷରୁ ପରୀକ୍ଷା ପ୍ରକ୍ରିୟାରେ ସାମିଲ ଥିଲେ। ମେ' ୩ରେ ହୋଇଥିବା ନିଟ ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ସହ ତାଙ୍କର ସିଧାସଳଖ ଲିଙ୍କ ଥିଲା। ମେ' ୩ରେ ହୋଇଥିବା ନିଟ ୟୁଜି ପରୀକ୍ଷା ଏବେ ପରୀକ୍ଷା ପ୍ରଶ୍ନପତ୍ର ଲିକ ଯୋଗୁ ବାତିଲ ହୋଇ ସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରଫେସର କୁଲକର୍ଣ୍ଣି ବର୍ଷବର୍ଷ ଧରି ନିଟ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲରେ ମଧ୍ୟ ରହିଥିଲେ। କୁଲକର୍ଣ୍ଣି ହେଉଛନ୍ତି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର। ତାଙ୍କୁ ସିବିଆଇ ମେ' ୧୪ରୁ ଜେରା କରିବାକୁ ଉଠାଇ ନେଇଥିଲା। ଏବେ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଛି।

ପ୍ରଫେସର କୁଲକର୍ଣ୍ଣି ଓ ଆଉ ଜଣେ ଅଭିଯୁକ୍ତର ସହାୟତାରେ ପ୍ରଶ୍ନପତ୍ର ଲିକ କରିଥିଲେ ଓ ପ୍ରକୃତ ଉତ୍ତରକୁ ନିଟ ୟୁଜି ଆଶାୟୀଙ୍କୁ ପୁଣେରେ ଆୟୋଜିତ ଗୁପ୍ତ ଟ୍ୟୁସନ ସେସନ୍ସରେ ବୁଝାଇଥିଲେ। ଏପ୍ରିଲ ଶେଷ ସପ୍ତାହରେ ଏହି ଟ୍ୟୁସନ ସେସନ୍ସ ଆୟୋଜନ ହୋଇଥିଲା। କୁଲକର୍ଣ୍ଣିଙ୍କ ସହଯୋଗୀ ମନୀଷ ୱାଘମାରେଙ୍କୁ ସିବିଆଇ ଗୁରୁବାର ଗିରଫ କରିଥିଲା। ସିବିଆଇ ଗୋଟିଏ ବିବୃତିରେ କହିଛନ୍ତି ଯେ କେମେଷ୍ଟ୍ରୀ ଶିକ୍ଷକ କୁଲକର୍ଣ୍ଣି ସ୍ୱଶାଳ କୋଚିଂ କ୍ଲାସ ବେଳେ ପିଲାମାନଙ୍କୁ ପ୍ରଶ୍ନ ସହିତ ଉତ୍ତର ଖାତାରେ ଲେଖିବାକୁ କହିଥିଲେ। ପିଲାମାନେ ଏହାକୁ ନିଜ ଖାତାରେ ଟିପି ରଖିଥିଲେ। ନିଟ ୟୁଜି ୨୦୨୬ ପରୀକ୍ଷାରେ ଆସିଥିବା ପ୍ରଶ୍ନ ସହ ଏହାର ପୂରା ମେଳ ଖାଇଥିଲା। ଘଟଣାର ତଦନ୍ତ ସମୟରେ ସିବିଆଇ ୭ ଜଣଙ୍କୁ ଏଯାଏ ଗିରଫ କରିଛି।

# ଭାରତରେ ୫ ବିଲିୟନ ଡଲାର ନିବେଶ କରିବ ୟୁଏଇ

ନୂଆଦିଲ୍ଲୀ, ୧୫।୫(ମହାଭାରତ):: ମୁଁ ମୋର ଦ୍ୱିତୀୟ ଘରକୁ ଆସିଛି। ଏହି ଭାବନା ମୋ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜି, ଆପଣଙ୍କ ବାୟୁସେନାର ଜେଟ୍ ମୋତେ ସୁରକ୍ଷା ଯୋଗାଇଛି। ଏହା ଭାରତର ଲୋକଙ୍କ ପାଇଁ ଏକ ସମ୍ମାନ।" ଆପଣଙ୍କ ସ୍ୱାଗତ ପାଇଁ ମୁଁ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରୁଛି। ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପରି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁଏଇ ଗସ୍ତରେ ଅଛନ୍ତି। ସେ ଆବୁଧାବିରେ ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କୁ ଭେଟିଛନ୍ତି। ଏହି ଗସ୍ତ ସମୟରେ, ୟୁଏଇ ଭାରତରେ ୫ ବିଲିୟନ ଡଲାର ନିବେଶ ଘୋଷଣା କରିଛି। ଏହି ନିବେଶ ଭାରତୀୟ ଭିତ୍ତିଭୂମି, ଆରବିଏଲ୍ ବ୍ୟାଙ୍କ ଏବଂ ସମ୍ମାନ କ୍ୟାପିଟାଲରେ କରାଯିବ। ଭାରତ ଏବଂ ୟୁଏଇ ମଧ୍ୟରେ ଅନେକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି।

ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତ ସମୟରେ ଅନେକ ବଡ଼ ଘୋଷଣା କରାଯାଇଥିଲା। ଭାରତ ଏବଂ ୟୁଏଇ ମଧ୍ୟରେ ଏକ ରଣନୈତିକ ପ୍ରତିରକ୍ଷା ସହଭାଗୀତା ପାଇଁ ଏକ ଢାଞ୍ଚା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହା ବ୍ୟତୀତ, ଦୁଇ ଦେଶ ରଣନୈତିକ ପେଟ୍ରୋଲିୟମ୍ ସଂରକ୍ଷଣ ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ତରଳ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲପିଜି) ଯୋଗାଣ ଏବଂ ଭାଡିନାରରେ ଏକ ଜାହାଜ ମରାମତି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ସହିତ, ୟୁଏଇ ଭାରତୀୟ ଭିତ୍ତିଭୂମିରେ ୫ ବିଲିୟନ ଆମେରିକୀୟ ଡଲାର ନିବେଶ ଘୋଷଣା କରିଛି।

ଦୁଇ ଦେଶ ପ୍ରତିରକ୍ଷା, ଶକ୍ତି, ଗ୍ୟାସ ଯୋଗାଣ ଏବଂ ଭିତ୍ତିଭୂମି ନିବେଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ୟୁଏଇ ଭାରତରେ ୫ ବିଲିୟନ ଡଲାର ନିବେଶ ଘୋଷଣା ମଧ୍ୟ କରିଛି।



ଭାରତ ଏବଂ ୟୁଏଇ ମଧ୍ୟରେ ଏକ ରଣନୈତିକ ପ୍ରତିରକ୍ଷା ସହଭାଗୀତା ଉପରେ ଏକ ଚୁକ୍ତିନାମା ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବ। ଏହା ବ୍ୟତୀତ, ପେଟ୍ରୋଲିୟମ୍ ଭଣ୍ଡାର ସମ୍ପର୍କରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଲପିଜି (ରାନ୍ଧିବା ଗ୍ୟାସ୍) ଯୋଗାଣ ସମ୍ପର୍କରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତିନାମା ହୋଇଛି, ଯାହା ଭାରତର ଶକ୍ତି ସୁରକ୍ଷାକୁ ଲାଭଦାୟକ କରିବ। ସବୁଠାରୁ ବଡ଼ ଘୋଷଣା ନିବେଶ ସମ୍ପର୍କରେ ଥିଲା। ୟୁଏଇ ଭାରତର ଭିତ୍ତିଭୂମି କ୍ଷେତ୍ର, ଆରବିଏଲ ବ୍ୟାଙ୍କ ଏବଂ ସମ୍ମାନ କ୍ୟାପିଟାଲରେ ମୋଟ ପାଞ୍ଚ ବିଲିୟନ ଡଲାର ନିବେଶ ଘୋଷଣା କରିଛି।

"ମୁଁ ଆପଣଙ୍କ ସହିତ ଫୋନ୍‌ରେ କଥା ହେଉଥିଲି, କିନ୍ତୁ ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବାକୁ ମୁଁ ବହୁତ ଆଗ୍ରହୀ ଥିଲି," ପ୍ରଧାନମନ୍ତ୍ରୀ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ସମୟରେ କହିଥିଲେ। ପ୍ରଧାନମନ୍ତ୍ରୀ ଏବଂ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କ ଉପସ୍ଥିତିରେ ଭାରତ ଏବଂ ୟୁଏଇ ମଧ୍ୟରେ ବୁଝାମଣାପତ୍ର ଆଦାନପ୍ରଦାନ ହୋଇଛି।

ୟୁଏଇ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଆମେ ୟୁଏଇ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛୁ। ୟୁଏଇକୁ ଯେଉଁଭଳି ଭାବରେ ଟାର୍ଗେଟ କରାଯାଇଛି ତାହା ଯେକୌଣସି ପ୍ରକାରେ ଗ୍ରହଣୀୟ ନୁହେଁ। ଜାତୀୟ ଏକତା, ସୁରକ୍ଷା ଏବଂ କ୍ଷେତ୍ରୀୟ ଅଖଣ୍ଡତା ବଜାୟ ରଖିବା ପାଇଁ ଆପଣ ନେଇଥିବା ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଏହି କଷ୍ଟକର ସମୟରେ ୟୁଏଇରେ ଭାରତୀୟ ସମ୍ପ୍ରଦାୟର ଯତ୍ନ ନେବା ପାଇଁ, ସେମାନଙ୍କୁ ଆମର ନିଜ ଲୋକଙ୍କ ପରି ବ୍ୟବହାର କରିବା ପାଇଁ ମୁଁ ୟୁଏଇ ସରକାର, ଆପଣ ଏବଂ ରାଜପରିବାରକୁ ଆନ୍ତରିକ ଭାବରେ ଧନ୍ୟବାଦ ଜଣାଉଛି।"

# ଆଜି ସାବିତ୍ରୀ ବ୍ରତ : ଆକାଶ ଛୁଆଁ ଫଳ ଦର

ଭୁବନେଶ୍ୱର, ୧୫।୫(ମହାଭାରତ): ରାତି ପାହିଲେ ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ ଓ କଲ୍ୟାଣ କାମନା କରି ଓଡ଼ିଶାର ସଧବା ନାରୀ ପାଳନ କରିବେ ଏହି ବ୍ରତ। ଏହି ଅବସରରେ ନୂଆ ଶାଢ଼ି, ଶଙ୍ଖା ଓ ଶୃଙ୍ଗାର ସାମଗ୍ରୀ ପରିଧାନ କରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ପର୍ବ ପାଇଁ ଏବେ ସପିଙ୍ଗ ମଲରୁ ଆରମ୍ଭ କରି ଶାଢ଼ି, ଗହଣା, ଷ୍ଟେସନାରି ଏବଂ ଫଳ ଦୋକାନ ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ପରିବେଶ। ରେଶମ ସହର ବ୍ରହ୍ମପୁରରେ ବି ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ପୂଜାକୁ ଆଖି ଆଗରେ ରଖି ପ୍ରତି ଛକରେ ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ଏହି ଉତ୍ସବର ଆନନ୍ଦ ଭିତରେ ସାଧାରଣ ଖାଉଟିଙ୍କ ପକେଟକୁ ବାଧୁଛି ବର୍ଦ୍ଧିତ ମୂଲ୍ୟ। ସାବିତ୍ରୀ ପାଇଁ ଫଳର ଦର ଆକାଶଛୁଆଁ ହୋଇଛି, ଯାହା ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି।



ଏହି ମହଙ୍ଗା ମାଡ଼ ସାଧାରଣ ମଧ୍ୟବିତ୍ତ ପରିବାର ପାଇଁ ବଡ଼ ବୋଝ ସଦୃଶ ହୋଇଛି। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ବିବାହିତ ଝିଅ ଘରକୁ 'ସାବିତ୍ରୀ ଭାର' ପଠାଇବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ପରମ୍ପରା ରକ୍ଷା କରିବା ପାଇଁ ଝିଅ ଘରକୁ ଭାର ନେଇ ଯିବାକୁ ଲୋକେ ବାଧ୍ୟ ହୋଇ ଫଳ ଦୋକାନରେ ପ୍ରବଳ ଭିଡ଼ ଜମାଉଛନ୍ତି ଏବଂ ଚଢ଼ା ଦରରେ ଜିନିଷ କିଣୁଛନ୍ତି। ପକେଟକୁ ବାଧୁଥିଲେ ମଧ୍ୟ, ସାମାଜିକ ରୀତିନୀତି ଏବଂ ସ୍ନେହର ସମ୍ପର୍କ ଆଗରେ ଗ୍ରାହକ ଅସହାୟ ହୋଇ ଏହି ବର୍ଦ୍ଧିତ ମୂଲ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି। ବ୍ରହ୍ମପୁରର ଗୋସାଇଁ ନୂଆଗାଁ, ବିଜିପୁର, ଗିରି ମାର୍କେଟ, ଏସ୍‌ବିଆର ମହିଳା କଲେଜ ସମ୍ମୁଖ ରାସ୍ତା, କମାପଲ୍ଲୀ, ହରିଡ଼ାଖଣ୍ଡି ଏବଂ ଇଂଜିନିୟରିଂ ସ୍କୁଲ ଛକ ଆଦି ପ୍ରମୁଖ ରାସ୍ତାକଡ଼ରେ ଭଳିକି ଭଳି ଫଳର ପସରା ଦେଖିବାକୁ ମିଳିଛି। ମୁଖ୍ୟତଃ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ପଣସ, ତାଳ ଓ ଆମ୍ବ ଆଣି ମହିଳା ବ୍ୟବସାୟୀମାନେ ଏଠାରେ ବିକ୍ରି କରୁଛନ୍ତି। ଫଳ ବ୍ୟତୀତ ପୂଜା ଥାଳି ପାଇଁ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଶୃଙ୍ଗାର ପୁଟୁଳିର ଚାହିଦା ମଧ୍ୟ ଖୁବ୍ ଅଧିକ ରହିଛି। ଏହି ପୁଟୁଳି ମଧ୍ୟରେ ସିନ୍ଦୂର, ବ୍ରତ, ଆଇନା, କାଠ ପାନିଆ, କଳାମାଳି, ଗୁଆ ଓ ଅଳତା ଆଦି ସାମଗ୍ରୀ ରହିଛି, ଯାହାକୁ ମାତ୍ର ୨୦ ଟଙ୍କାରେ ବିକ୍ରି କରାଯାଉଛି। ଶୃଙ୍ଗାର ସାମଗ୍ରୀର ମୂଲ୍ୟ କିଛି ମାତ୍ରାରେ ଆଶ୍ୱାସନା ଦେଉଥିଲେ ମଧ୍ୟ, ଫଳ ବଜାରର ଅହେତୁକ ଦର ବୃଦ୍ଧି ଚଳିତ ବର୍ଷ ସାବିତ୍ରୀ ବ୍ରତର ବଜେଟ୍‌କୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି।

# ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୧୫।୫(ମହାଭାରତ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଆଉ ୨ ପ୍ରତିଶତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହାସହିତ ରାଜ୍ୟ କର୍ମଚାରୀଙ୍କ ମୋଟ୍ ମହଙ୍ଗା ଭତ୍ତା(ଡିଏ) ୫୮ରୁ ୬୦ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ପହିଲାରୁ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମଇମାସ ଦରମାରେ ନଗଦ ଆକାରରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ୬୦ ପ୍ରତିଶତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ମାସରୁ ମିଳିବ। ରାଜ୍ୟ ସରକାରଙ୍କ ପେନସନଭୋଗୀମାନଙ୍କୁ ମଧ୍ୟ ଟିଆଇରେ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ବର୍ଦ୍ଧିତ ପେନସନକୁ ମଇ ମାସର ପେନସନରେ ନଗଦ ଆକାରରେ ପାଇବେ। ମୋଟ ୮ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜରେ ସୂଚନା ଦିଆଯାଇଛି।ଅନ୍ୟପକ୍ଷରେ ଅର୍ଥ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଯୋଗୁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ପ୍ରାୟ ୫୦୦ରୁ ୬୦୦କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ।

# ଚାଳକଙ୍କୁ ପିଟି ପିଟି ମାରିଦେଲେ

ସୁନ୍ଦରଗଡ, ୧୫।୫(ମହାଭାରତ): ସୁନ୍ଦରଗଡ ଭଷ୍ମା ଅଞ୍ଚଳରେ ଏକ ଭିଡ ହତ୍ୟା ଘଟିଛି। ଦୁର୍ଘଟଣା ଘଟାଇଥିବା ଜଣେ ଚାଳକକୁ ଅନ୍ୟ ଚାଳକମାନେ ପିଟିପିଟି ହତ୍ୟା କରିଛନ୍ତି। ମୃତ ଚାଳକ ହେଲେ ଭଷ୍ମା ଥାନା ଗୁଲଠା ଗାଁର ରାଜେଶ ମୁଣ୍ଡା (୩୬)। ଭଷ୍ମା ଥାନାରେ ସୁନ୍ଦରଗଡ ରଙ୍ଗାଡିପା ନିରଞ୍ଜନ ନଗରର ସମରେନ୍ଦ୍ର ପରିଡା ଦେଇଥିବା ଏତଲା ଅନୁସାରେ, ରାଜେଶ ତାଙ୍କ ପିକ୍‌ଅପ୍ ଭ୍ୟାନ୍ (ଓଡି ୧୬ବି ୪୨୭୭)ର ଚାଳକ ଭାବେ କାର୍ଯ୍ୟ କରନ୍ତି।



ଶୁକ୍ରବାର ଅପରାହ୍ଣରେ ଏକ ଟ୍ରକ୍‌ର ଟାୟାର୍ ମରାମତି କାମ କରିବାକୁ ଯାଇ ଫେରୁଥିଲେ। ଏହି ସମୟରେ ସୁରଡା ଛକରେ ହଠାତ ରାସ୍ତା ଉପରକୁ ଚାଲି ଆସିଥିବା ଜଣେ ଟ୍ରେଲର୍ ଚାଳକ ମୁକେଶ ଯାଦବଙ୍କୁ ବଲେରୋ ପିକ୍‌ଅପ୍ ଧକ୍କା ଦେଇଥିଲା।ମୁକେଶଙ୍କ ଗୋଡ ଭାଙ୍ଗିଯିବା ସହ ଗୁରୁତର ଆହତ ହେଲେ। ଦୁର୍ଘଟଣା ପରେ ରାଜେଶ ପଳାଇ ନଯାଇ ଆହତଙ୍କୁ ଡାକ୍ତରଖାନା ନେବ ବୋଲି ଗାଡି ଅଟକାଇଥିଲେ। ଏହି ସମୟରେ ଛକରେ ଥିବା ଅନ୍ୟ ଟ୍ରେଲର ଚାଳକମାନେ ରକ୍ତମୁଖା ହୋଇ ରାଜେଶଙ୍କୁ ଘେରି ଯାଇ ଲୁହରଡ଼ରେ ମାଡମାରି ଦରମରା କରି ଦେଇଥିଲେ। ସେ ରକ୍ତାକ୍ତ ହୋଇ ତଳେ ପଡିଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଓ ଆହତ ମୁକେଶଙ୍କୁ ସେହି ଗାଡିରେ ଚାଳକମାନେ ସୁନ୍ଦରଗଡ ବଡ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନା ପହଞ୍ଚିବାର କିଛି କ୍ଷଣ ପରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିବା ସହ ପୁଲିସକୁ ସୂଚିତ କରିଥିଲେ। ରାଜେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଆହତ ମୁକେଶଙ୍କ ଚିକିତ୍ସା ଚାଲିଛି। ଚାଳକ ମନୀଷ କୁମାର, ବିକାଶ କୁମାର ଓ ଅମ୍ରିତ ଲାଲ ଆକ୍ରମଣକାରୀ ବୋଲି ସମରେନ୍ଦ୍ର ପରିଡା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଳାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

## ଜନ୍ମଦିନରେ ରିଲିଜ୍ ହେବ ନୂଆ ମୁଖ୍ୟମନ୍ତ୍ରୀଙ୍କ 'ଜନ ନାୟକନ'




ତାମିଲନାଡୁ ନିର୍ବାଚନରେ ବିଜୟ ପରେ ବିଜୟଙ୍କ ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଛି । ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜନ ନାୟକନ' ପୁଣିଥରେ ଖବରରେ ରହିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମଟି ଖୁବ୍ ଶୀଘ୍ର ସିନେମା ହଲରେ ଆସିପାରେ । ଯାହାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ପ୍ରଥମେ ଜାନୁଆରୀରେ ମୁକ୍ତିଲାଭ କରିବାକୁ ସ୍ଥିର କରାଯାଇଥିଲା, କିନ୍ତୁ ବିଭିଓ ସମସ୍ୟା ଯୋଗୁଁ ଏହାର ସିନେମା ହଲରେ ରିଲିଜ ହୋଇପାରିନଥିଲା ।ଖବର ଅନୁଯାୟୀ, ନିର୍ମାତାମାନେ ବିଜୟଙ୍କ ଜନ୍ମଦିନ ସହିତ ଜୁନ୍ ୨୨ ତାରିଖରେ ଜନ ନାୟକନ ରିଲିଜ୍ କରିବାକୁ ଯୋଜନା କରୁଛନ୍ତ। ଏହି ଖବର ପାଇଁ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି ।ଏହି ଫିଲ୍ମରେ ପୂଜା ହେଗଡେ, ବବି ଦେଓଲ, ମମିତା ବୈଜୁ ଏବଂ ଗୌତମ ବାସୁଦେବ ମେନନଙ୍କ ଭଳି ବଡ଼ ବଡ଼ ତାରକା ମାନେ ନଜର ଆସିବେ । ଏଚ୍. ବିନୋଦଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ଫିଲ୍ମକୁ ବିଜୟଙ୍କ ଶେଷ ଫିଲ୍ମ ବୋଲି ମନେ କରାଯାଉଥିବାରୁ ପ୍ରଶଂସକମାନଙ୍କ ମଧ୍ୟରେ ଏହାକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି । ନିର୍ମାତାମାନେ ଏହା ମଧ୍ୟ କହିଛନ୍ତି ଯେ, ଜନ ନାୟକନ କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଏହା ତାମିଲନାଡୁର ନୂଆ ରାଜନୈତିକ ଚିନ୍ତାଧାରା ଏବଂ ପରିବର୍ତ୍ତନର ପ୍ରତୀକ ପାଲଟିଛି ।ବର୍ତ୍ତମାନ ବିଜୟ ତାଙ୍କର ରାଜନୈତିକ ଦାୟିତ୍ୱ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଛନ୍ତି, ତେଣୁ ନିର୍ମାତା ଆଗାମୀ ସପ୍ତାହଗୁଡ଼ିକରେ ତାଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ଫିଲ୍ମର ରିଲିଜ୍ ଡେଟ୍ ବିଷୟରେ ଆଲୋଚନା କରିବାକୁ ଯୋଜନା କରୁଛନ୍ତି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ପ୍ରଶଂସକଙ୍କ ପାଇଁ ଏକ ସ୍ୱତନ୍ତ୍ର ଦୁଇ ମିନିଟର ଭିଡିଓ ବାର୍ତ୍ତା ରେକର୍ଡ କରିବାକୁ ଦଳ ବିଜୟଙ୍କୁ ଅନୁରୋଧ କରିବାକୁ ମଧ୍ୟ ଯୋଜନା କରୁଛି

## ଓଜନ ହ୍ରାସ କରେ କେଶର

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍ । ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ । ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।

କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର,ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

## ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।



## ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- "ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।" (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସେନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ୍ୟ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ୍ୟ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦୁବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଥିର ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ୍ୟ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁତ୍ୱ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚିତ୍ ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ୍ୟ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।



## ଝୋଟି ଓ ଚିତା ପକାଇଲେ ଘରର ସମୃଦ୍ଧି ହୁଏ

ଆମେ ସମସ୍ତେ ମାଣବସା ଗୁରୁବାର ଝୋଟି ବିଷୟରେ ଅଳ୍ପ ବହୁତ ଜାଣିଛୁ। ତେବେ ମାଣବସା ଗୁରୁବାର ଝୋଟି ବାଦ୍ ଆମ ରାଜ୍ୟରେ ଆହୁରି ଅନେକ ପୂଜା ପର୍ବରେ ଭିନ୍ନ ଭିନ୍ନ ଆକୃତିର ଝୋଟି ଦିଆଯାଇଥାଏ। ସେଥିମଧ୍ୟରୁ କେତୋଟି










ଚିତା ବିଷୟରେ ଉଲ୍ଲେଖ କରିବକୁ ଚେଷ୍ଟା କରିଛୁ। ସେଥିମଧ୍ୟରୁ ଗୋଟିଏ ହେଉଛି

ଗଦାପଦ୍ମ ଚିତା : ମାଘ ମାସରେ ତୁଳସୀ ଗଛ ମୂଳେ ଗଦାପଦ୍ମ ଚିତା ଅଙ୍କାଯାଏ। ବିଶ୍ୱାସ କରାଯାଏ ମାଘ ମାସରେ ପୂଜା କୋଠରୀ ଏବଂ ଦ୍ୱାର ଆଗରେ ଗଦାପଦ୍ମ ଚିତା ପକାଇବା ଦ୍ୱାରା ଘରର ଶ୍ରୀ ବୃଦ୍ଧି ପାଇଥାଏ ।

ଛନ୍ଦ ପିଢ଼ାପଦ୍ମ : ଆଉ ଗୋଟିଏ ଚିତା ହେଉଛି ଛନ୍ଦ ପିଢ଼ାପଦ୍ମ। ଏହି ଝୋଟି ବୃତ୍ତାକାର ହୋଇଥିଲେ ମଧ୍ୟ ଜ୍ୟାମିତିକ ଡିଜାଇନ୍‌ର ଝଲକ ଅତି ସ୍ପଷ୍ଟ। କିଛି କିଛି ଓଡ଼ିଆ ଘରେ ନାଗ ଚତୁର୍ଥୀ ଦିନ ଘର ଆଗରେ ଅଙ୍କା ଯାଇଥାଏ ଛନ୍ଦ ପିଢ଼ାପଦ୍ମ ଚିତା। କେହି କେହି ତୁଳସୀ ଚଉରା ମୂଳରେ ଏହି ଚିତା ପକାଇ ଥାଆନ୍ତି। ତେବେ ଏହି ଚିତା କେବଳ ଅରୁଆ ଚାଉଳ ପିଠଉରେ ନୁହେଁ, ବରଂ ରଙ୍ଗବେରଙ୍ଗୀ ମୁରୁଜରେ ମଧ୍ୟ ପଡ଼ିଥାଏ । ଏହାର ବିଭିନ୍ନ ଶୈଳୀ ଥିଲେ ମଧ୍ୟ କେନ୍ଦ୍ର ଭାଗରେ ଯାହା ଅଙ୍କା ଯାଇଥାଏ ତାହା ହିଁ ଏହି ଚିତାର ମୂଳ ଆକର୍ଷଣ । ଗୋଟିଏ ଉପରେ ଆଉ ଗୋଟିଏ ପଦ୍ମ ପାଖୁଡ଼ା ଆକୃତିର ରେଖାଚିତ୍ରର ସମାହାର ଏହି ଝୋଟିର ବିଶେଷତ୍ୱ।

ଅନନ୍ତ ବ୍ରତ ମଣ୍ଡଳ : ଉପରୋକ୍ତ ଦୁଇଟି ଚିତା ବ୍ୟତୀତ ଓଡ଼ିଶାର ଗାଁ ଗହଳିରେ ଏବେ ବି ପଡୁଥିବା ଝୋଟି ମଧ୍ୟରେ ଅନନ୍ତ ବ୍ରତ ମଣ୍ଡଳ ଅନ୍ୟତମ। ଭାଦ୍ରବ ମାସରେ ଅନନ୍ତ ବ୍ରତ ଦିନ ଏହି ଝୋଟି ପଡ଼ିଥାଏ। ଏହି ଝୋଟିରେ ଅନନ୍ତନାଗଙ୍କୁ ଦର୍ଶା ଯାଇଥାଏ। ଝୋଟି ମଧ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ୍ୟ ଅଙ୍କା ଯାଇଥାଏ। ଅନନ୍ତବ୍ରତ ମଣ୍ଡଳରେ ପ୍ରଥମେ ଢାଉରେ ରଙ୍ଗ କରାଯାଇ ତାହା ଉପରେ ଅରୁଆ ଚାଉଳର ଝୋଟି ପକାଯାଏ। ଏହି ଚିତା ଏମିତି ଭାବେ ଅଙ୍କା ଯାଇଥାଏ ଯେମିତି ଅନନ୍ତନାଗଙ୍କର ମୁଣ୍ଡ ଏବଂ ଲାଞ୍ଜ ଗୋଟିଏ ଜାଗାରେ ଆସି ମିଶିଥିବେ ।

ବେଲପତ୍ରି ମଣ୍ଡଳ ଚିତା : ଆଉ ଗୋଟିଏ ପ୍ରକାରର ଚିତା ହେଉଛି ବେଲପତ୍ରି ମଣ୍ଡଳ ଚିତା। ଶିବରାତ୍ରି ଅବସରେ ପଞ୍ଚବର୍ଣ୍ଣୀ ମୁରୁଜରେ ଅଙ୍କା ଯାଇଥାଏ ବେଲପତ୍ରି ମଣ୍ଡଳ ଚିତା। ବିଶ୍ୱାସ କରାଯାଏ ମହାଶିବରାତ୍ରି ଦିନ ଯଦି ଜଣେ ନିଃସନ୍ତାନ ମହିଳା ବେଲପତ୍ରି ମଣ୍ଡଳ ଚିତା ଆଙ୍କି ରାତି ସାରା ପଞ୍ଚାକ୍ଷରି ମନ୍ତ୍ର ଜପ କରିଥାନ୍ତି ତେବେ ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥାଏ। ଏହି ଚିତା ବ୍ୟତୀତ ଆଉ ଯେଉଁ ସବୁ ଝୋଟି ପଡ଼ିଥାଏ ତାହା ମଧ୍ୟରେ ଶଙ୍ଖ ମଣ୍ଡଳ, ମଣ୍ଡଳ ପଦ୍ମ, କବାଟ ପଦ୍ମ ଅନ୍ୟତମ। ଦୋଳପୂର୍ଣ୍ଣିମା ଦିନ ଶଙ୍ଖ ମଣ୍ଡଳ ଅଙ୍କନ କରାଯାଉଥିବା ବେଳେ ଚତୁର୍ମାସ୍ୟ ଗୁରୁବାରରେ ଘରର ମୁଖ୍ୟ କବାଟରେ ଅଙ୍କା ଯାଇଥାଏ କବାଟ ପଦ୍ମ। ସେହିପରି ଗୁରୁବାର ଲକ୍ଷ୍ମୀପୂଜାରେ କବାଟ ଓ ଚଟାଣରେ ମଣ୍ଡଳ ପଦ୍ମ ଅଙ୍କାଯାଏ।

# ସୁଦୃଢ଼ ହେବ ଭାରତର ଅଭିନବ ଗବେଷଣା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ, ୧୫।୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍‌ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । 'ବିକଶିତ ଭାରତ' ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ-ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

## କଟକ ଡିଜି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, ୧୫।୫(ମହାଭାରତ) ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଗୁରୁବାର କଟକରେ ଡିଜି ଅଫିସ୍ ସାମ୍ନାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାରରେ ହିଂସା ବଢୁଛି, ଦେଶରେ ଓଡ଼ିଶା ଲଜ୍ଜିତ ହେଉଛି । ଡବଲ୍ ଇଞ୍ଜିନ ସରକାର ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି । ବାଲିଅନ୍ତାଠାରୁ ନୟାଗଡ଼ ପର୍ଯ୍ୟନ୍ତ ପ୍ରତିଦିନ ହତ୍ୟା, ଲୁଟ୍ ତରାଜ ଓ ନାରୀ ନିର୍ଯାତନା ଭଳି ଜଘନ୍ୟ କାଣ୍ଡ ଘଟିଚାଲିଛି । ଏହାକୁ ନେଇ ଶାନ୍ତିପ୍ରିୟ ଓଡ଼ିଶାକୁ ଅପରାଧର ଗଡ଼ରେ ପରିଣତ କରିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି ତାହାକୁ କେବେ ସଫଳ କରିବାକୁ ଦିଆଯିବ ନାହିଁ ।

# ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି ମୋଦି

ଭୁବନେଶ୍ୱର, ୧୫।୫(ମହାଭାରତ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି ଉତ୍ସବ ଜୁନ ୧୨ରୁ ୧୦ ଦିନ ଧରି ପାଳନ ହେବ । ଦୁଇ ବର୍ଷ ପୂର୍ତି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇପାରନ୍ତି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମୁଖ୍ୟମନ୍ତ୍ରୀଙ୍କ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଖର୍ଚ୍ଚ ଯୁକ୍ତ ନୁହେଁ ଖର୍ଚ୍ଚ କାଟ ହେବ । କେବଳ ସାଂକେତିକ ଭାବେ ରାଜ୍ୟ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପାଳନ ହେବ । ଦୁଇ ବର୍ଷ ପୂର୍ତି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବୁ । ସେ ସମୟ ସ୍ଥିର କରିବେ । ଜୁନ ୧୨ରୁ ୧୦ ଦିନ ଧରି ବର୍ଷ ପୂର୍ତି ପାଳନ ହେବ । ଜୁନ ୧ରୁ ସମସ୍ତ ବିଭାଗର ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବେ । ଏହା ସହ ସ୍ୱାମ୍ବାଦିକ ସମ୍ମିଳନୀରେ ରିପୋର୍ଟ କାର୍ଡ ସମ୍ପର୍କରେ ମନ୍ତ୍ରୀ ଆଉ ସଚିବ ସୂଚନା ଦେବେ । ସମସ୍ତ ମନ୍ତ୍ରୀ ମାନଙ୍କୁ ରିପୋର୍ଟ କାର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି ।



ସୂଚନାଯୋଗ୍ୟ ଯେ ଗୁରୁବାର ଦିନ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ନେଇ ଲୋକ ସେବା ଭବନରେ ବୈଠକ କରିଥିଲେ ମୁଖ୍ୟମନ୍ତ୍ରୀ । ଯେଉଁଥିରେ ଦୁଇ ଉପ ମୁଖ୍ୟମନ୍ତ୍ରୀ , ଆଇନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ପଂଚାୟତିରାଜ ମନ୍ତ୍ରୀ ଉପସ୍ଥିତି ଥିଲେ ।

# ଅଚ୍ୟୁତ ସାମନ୍ତ ଆମେରିକାରେ ସମ୍ମାନିତ




ଭୁବନେଶ୍ୱର, ୧୫।୫(ମହାଭାରତ): କିସ୍ ଜରିଆରେ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ୍ ଆମେରିକାନ ଷ୍ଟଡିଜ୍ ବିଭାଗ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଶେଷ ସ୍ୱୀକୃତି ସହ ସମ୍ମାନୀତ କରାଯାଇଛି । ମାନବିକତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ମୋଣ୍ଟାନାରେ ଏପରି ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଓ ଅଣ-ଆମେରିକୀୟ ।ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ଲିଗାସି ଅଫ୍ କମ୍ପାସନ୍: ହନରିଂ ଅଚ୍ୟୁତ ସାମନ୍ତ ଆଣ୍ଡ ଦି ଆର୍ଟ ଅଫ୍ ଗିଭିଂ'ରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ମୋଣ୍ଟାନା ଗଭର୍ଣ୍ଣର ଗ୍ରେଗ୍ ଜିଆନଫର୍ଟ, ଭାରତର କନସଲ ଜେନେରାଲ ପ୍ରକାଶ ଗୁପ୍ତା, ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍‌ସିଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିକି ଗାଇସଲର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ସଭାପତି ଡ ବ୍ରକ୍ ଟେସମ୍ୟାନ୍ ତାଙ୍କୁ ସମ୍ମାନୀତ କରିଥିଲେ । ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ ଆମେରିକାନ୍ ଷ୍ଟଡିଜ୍ ବିଭାଗକୁ ଯୁକ୍ତରାଷ୍ଟ୍ରର ମୂଳ ଆମେରିକୀୟଙ୍କ ବିଷୟରେ ଅଧ୍ୟୟନ ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ ।

ସେହିପରି ମୋଣ୍ଟାନା ଆମେରିକାର ଏକ ଜନଜାତି ବହୁଳ ରାଜ୍ୟ ହୋଇଥିବା ବେଳେ ସେଠାକାର ପାରମ୍ପରିକ ଜନଜାତି ଢ଼ଙ୍ଗରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ମୂଳ ଆମେରିକୀୟ ଜନଜାତି ସଂପ୍ରଦାୟ ଦ୍ୱାରା ଶ୍ରୀ ସାମନ୍ତଙ୍କୁ ସେମାନଙ୍କର ପବିତ୍ର ଜନଜାତି କମ୍ବଳ ସହିତ ଆଧ୍ୟାତ୍ମିକ ଢ଼ଙ୍ଗରେ ସମ୍ମାନିତ କରାଯାଇଥିଲା । ଏହା ସେମାନଙ୍କ ପରମ୍ପରାରେ ଏକ ବିଶେଷ ସମ୍ମାନର ଚିହ୍ନ । ସୂଚନାଯୋଗ୍ୟ ମୋଣ୍ଟାନରୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିଟ୍ କିସ୍ ପରିଦର୍ଶନରେ ଆସି ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ । ସେମାନେ ଫେରିବା ପରେ ଶ୍ରୀ ସାମନ୍ତଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ ।

## ବିସ୍ଥାପିତଙ୍କ ପାଇଁ କଂଗ୍ରେସର ଗଣଧାରଣା

ଭୁବନେଶ୍ୱର, ୧୫।୫(ମହାଭାରତ): ବିସ୍ଥାପିତ ଓ ଆଦିବାସୀଙ୍କ ଜଳ ଜମି ଜଙ୍ଗଲ ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ମଇ ୬ ତାରିଖରୁ ଢ଼ିଙ୍କିଆରୁ ଆରମ୍ଭ ହୋଇଥିବା ଗାନ୍ଧିପଥେ ନ୍ୟାୟ ପଦଯାତ୍ରା ଗୁରୁବାର ଭୁବନେଶ୍ୱର ପହଂଚି ଲୋୟର ପିଏମଜି ଛକରେ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଥିଲା ।ଏହି ବିଶାଳ ଗଣଧାରଣାରେ ହଜାର ହଜାର ବିସ୍ଥାପିତଙ୍କ ସମେତ ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତାବୃନ୍ଦ ଯୋଗ ଦେଇଥିଲେ ।

ଏହି ଧାରଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ, ଶିଳ୍ପାନୁଷ୍ଠାନ ମାନଙ୍କ ଅମାନବୀୟ ଅତ୍ୟାଚାର ଓ ସରକାରଙ୍କ ନିରବତାକୁ ନେଇ ଘୋର ସମାଲୋଚନା କରିଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ଜମି ହରାଇଥିବା ପ୍ରତ୍ୟେକ ବିସ୍ଥାପିତଙ୍କୁ ଶିଳ୍ପାନୁଷ୍ଠାନର ସେୟାର ହୋଲଡର କରିବୁ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଥିଲେ ।ପୁଣି କହିଥିଲେ ଯେ, ବିସ୍ଥାପନ ଗ୍ରାମସଭା ମାଧ୍ୟମରେ ଆଇନ ଅନୁଯାୟୀ ହେବା ଉଚିତ ଏବଂ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ରାଜ୍ୟର ସମସ୍ତ ବିସ୍ଥାପିତଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ପାଇଁ ଲଢେଇ ଏମିତି ରାଜରାସ୍ତାରେ ଚାଲୁ ରହିବ ।ପିସିସି ସଭାପତି ତଥା ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିବା ଧାରଣା ମଂଚରେ ଉପସ୍ଥିତ ଥିବା ନେତୃ ମଣ୍ଡଳୀ ରାଜ୍ୟ ପ୍ରଭାରୀ ଅଜୟ ଲାଲ୍ଲୁ ସହ ପ୍ରଭାରୀ ଜେଟି କୁସୁମ କୁମାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପଦଯାତ୍ରା ଅଧକ୍ଷ ସୁରେଶ ରାଉତରାୟ, ସାଂସଦ ସପ୍ତଗିରି ଉଲାକା, ବିଧାୟକ ତାରା ପ୍ରସାଦ ବାହିନୀପତି, ଅଶୋକ ଦାସ, ସିଏସ ରାଜେନ ଏକ୍କା, ମଙ୍ଗୁ ଖିଲ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ,ପୂର୍ବତନ ସାଂସଦ ଅନନ୍ତ ସେଠୀ, ଆଇଏନଟିୟୁସି ଅଧକ୍ଷ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ତଥା ଅନୁସୂଚିତ ଜାତି ଅଧକ୍ଷ ଯୋଶବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଡଃ ଲଲାଟେନ୍ଦୁ ମହାପାତ୍ର, ପିସିସି ଉପସଭାପତି ସସ୍ମିତା ବେହେରା, ମହିଳା କଂଗ୍ରେସ ଅଧକ୍ଷା ମିନାକ୍ଷୀ ବାହିନୀପତି, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଆଦି ସମସ୍ତ ବକ୍ତାଗଣ ନିଜ ବକ୍ତବ୍ୟରେ ସରକାରଙ୍କ ବିସ୍ଥାପନ ନୀତି ଉପରେ ଅଭିମୁଖ୍ୟକୁ କଠୋର ସମାଲୋଚନା କରିବା ସହ ବିସ୍ଥାପିତଙ୍କ ସହିତ କଂଗ୍ରେସର ପ୍ରତିବଦ୍ଧତା ଘୋଷଣା କରିଥିଲେ ।

# ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣ ସମୀକ୍ଷା ବୈଠକ ସିଟିଜେନ ଫିଡ୍ ବ୍ୟାକ୍ ସଂଗ୍ରହ ଉପରେ ଗୁରୁତ୍ୱ

ଭୁବନେଶ୍ୱର , ୧୫।୫(ମହାଭାରତ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ମଞ୍ଚାସୀନ ଥିଲେ । ଏହି ବୈଠକରେ ସମସ୍ତ ସ୍ୱଚ୍ଛ ସାଥୀ, ପରିମଳ ନିରୀକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜେଇସି, ଆଇଇସି ପ୍ରମୁଖ ଉପସ୍ଥିତ ଥିଲେ । ସଂପ୍ରତି ନାଗରିକମାନଙ୍କର ମତାମତ ସଂଗ୍ରହ ଜାରି ରହିଛି । ଅଧିକରୁ ଅଧିକ ସଂଖ୍ୟକ ନାଗରିକଙ୍କୁ ଏଥିରେ ସାମିଲ କରି ସେମାନଙ୍କର ସକରାତ୍ମକ ମତାମତ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଲୋକମାନେ ଆଗ୍ରହର ସହ ସେମାନଙ୍କର ମତାମତ ଦେଉଛନ୍ତି । ତେବେ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଓଟିପି ଦେବାକୁ ଲୋକେ ଅରାଜି ହେଉଥିବା ନେଇ ସ୍ୱଚ୍ଛସାଥୀମାନେ କହିଥିଲେ । ସ୍ୱଚ୍ଛ ସର୍ବେକ୍ଷଣ ଫିଡ୍ ବ୍ୟାକ୍ ପାଇଁ ଆସୁଥିବା ଓଟିପି କୌଣସି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ ନାହିଁ ବୋଲି ଲୋକମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି । ଏହା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏକ କୋର୍ଡ । ଏହି କୋର୍ଡ ଜରିଆରେ କେଉଁଲୋକ କେଉଁ ମୋବାଇଲରୁ ମତାମତ ଦେଇଛନ୍ତି, କେବଳ ତାହା ଜାଣିବା ପାଇଁ ଉଦ୍ଦିଷ୍ଟ । ଏଥିରେ କାହାରି ଡାଟା କିମ୍ବା କୌଣସି ତଥ୍ୟ ପ୍ରକାଶ ପାଇବ ନାହିଁ କିମ୍ବା ହ୍ୟାକ୍ ହେବାର ସମ୍ଭାବନା ନାହିଁ ବୋଲି ବିଏମ୍ ସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । କେବଳ ସେତିକି ନୁହେଁ, ମତାମତ ଦେଉଥିବା ବ୍ୟକ୍ତିଙ୍କର ସମସ୍ତ ତଥ୍ୟ ଗୋପନୀୟ ରହିବ । ଏଥିପାଇଁ ଜନ ସାଧାରଣ ଭୟ କରିବାର କିଛି ନାହିଁ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି ।

ଜନ ସାଧାରଣଙ୍କ ସହଯୋଗରେ ସ୍ୱଚ୍ଛତାର ପାହାଚରେ ଦିନକୁ ଦିନ ଆଗେଇ ଚାଲିଛି ସ୍ମାର୍ଟ ସିଟି ଭୁବନେଶ୍ୱର । ଚଳିତ ବର୍ଷ, ସ୍ୱଚ୍ଛ ସର୍ବେକ୍ଷଣରେ, ଦେଶର ମୋଟ ୪୭୮୯ ଗୋଟି ସହର ମଧ୍ୟରେ ଭୁବନେଶ୍ୱର ମଧ ଭାଗ ନେଇଛି । ତେଣୁ, ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଏକ ନମ୍ବର ସ୍ୱଚ୍ଛ ସହର କରିବା ପାଇଁ ଭୁବନେଶ୍ୱରବାସିଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ । ସ୍ମାର୍ଟ ସିଟି ଭୁବନେଶ୍ୱର ଜଣେ ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ଆପଣ ନିଜ ନିଜର ମୋବାଇଲରେ ଗୁଗଲକୁ ଯାଇ ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ ରେ କ୍ଲିକ୍ କରନ୍ତୁ କିମ୍ବା ବିଏମ୍ ସି ସଫେଇ ଗାଡିରେ ଲାଗିଥିବା କ୍ୟୁଆର କୋର୍ଡ ସ୍କାନ କରି ଆମ ସହର ଭୁବନେଶ୍ୱରକୁ ଏକ ନମ୍ବର କରିବା ପାଇଁ ଏଥିରେ ଥିବା ୧୩ ଗୋଟି ପ୍ରଶ୍ନର ସକରାତ୍ମକ ଉତ୍ତର ଦେବାକୁ କୁହାଯାଇଛି । ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ କ୍ଲିକ୍ କରି ଉତ୍ତର ଦେବା ସହ ଭୁବନେଶ୍ୱରକୁ ଏକନମ୍ବର କରିବାରେ ସହାୟକ ହେବା ପାଇଁ ବିଏମ୍ ସି ଅଂଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକଙ୍କୁ ଅନୁରୋଧ କରାଯାଇଛି ।

## କେନ୍ଦୁଝରରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ୩୮ ନବ ଦମ୍ପତିଙ୍କୁ ଆଶୀର୍ବାଦ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭତୀ ପରିଡ଼ା

ଭୁବନେଶ୍ୱର, ୧୫।୫(ମହାଭାରତ):- ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବୁଧବାର କେନ୍ଦୁଝର ଶଙ୍କରପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ୩୮ ଜଣ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଡାକ୍ତର ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।



ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଜିଲ୍ଲାରେ ଚାଲୁ ରହିଥିବା ବିକାଶମୂଳକ ପ୍ରକଳ୍ପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ମୋହନ ନାଏକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀମତୀ ପରିଡ଼ା ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ କୋଠା ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ଶୌଚାଳୟ ଭଳି ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ । ସେହିପରି ଫେସ୍ ରେକଗ୍ନିସନ ସିଷ୍ଟମ ମାଧ୍ୟମରେ ବଂଟନ, ଶିଶୁ ପୋଷଣ ନିରୀକ୍ଷଣ ଏବଂ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ସହ ଆବେଦନଗୁଡ଼ିକର କ୍ଷେତ୍ର ଭିତିକ ସତ୍ୟାପନର ସମୀକ୍ଷା କରାଯାଇଥିଲା । ମିଶନ ଶକ୍ତି, ସାମର୍ଥ୍ୟ, ଶକ୍ତି ସଦନ ଏବଂ ପାଳନା କ୍ରେଚ୍ ସେବା ସହ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଚାଲୁଥିବା ସଚେତନତା ଅଭିଯାନ ଉପରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ଚାଲୁଥିବା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଏବଂ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପିଲାମାନଙ୍କର ପୁନର୍ବାସ ଓ ଶିକ୍ଷାଗତ ସହାୟତା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ, ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମା' ତାରିଣୀ ମନ୍ଦିର, ସାନଘାଗରା, ବଡ଼ଘାଗରା ଏବଂ ଖଣ୍ଡାଧାରଠାରେ ପାର୍କିଂ, ଚାଲିବା ରାସ୍ତା, ଶୌଚାଳୟ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ପରଖାଯାଇଛି । ସମସ୍ତ ବିକାଶମୂଳକ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବା ସହ ହିତାଧିକାରୀଙ୍କୁ ସଠିକ୍ ସେବା ପ୍ରଦାନ ପାଇଁ ନିୟମିତ ଅନୁଧ୍ୟାନ କରିବାକୁ ଶ୍ରୀମତୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଭେଟିଲେ ଧର୍ମେନ୍ଦ୍ର

ଗାନ୍ଧୀନଗର/ଅହମ୍ମଦବାଦ/ଭୁବନେଶ୍ୱର, ୧୫।୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।



ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଞ୍ଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା । ଶ୍ରୀ ପ୍ରଧାନ କହିଥିଲେ, ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତିଭୂମି ପ୍ରସ୍ତୁତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଂଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, ଭାରତର ଆଇଆଇଏମ ଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତନର ଶକ୍ତିଶାଳୀ ମାଧ୍ୟମ । ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି । ଆଗାମୀ ଦିନରେ ଏହି ଅନୁଷ୍ଠାନଗୁଡ଼ିକ ଏକ ସୁଦୃଢ଼ ଇନୋଭେସନ ପରିବେଶ ସୃଷ୍ଟି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପ୍ରମୁଖ ସହାୟକ ହେବେ । ଏହି ବୈଠକରେ ଆଇଆଇଏମର ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ ।

# ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଉନ୍ନତିକରଣକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀର, ୧୫।୫(ପିଆଇବି); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆଜି କେନ୍ଦ୍ର କ୍ୟାବିନେଟ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଦ୍ୱାରା ଏମଆଇଏଲ୍ (ଏମଆଇଏଚଏଏନ୍ ଇଣ୍ଡିଆ ଲିମିଟେଡ)କୁ ଲିଜ୍ ଦିଆଯାଇଥିବା ଜମିର ଲିଜ୍ ଅବଧି ୦୬.୦୮.୨୦୩୯ ପରେ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ଏମଆଇଏଲ୍ ନାଗପୁର ବିମାନବନ୍ଦରକୁ ବାଣିଜ୍ୟିକ ପରିଚାଳନା ତାରିଖ (ସିଓଡି) ଠାରୁ ୩୦ ବର୍ଷ ପାଇଁ ରିହାତିଦାତା, ଅର୍ଥାତ୍ ଜିଏମଆର୍ ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଲିମିଟେଡ (ଜିଏନଆଇଏଏଲ୍)କୁ ଲାଇସେନ୍ସ ଦେଇପାରିବ ।ଏହା ନାଗପୁରର ମଲ୍ଟି-ମୋଡାଲ ଇଣ୍ଟରନ୍ୟାସନାଲ କାର୍ଗୋ ହବ୍ ଆଣ୍ଡ ଏୟାରପୋର୍ଟ ଆଟ୍ ନାଗପୁର (ଏମଆଇଏଚଏଏନ୍) ପ୍ରକଳ୍ପ ଅଧୀନରେ ନାଗପୁର ବିମାନବନ୍ଦରର ଏକ ଆଞ୍ଚଳିକ ବିମାନ ଚଳାଚଳ କେନ୍ଦ୍ର ହେବା ମାର୍ଗରେ ଏକ ପ୍ରମୁଖ ମାଇଲଖୁଣ୍ଟ ।୨୦୦୯ ମସିହାରେ, ଏଏଆଇ ଏବଂ ମହାରାଷ୍ଟ୍ର ବିମାନବନ୍ଦର ଉନ୍ନୟନ କମ୍ପାନୀ ଲିମିଟେଡ୍ (ଏମଏଡିସି) ଦ୍ୱାରା ଯଥାକ୍ରମେ ୪୯:୫୧ ଇକ୍ୱିଟି ଗଠନ ସହିତ ଏକ ଯୌଥ ଉଦ୍‌ଯୋଗ କମ୍ପାନୀ (ଜେଭିସି)- ଏମଆଇଏଲ୍ ଗଠନ କରାଯାଇଥିଲା । ଯଦିଓ ଏଏଆଇର ବିମାନବନ୍ଦର ସମ୍ପତ୍ତି ୨୦୦୯ ମସିହାରେ ବିମାନବନ୍ଦର ପରିଚାଳନା ପାଇଁ ଏମଆଇଏଲ୍ କୁ ହସ୍ତାନ୍ତର କରାଯାଇଥିଲା, କିନ୍ତୁ ଜମି ସୀମା ନିର୍ଦ୍ଧାରଣ ସମସ୍ୟା ଯୋଗୁଁ ଲିଜ୍ ଡିଡ୍ ବିଳମ୍ବିତ ହୋଇଥିଲା । ପରବର୍ତ୍ତୀ ସମୟରେ, ଏଏଆଇର ଜମି ୦୬.୦୮.୨୦୩୯ ପର୍ଯ୍ୟନ୍ତ ଏମଆଇଏଲ୍ କୁ ଲିଜ୍ ଦିଆଯାଇଛି ।୨୦୧୬ ମସିହାରେ, ଏମଆଇଏଲ୍ ସରକାରୀ ଘରୋଇ ସହଭାଗୀତା (ପିପିପି) ମଡେଲ୍ ଅନୁଯାୟୀ ବିମାନବନ୍ଦର ପରିଚାଳନା ପାଇଁ ଏକ ଅଂଶୀଦାର ଚିହ୍ନଟ କରିବା ପାଇଁ ଏକ ବିଶ୍ୱସ୍ତରୀୟ ଟେଣ୍ଡର ପ୍ରକାଶ କରିଥିଲା । ଜିଏମଆର୍ ଏୟାରପୋର୍ଟସ୍ ଲିମିଟେଡ୍ (ଜିଏଏଲ୍) ସର୍ବୋଚ୍ଚ ନିଲାମକାରୀ ଭାବରେ ନିଲାମ ଡାକିଥିଲା, ଯାହାର ରାଜସ୍ୱ ଅଂଶ ୫.୭୬% ଥିଲା । ଏହାକୁ ପରେ ମୋଟ ରାଜସ୍ୱର ୧୪.୪୯%କୁ ସଂଶୋଧିତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଏମଆଇଏଲ୍ ମାର୍ଚ୍ଚ, ୨୦୨୦ରେ ବିଡ୍ ପ୍ରକ୍ରିୟାକୁ ବାତିଲ କରିଥିଲା । ଏହି ବାତିଲକୁ ଜିଏଏଲ୍ ପକ୍ଷରୁ ମାନ୍ୟବର ବମ୍ବେ ହାଇକୋର୍ଟରେ ସଫଳତାର ସହ ଚ୍ୟାଲେଞ୍ଜ କରାଯାଇଥିଲା । ଏହା ପରେ, ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ଜିଏଏଲ୍ ସପକ୍ଷରେ ରାୟ ଦେଇଥିଲେ । ୨୭ ସେପ୍ଟେମ୍ବର, ୨୦୨୪ ତାରିଖରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଏମଆଇଏଲ୍ ୮ ଅକ୍ଟୋବର, ୨୦୨୪ ରେ ଦ୍ୱିତୀୟ ଜେଭିସି, ଅର୍ଥାତ୍ ଜିଏମଆର୍ ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଲିମିଟେଡ୍ (ଜିଏନଆଇଏଏଲ୍) ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଥିଲା ।

# ୧୯ରେ ୫ଟି ନୂଆ କୋର୍ଟର ଉଦଘାଟନ

ଭୁବନେଶ୍ୱର, ୧୫।୫(ମହାଭାରତ): ଆସନ୍ତା ୧୯ ତାରିଖରେ ରାଜ୍ୟର ୫ଟି ସ୍ଥାନରେ ନୂଆ କୋର୍ଟ ଉଦଘାଟନ ହେବ । ବାଲେଶ୍ୱର ଜିଲ୍ଲା ସୋର ଠାରେ ଅତିରିକ୍ତ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ,ଖଇରା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ, ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ,ବୌଦ୍ଧ ଜିଲ୍ଲା ଚ଼ାରିଛକ ନିକଟ ହରଭଙ୍ଗା ଠାରେ ଗ୍ରାମ୍ୟ ନ୍ୟାୟାଳୟ,କଟକ ଜିଲ୍ଲା ଟାଙ୍ଗୀ- ଚୌଦ୍ୱାର ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ଉଦଘାଟନ ହେବାକୁ ଯାଉଛି । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ନୂତନ ନ୍ୟାୟାଳୟ କେବଳ ଏକ ଭବନ ନୁହେଁ, ଏହା ଜନସାଧାରଣଙ୍କ ନ୍ୟାୟ ପ୍ରତି ଆସ୍ଥାର ପ୍ରତୀକ ।ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକୁ ଆମ ସରକାର ଗୁରୁତ୍ୱଦେଉଛନ୍ତି । ନୂତନ ନ୍ୟାୟାଳୟର ଉଦଘାଟନ ହେଉଛି ଜନସାଧାରଣଙ୍କ ନ୍ୟାୟିକ ଅଧିକାରକୁ ଆହୁରି ସୁଦୃଢ଼ କରିବାର ଏକ ଐତିହାସିକ ପଦକ୍ଷେପ ।ଏହା ନ୍ୟାୟ, ସତ୍ୟ ଓ ଆଇନର ପ୍ରତିଷ୍ଠାକୁ ନୂତନ ଗତି ପ୍ରଦାନ କରିବାରେ ବିଶେଷ ଭାବେ ସହାୟକ ହେବ ।

# ଖାଦ୍ୟ ଅସୁରକ୍ଷା

ବଂଚିବା ପାଇଁ ଖାଦ୍ୟ ଜରୁରୀ, କିନ୍ତୁ ବିଶ୍ୱରେ କ୍ଷୁଧା ଏବେ ବି ଏକ ଗୁରୁତ୍ୱର ଚ୍ୟାଲେଞ୍ଜ ହୋଇରହିଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ ୨୦୨୬ ବୈଶ୍ୱିକ ଦୃଷ୍ଟିକୋଣ ରିପୋର୍ଟ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରାୟ ୩୧୮ ମିଲିଅନ ଲୋକ ଭୋକିଲା ପେଟରେ ଶୋଇବାକୁ ଯାଇଥାନ୍ତି। ଅର୍ଥାତ ଗୋଟିଏ ଓଳି ଖାଇବାକୁ ମୁଠାଏ ଖାଦ୍ୟ ଖାଇବାକୁ ପାଇନଥାନ୍ତି। କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରୁ ୪୧ ମିଲିଅନ ଲୋକ ଗୁରୁତର ଖାଦ୍ୟ ଅସୁରକ୍ଷା ଧମକର ସମ୍ମୁଖୀନ ହେଉଛନ୍ତି। ଭାରତ ଏଭଳି ଧମକରୁ ମୁକ୍ତ ନୁହେଁ ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୫ ବୈଶ୍ୱିକ କ୍ଷୁଧା ସୂଚ୍ୟାଙ୍କ ଅନୁଯାୟୀ ୧୨୩ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୨ରେ ରହିଥିବାବେଳେ ୨୫.୮ ସ୍କୋର ଅର୍ଜନ କରିଛି। ଯାହାକି ଗୁରୁତର ଖାଦ୍ୟ ଅସୁରକ୍ଷା ସ୍ତରରେ ରହିଥିବା କୁହାଯାଇଛି। ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଥିବା ସତ୍ତ୍ୱେ ଦେଶରେ କ୍ଷୁଧା ଚିନ୍ତାଜନକ ସ୍ଥିତିରେ ରହିଛି। ତେବେ ଏହି ସଂକଟ ଅପର୍ଯ୍ୟାପ୍ତ ଖାଦ୍ୟାଶସ୍ୟ ଉତ୍ପାଦନର କାରଣ ନୁହେଁ। ବିଶ୍ୱରେ ସାମଗ୍ରୀକ ଭାବେ ଯେତିକି ପରିମାଣର ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଛି, ତାହା ସମସ୍ତଙ୍କୁ କ୍ଷୁଧା ନିବାରଣ ବା ଖାଦ୍ୟ ଦେବାକୁ ଯଥେଷ୍ଟ। କିନ୍ତୁ ବିଶ୍ୱରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଷ୍ଟ ହେଉଛି କ୍ଷୁଧାର ମୁଖ୍ୟ କାରଣ। ବିଶ୍ୱରେ ଯେତିକି ପରିମାଣର ଖାଦ୍ୟ ଅପଚୟ ହେଉଛି, ତାହାକୁ ରୋକାଯାଇପାରିଲେ, କେହି ରାତିରେ ବା ଗୋଟିଏ ଓଳି ଖାଲି ପେଟରେ ରହନ୍ତେ ନାହିଁ। ଜାତିସଂଘର ଏନଭିରୋନମେଂଟ ପ୍ରୋଗ୍ରାମର ଖାଦ୍ୟ ନଷ୍ଟ ସୂଚ୍ୟାଙ୍କ ରିପୋର୍ଟ ୨୦୨୪ରେ ଦର୍ଶାଉଛି ଯେ, ୨୦୨୨ରେ ବିଶ୍ୱରେ ୧.୦୫ ବିଲିଅନ ଟନ ଖାଦ୍ୟ ନଷ୍ଟ ହୋଇଥିଲା। ସ୍ତମ୍ଭିଭୂତ କଲାଭଳି ତଥ୍ୟ ହେଉଛି ଯେ, ବିଶ୍ୱରେ ଦୈନିକ ୧ ବିଲିଅନରୁ ଅଧିକ ମିଲ୍ ନଷ୍ଟ ହେଉଛି । ଯାହାକି ୧୦ପ୍ରତିଶତ ବୈଶ୍ୱିକ ଗ୍ରୀନହାଉସ ଗ୍ୟାସ ନିର୍ଗମନର କାରଣ ଭାବେ ଉଭା ହୋଇଛି। ଏହା ନିସନ୍ଦେହ ଯେ, ବିଶ୍ୱରେ ଖାଦ୍ୟଶସ୍ୟ ନଷ୍ଟ ହେବାର ବହୁମୁଖୀ କାରଣ ରହିଛି। ଏଥି ମଧ୍ୟରେ ମୁଖ୍ୟ କାରଣ ହେଉଛି ଆବଶ୍ୟକୀୟ ଶୀତଳ ଭଣ୍ଡାରର ଅଭାବ। ଶୀତଳ ଭଣ୍ଡାର ଅଭାବରୁ ଅମଳ ପରେ ୬୦ପ୍ରତିଶତ ଏବଂ ଖାଦ୍ୟ ନଷ୍ଟ ହେଉଥିବାବେଳେ ଭୋଜନ ସେବା ପ୍ରକ୍ରୀୟାରେ ୨୮ପ୍ରତିଶତ ଏବଂ ଖାଦ୍ୟାଶସ୍ୟ ପରିବହନ ଓ ରିଟେଲରେ ୧୨ପ୍ରତିଶତ ନଷ୍ଟ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ଘରେ ମଧ୍ୟ ମୋଟ ଉତ୍ପାଦିତ ଖାଦ୍ୟର ୧୯ପ୍ରତିଶତ ନଷ୍ଟ ହେଉଥିବା ରିପୋର୍ଟ କହେ। ସୁଖର କଥା ଏବେ ଫ୍ରାନସ୍, ଜର୍ମାନ ସମେତ ବିଶ୍ୱର ବହୁଦେଶରେ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ବଳକା ନଷ୍ଟ ଖାଦ୍ୟ ବ୍ୟାଙ୍କ ପ୍ରତିଷ୍ଠା କରି ସେସବୁ ଅସହାୟ, ଗରିବଙ୍କୁ ବଂଟନ କରୁଛନ୍ତି। ଆମ ରାଜ୍ୟରେ ବହୁ ସ୍ଥାନରେ ଏବେ ବଳକା ଖାଦ୍ୟ ଏନଜିଓଗୁଡିକ ସଂଗ୍ରହ କରି ବଂଟନ କରୁଛନ୍ତି। ବଳକା ଖାଦ୍ୟକୁ ଫୁଡ୍ ବ୍ୟାଙ୍କକୁ ନିଶ୍ଚିତ ଦେବାପାଇଁ ୟୁରୋପୀୟ ରାଷ୍ଟ୍ରଗୁଡିକ ଏବେ ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେଯ, କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନରେ ସରକାର ଦେଶର ୬୭ପ୍ରତିଶତ ଗରିବ ପରିବାରର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ମୁଣ୍ଡ ପିଛା ମାସିକ ୫କେଜି ଖାଦ୍ୟ ଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ଏହା ଯଥେଷ୍ଟ ନହେଲେ ବି କ୍ଷୁଧାରୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ବୋଲି କୁହାଯାଇପାରେ। ଅଶୀ ଦଶକରେ ଅନାହାର ମୃତ୍ୟୁ ଏବଂ କ୍ଷୁଧାପାଇଁ ପିଲା ବିକ୍ରୀ ଘଟଣା ଦେଶବ୍ୟାପୀ ଘୋର ଆଲୋଡନ ସୃଷ୍ଟି କରିଥିଲା। ଏଭଳି ଲଜ୍ୟାଜନକ ଘଟଣା ଏବେ ଲୋକଲୋଚନକୁ ଆସୁନଥିବା ବେଳେ ଏହାର ପୁନରାବୃତି ଯେ ଘଟୁ ନାହିଁ, ତାହା କହିହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ, ଭୂତଳ ଜଳସ୍ତର ହ୍ରାସ, ଜମିର ଉର୍ବରତା ହ୍ରାସ, ଚାଷ ପ୍ରତି ଯୁବପିଢୀଙ୍କ ବିମୁଖତା ଆଦି ବିଭିନ୍ନ କାରଣରୁ ବିଶ୍ୱରେ ଆସନ୍ତା ୨୦୫୦ ମସିହା ବେଳକୁ ଖାଦ୍ୟ ସଂକଟ ଉତ୍କଟ ହେବା ନେଇ ବିଶାରଦମାନେ ଚେତାବନୀ ଦେଇ ସାରିଲେଣି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱରେ ଶକ୍ତି ସଂକଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଯାହାର ପ୍ରଭାବରେ କେବଳ ତୈଳ ନୁହେଁ, ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ଗ୍ୟାସ ଦର ବୃଦ୍ଧି ଯୋଗୁଁ ଚା ଠାରୁ ଆରମ୍ଭ କରି ହୋଟେଲ ଖାଦ୍ୟ ଦର ଉପରମୁହାଁ ହେଲାଣି। ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ, ଗାଜା, ଇରାନରେ ଖାଦ୍ୟ ସଂକଟ ଏବଂ ମୂଲ୍ୟ ବୃଦ୍ଧି ଯୋଗୁଁ ହଜାର ହଜାର ଲୋକ ଭୋଗ ଉପବାସରେ ରହିବା ସାର ହୋଇଛି। ସେହିପରି ସୁଦାନ, ଇଥିଓପିଆ ପରି କେତେକ ଦକ୍ଷୀଣ ଆଫ୍ରିକୀୟ ରାଷ୍ଟ୍ରରେ ଆଭ୍ୟନ୍ତରୀଣ ବିଦ୍ରୋହ ଓ ଦୁର୍ଭିକ୍ଷ ଯୋଗୁଁ ଲୋକେ କ୍ଷୁଧାରେ କାଳାତିପାତ କରୁଛନ୍ତି। ଖାଦ୍ୟ ଶସ୍ୟ ନଷ୍ଟକୁ ଏଡାଇବା ଲାଗି ଆବଶ୍ୟକୀୟ ଶୀତଳ ଭଣ୍ଡାର ପ୍ରତିଷ୍ଠା, ବଳକା ଖାଦ୍ୟର ସଦୁପଯୋଗ, ପରିବହନ ବ୍ୟବସ୍ଥାକୁ ସୁଗମ କରିବା, ଖାଦ୍ୟଶସ୍ୟ ଉତ୍ପାଦନରେ ଜଳବାୟୁ ଉପଯୋଗୀ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଖାଦ୍ୟନଷ୍ଟକୁ ନିୟନ୍ତ୍ରଣ କରାଗଲେ କ୍ଷୁଧା ଯନ୍ତ୍ରଣାରୁ ମୁକ୍ତ ମିଳିବ। ଅନ୍ୟଥା କ୍ଷୁଧାରେ ରାତି ବିତାଇବା ସାର ହେବ।

# ମହାନ ଓ ଗରୀମାସମ୍ପନ୍ନ ପ୍ରଗତିର ଓଡ଼ିଶା

**ଡକ୍ଟର ସୁରେଶ କୁମାର ନାୟକ**

ନବେ ବର୍ଷରେ ପହଞ୍ଚିଛି ଆମ ଓଡ଼ିଶା। ପରିବର୍ତ୍ତନର ଢେଉରେ ଆମ ଦେଶର ବିଭିନ୍ନ କ୍ଷେତ୍ରରେ ଆମର ଏହି ସୁନାର ଓଡ଼ିଶା ଯାହା ପ୍ରାଚୀନତମ ଉତ୍କଳ ବା କଳିଙ୍ଗ ନିଜସ୍ୱ ବହୁମୂଲ୍ୟ ଅବଦାନ ରଖିଆସିଛି। ଏହି ରାଜ୍ୟ ନିଜସ୍ୱ ପରିଚୟ କେବଳ ବଜାୟ ରଖିନି, ଭାଷା, ସଂସ୍କୃତି, ସାହିତ୍ୟ ଠାରୁ ପ୍ରାକୃତିକ ସମ୍ପଦ ବିନିଯୋଗ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଅନେକ ଦୁର୍ଦ୍ଦିନ ପ୍ରାକୃତିକ ବିପର୍ଯ୍ୟୟକୁ ମୁହଁ କରି ହାରି ଯାଇନି କି ପଛେଇ ଯାଇନି ବରଂ ଆତ୍ମନିର୍ଭର ପଥରେ ଅନେକ ଅମଡ଼ା ବାଟକୁ ଅତିକ୍ରମ କରି ପାଇଛି ବିକଶିତ ଉପଲବ୍ଧି। ସେହିପରି ଉତ୍କୃଷ୍ଟ କଳାର ଦେଶ ଉତ୍କଳ, ଆମ ରାଜ୍ୟ କଳା ସଂସ୍କୃତିର ରାଜ୍ୟ। ଆମ ସଂସ୍କୃତି ଯେତେ ପ୍ରାଚୀନ ଆମ କଳାକାରିଗରୀ ସେତେ ମହାନ। ସ୍ୱତନ୍ତ୍ର କଳାର ସୃଜନ ହେତୁ ପଥର ଦେହରେ ନିହଣ ମୁନରେ ଓଡ଼ିଶାର ଶିଳ୍ପ କିମ୍ବଦନ୍ତୀ ରଚିଛନ୍ତି ବାନ୍ଧକଳା ହେଉ କି ତାରକୋସୀ, ଡୋକ୍ରା ହେଉ କି ଶିଳାଲିପି ଆମ ଉତ୍କଳୀୟ ମନ୍ଦିର ବି ଗାଏ ଓଡ଼ିଆ ଶିଳ୍ପୀଙ୍କ ଗୌରବ ଗାଥା। ଭାରତର ଗୌରବମୟ ଇତିହାସରେ ଏକ ସ୍ୱର୍ଣ୍ଣିମ ପୃଷ୍ଠା ମଣ୍ଡନ କରେ ଓଡ଼ିଶା। ଏହି ପବିତ୍ର ମାଟିର ସ୍ପର୍ଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଅନେକ ପୌରାଣିକ କାହାଣୀର ସମ୍ବନ୍ଧ ରହିଛି ଏହି ମାଟି ସହ। ଦ୍ୱାରିକାରୁ ଶାପଗ୍ରସ୍ତ ଶାମ୍ବ ଶାପ ମୁକ୍ତ ହେବାକୁ ଅର୍କ ଭୂମି କୋଣାର୍କରେ ସୂର୍ଯ୍ୟଙ୍କ ଆରାଧନା କରିବା ପରେ ଶାପମୁକ୍ତ ହୋଇଥିଲେ। ସେହିପରି ପୁରାଣରେ ଆହୁରି ବର୍ଣ୍ଣିତ ମହାଭାରତ ଯୁଦ୍ଧ ପରେ ପାପକ୍ଷୟ ପାଇଁ ଏହି ପୂଣ୍ୟ ପାବନ ଭୂମିକୁ ପାଣ୍ଡବମାନେ ଆସିଥିଲେ। ଲୋମଶ ମୁନୀଙ୍କ ପରାମର୍ଶ କ୍ରମେ ମହାମାୟାଙ୍କ ନାଭି ପୀଠ ବିରଜା କ୍ଷେତ୍ରକୁ ଆସି ଦେବୀ ଆରାଧନା, ପିତୃ ତର୍ପଣ କରି ପାପଭାରରୁ ମୁକ୍ତ ହୋଇଥିଲେ। ସେହିପରି ମହାଭାରତର ମାୟାକୁ ଡେଇଁ ଏହି ମାଠିର ମହାନତା ରାମାୟଣର ରାମଗାଥାକୁ ମଧ୍ୟ ନିଜ ଅଙ୍କରେ ଧାରଣ କରିଛି। ଋଷିପୁତ୍ର ଉଚ୍ଚ ବ୍ରାହ୍ମଣ ବଂଶରେ ଜନ୍ମିତ ରାବଣକୁ ବଧ କରିଥିଲେ। ଏହାପରେ ରଘୁବୀର ଲିଙ୍ଗରାଜଙ୍କୁ ରାବଣକୁ ବଧ କରିଥିବା ଧନୁ ଅର୍ପଣ ପୂର୍ବକ ନିଜକୁ ସମର୍ପଣ କରିଥିଲେ। ଏହାର ପ୍ରମାଣ ସ୍ୱରୂପ ଏକମାତ୍ର ଶୈବପୀଠ ଭାବରେ ଲିଙ୍ଗରାଜ ଚୂଡ଼ାରେ ଶୋଭା ପାଏ ଏହି ଧନୁ। ମହାନ ଉତ୍କଳୀୟ ଚେତନା ଭିତରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଆଦିକବି ସାରଳା ଦାସ ତାଙ୍କ ରଚିତ ମହାଭାରତର ମଧ୍ୟ ପର୍ବରେ ସୂଚାଇଛନ୍ତି ଯେ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ଗୁରୁ ସନ୍ଦିପନୀଙ୍କ ଠାରୁ ୬୪ଟି ଭାଷା ଶିକ୍ଷା କରିଥିଲେ। ତା ମଧ୍ୟରେ ଥିଲା ଓଡ଼ିଆ। ସାରଳା ଦାସଙ୍କ ନିମ୍ନୋକ୍ତ ପଂକ୍ତି ତାହା ସୂଚାଏ – ‘ଓଡ଼ିଆ, ତେଲଙ୍ଗୀ ଆଉ ନାଗରୀ ଦକ୍ଷିଣୀ, କନଉଜ ଦ୍ରାବିଡ଼ ଯେ ଆଦି ଭାଷା ଘେନି। ଏହିପରି ଲେକ୍‌ଲେ ଯେ ଭାଷା ଚଉଷଠି ନବଦିନେ ଲେଖିଲେ ଯେ ତାଳପତ୍ର ଚିଠି।’ କେବଳ ସେତିକି ନୁହେଁ, ବୌଦ୍ଧ ଓ ଜୈନ ଧର୍ମର ଗ୍ରନ୍ଥ ଗୁଡ଼ିକରେ ବି ଏକଥାର ସ୍ପଷ୍ଟ ଉଲ୍ଲେଖ ରହିଛି। ବୌଦ୍ଧ ଧର୍ମଗ୍ରନ୍ଥ ‘ଲଳିତ ବିସ୍ତର’ରେ କୁହାଯାଇଛି, ବୁଦ୍ଧଦେବ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ। ସେଥିରୁ ଗୋଟିଏ ଥିଲା ଉଡ୍ରଲିପି। ଜୈନ ଧର୍ମଗ୍ରନ୍ଥ ‘ସମବାୟ ସୂତ୍ର’, ‘ପ୍ରଜ୍ଞାପନୀ ସୂତ୍ର’, ‘ନନ୍ଦୀ ସୂତ୍ର’ ଉଡ୍ରଲିପି ଓ ଉଡିୟା ଭାଷାର ଉଲ୍ଲେଖ ଅଛି।

ଆମ ମହାନ ଉତ୍କଳର ପରିଚୟ କେବଳ ଭୌଗୋଳିକ ସୀମାବଦ୍ଧ ଏକ ଭୂଖଣ୍ଡ ନୁହେଁ। ମହାପ୍ରଭୁ ପରମବ୍ରହ୍ମ ଜଗନ୍ନାଥଙ୍କୁ କୋଳରେ ଧରିଛି ଏ ଭୂମି। ଦେଶରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା ରତ୍ନଗର୍ଭା, ବିଭବମୟୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ସାରା ପୃଥିବୀରେ ଯେତେବେଳେ ପ୍ରଶ୍ନ କରେ ଓଡ଼ିଶା କ’ଣ ? ସେଇଠି ଓଡ଼ିଆର ସ୍ୱାଭିମାନ ସଗର୍ବେ ଉତ୍ତର ଦେଇଥାଏ ‘ଆମ ରାଇଜ ଓଡ଼ିଶା କେବଳ କଳା ଓ ସଂସ୍କୃତିର ସୁବର୍ଣ୍ଣ କ୍ଷେତ୍ର ନୁହେଁ, କିମ୍ବା ମାନଚିତ୍ରରେ ସ୍ଥାନିତ କେବଳ ଏକ ଭୂଭାଗ ନୁହେଁ। ଏ ମାଟିର ମହକ ସାତ ଦରିଆ ପାରି ହୋଇ ବି ମହକି ଉଠେ, ବିଶ୍ୱ ପ୍ରସିଦ୍ଧି ବିଭବର ସମ୍ଭାରରେ ସଂପୂର୍ଣ୍ଣ ଏ ଭୂମି। ଏହାର କେତେ ଯେ ବିଭବ ବିଶ୍ୱକୁ ମନ୍ତ୍ରମୁଗ୍ଧ କରିଛି ତାହାର ଠିକଣା ନାହିଁ। ନବେ ବର୍ଷର ବିକଶିତ ଅଭିବୃଦ୍ଧି ସମ୍ପନ୍ନ ଓଡ଼ିଶା ପାହାଚ ପରେ ପାହାଚ ସଫଳତାର ଗାଥାକୁ ଧରି ଆଗେଇ ଚାଲିଛି। ବିଶେଷକରି ଶିକ୍ଷା କ୍ଷେତ୍ରକୁ ଦେଖିଲେ ଓଡ଼ିଶାରେ ବିଭିନ୍ନ ସରକାରୀ ଓ ଅନେକ ଉଚ୍ଚଗୁଣାତ୍ମକ ଶିକ୍ଷା ସଂସ୍ଥାନ ରହିଛି। ଜାତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ଓଡ଼ିଶାର ଅନେକ ସ୍ଥାନରେ ଖୋଲି ସାରିଛି। ଗବେଷଣା ଠାରୁ ସ୍ୱାସ୍ଥ୍ୟ ସେବା, ଉଚ୍ଚତର ଅଧ୍ୟୟନ ଠାରୁ ସୁପରଟେକ୍ନୋଲୋଜି ଅନେକ ସୁବିଧା ପାଇଁ ବ୍ୟାପକ ଶିକ୍ଷାନୁଷ୍ଠାନ ନିରନ୍ତର ସେମାନଙ୍କର କାର୍ଯ୍ୟକ୍ରମକୁ ନେଇ ଆଗେଇ ଚାଲିଛନ୍ତି।

ରାଉରକେଲାରେ ଏନଆରଟି (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି), ଭୁବନେଶ୍ୱରରେ ନାଇଜର (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ), ସମ୍ବଲପୁରରେ ଆଇଆଇଏମ (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ), କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ଏନସିଇଆରଟି ପକ୍ଷରୁ ରିଜିଓନଲା ଇନଷ୍ଟିଚ୍ୟୁଟ ଅଫ ଏଜୁକେସନ ଆରଇସି ଓ ବ୍ରହ୍ମପୁରରେ ଆଇଜର (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ) ସମେତ ସିଆଇଇଟି (ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନାଲ ଟେକ୍ନୋଲୋଜି) ଓ ଅନ୍ୟାନ୍ୟ ଜାତୀୟ ସଂସ୍ଥାନ ଓଡ଼ିଶାକୁ ଦେଶର ଶିକ୍ଷା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଭାବେ ପରିଗଣିତ କରିଛନ୍ତି। ମତ୍ସ୍ୟଚାଷ କ୍ଷେତ୍ରରେ ଭୁବନେଶ୍ୱରର ସିଫା ଓ କଟକ ବିଦ୍ୟାଧରପୁରର ଧାନ ଗବେଷଣା କେନ୍ଦ୍ରର ଅବଦାନ କାହାକୁ ଅଛପା ନୁହେଁ। ଆଇନ ଶିକ୍ଷା ପାଇଁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ମ୍ୟାନେଜମେଣ୍ଟ ଶିକ୍ଷା ପାଇଁ ଜାଭିୟର ପଥ ପ୍ରଦର୍ଶକ ସାବ୍ୟସ୍ତ ହୋଇଛନ୍ତି। କିମସ୍, ସମ ଓ ହାଇଟେକ ଭଳି କେତେକ ଘରୋଇ ଡାକ୍ତରୀ ଶିକ୍ଷା ସଂସ୍ଥାନ ସହ ସରକାରୀ ଡାକ୍ତରୀ ସଂସ୍ଥା ଏ ଦିଗରେ ଉନ୍ନତମାନର ଶିକ୍ଷା ପ୍ରଦାନ କରି ଆସୁଥିବା ବେଳେ ଅନେକ ଜାତୀୟସ୍ତରର ଘରୋଇ ହସ୍ପିଟାଲ ଓଡ଼ିଶାରେ ସେମାନଙ୍କ ଡାକ୍ତରଖାନା ପ୍ରତିଷ୍ଠିତ କରିସାରିଲେଣି। ହଜାର ବର୍ଷର ସହର କଟକର ଶିକ୍ଷା ମାନଚିତ୍ରକୁ ଦେଖିଲେ ଶିକ୍ଷାକୁ ଭଲ ପାଉଥିବା ଓ ଓଡ଼ିଶାବାସୀଙ୍କ ପାଇଁ ସ୍ୱଳ୍ପ ସାଧନ ଭିତରେ ପିଲାମାନଙ୍କୁ ଶିକ୍ଷାର ଉଚ୍ଚତର ସେବା ଯୋଗାଇବା ପାଇଁ ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ରଙ୍କ ଉଦ୍ୟମରେ କଟକ ସିଡ଼ିଏ ଠାରେ ସିମରିଂ ଷ୍ଟାର ପ୍ଲେ ସ୍କୁଲ ଗଢ଼ି ଉଠିଛି ଯେଉଁଠି ନର୍ସରୀରୁ ୟୁକେଜି ଓ ଏସେଲ୍ସ ପବ୍ଲିକ ସ୍କୁଲ ଗଢ଼ି ଉଠିଛି ଷ୍ଟାଣ୍ଡାର୍ଡ଼ ୱାନରୁ ସିନିୟର ସେକେଣ୍ଡାରୀ ଶିକ୍ଷା ନିମିତ୍ତ। ତିନୋଟି ବିଶାଳ କ୍ୟାମ୍ପସ ବିଶିଷ୍ଟ ଏହି ଶିକ୍ଷାନୁଷ୍ଠାନ କଟକ ସହରର କେବଳ ନୁହେଁ ଓଡ଼ିଶାର ଅନ୍ୟତମ ଉତ୍କୃଷ୍ଟ ଶିକ୍ଷାକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ଉତ୍କଳୀୟ ଭାଷା, ଆଧ୍ୟାତ୍ମିକତା, ବିଭବ, ସଂସ୍କୃତି ଓ ପରମ୍ପରା ଭିତରେ ଜାନିଯାତ, ରଙ୍ଗମଞ୍ଚ ମଧ୍ୟ ଗୌରବମୟ ଜାତିର ଚିର ଗର୍ବ। ବିଶ୍ୱର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗମଞ୍ଚ ରୂପେ ଗ୍ରୀନିଜ ବୁକ୍ ଅଫ ୱାର୍ଲ୍ଡରେ ରେକର୍ଡ଼ରେ ସ୍ଥାନିତ ଧନୁ ଯାତ୍ରା ହେଉଛି ଲୋକପରମ୍ପରା, ଆଧ୍ୟାତ୍ମିକ ଲୀଳା ଓ ଲୋକନାଟକର ଏକ ଅନନ୍ୟ ପରିକଳ୍ପନା। ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ସେହିପରି ଉତ୍କଳୀୟ ମହାନ ଜାତିର ପରିଚୟ ପ୍ରଭୁ ଜଗନ୍ନାଥ ନବ ଦିନାତ୍ମକ ପତିତପାବନ ଯାତ୍ରାରେ ରଥଯାତ୍ରା ନିମିତ୍ତ ରାଜା ହୋଇ ପ୍ରଜା ପାଳନ କରୁଥିବାରୁ ଭକ୍ତ ସ୍ୱରୂପ ପ୍ରଜାଙ୍କର ଦୁଃଖ ଶୁଣିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେବା ପାଇଁ ନୀଳକନ୍ଦରରୁ ବାହାରକୁ ଆସିଥାନ୍ତି। ସେହିପରି ଓଡ଼ିଶାର ସାଧବ ସଂସ୍କୃତି ଓ ବାଣିଜ୍ୟ ପରମ୍ପରାର ମହାନତାକୁ ପାଳନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ କଟକର ଗଡ଼ଗଡ଼ିଆ ଘାଟ ଠାରେ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥାଏ ଐତିହାସିକ ବାଲିଯାତ୍ରା। ଓଡ଼ିଶାର ରସଗୋଲା ହେଉ ବା ପୋଡ ପିଠା, ପଖାଳ କଂସା ହେଉ ବା ଓଡ଼ିଶା ହସ୍ତତନ୍ତ। ଅନେକ କିଛି ଉତ୍କଳୀୟ ସ୍ୱାଭିମାନ ଓ ସମ୍ମାନର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଏହାର ଜୀବନ୍ତ ସାଂସ୍କୃତିକ ଐତିହ୍ୟ, ମନୋରମ ବେଳାଭୂମି ଓ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ମଧ୍ୟ ପ୍ରସିଦ୍ଧ। ୧୯୩୬ ମସିହାରେ ଭାଷାକୁ ଭିତ୍ତି କରି ସେ ସମୟର ଇଂରେଜ ସରକାର ରାଜ୍ୟକୁ ସ୍ୱୀକୃତି ଦେଇଥିଲେ। ତେବେ ଆମର ପ୍ରାଚୀନ ଭାଷା ଅନେକ ବର୍ଷ ପରେ ଅର୍ଥାତ୍ ୧୧ ମାର୍ଚ୍ଚ ୨୦୧୪ରେ ଅନ୍ୟୂନ ଉପଲବ୍ଧି ପରେ ଶାସ୍ତ୍ରୀୟ ମାନ୍ୟତା ପାଇଥିଲା। ବାସ୍ତବରେ ନବେ ବର୍ଷର ବିକଶିତ ଶିକ୍ଷା ସମ୍ପନ୍ନ ସ୍ୱତନ୍ତ୍ର ଓଡ଼ିଶା କଥା ଭାବିଲାବେଳକୁ ଅନୁଭବ କରୁଛୁ ସତରେ ମୋ ପ୍ରିୟ ଓଡ଼ିଶା କେତେ ମହାନ, କେତେ ଗରୀୟାନ, କେତେ ବିଭବଶାଳୀ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୫୯୨



# ତାଞ୍ଜାଭୁର୍‌ର ବୃହଦେଶ୍ୱର ମନ୍ଦିର

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ବୈଦିକ ସାହିତ୍ୟରେ ଶିବ ଲିଙ୍ଗରୂପରେ ବିବେଚିତ ହୁଅନ୍ତି। ଶୈବଧର୍ମ ହେଉଛି ସର୍ବଭାରତୀୟ ବିଶେଷତ୍ୱ ବହନ କରିଥିବା ଏକ ପ୍ରାଚୀନ ଧର୍ମ ପରମ୍ପରା। ଭାରତର ପ୍ରତ୍ୟେକ କୋଣରେ ଶିବ ମନ୍ଦିର ଦେଖିବାକୁ ମିଳେ। ଏହି ମନ୍ଦିର ମାନଙ୍କରେ ବିଧିବିଧାନ ସହିତ ଶିବଲିଙ୍ଗ ପୂଜା ପାଆନ୍ତି। ଆମ ରାଜ୍ୟ ଓଡ଼ିଶାରେ ତଥା ଭାରତର ବିଭିନ୍ନ ସ୍ଥାନରେ ପବିତ୍ର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗଙ୍କ ସହ ଅନେକ ଶିବଲିଙ୍ଗ ଦର୍ଶନ କରିବା ପରେ ତାମିଲନାଡୁର ତାଞ୍ଜାଭୁର ଠାରେ ବୃହଦେଶ୍ୱରଙ୍କୁ ଦର୍ଶନ କରି ଯେତିକି ଆନନ୍ଦ ସେତିକି ଆଶ୍ଚର୍ଯ୍ୟ ଉପଲବ୍ଧ ହେଲା। କାରଣ ଏକ ବିଶ୍ୱାଳ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ମଧ୍ୟରେ ଏକ ବିରାଟ ଲିଙ୍ଗ ପୂଜା ପାଉଛନ୍ତି। ମନ୍ଦିରର ବିଶାଳତା ଓ ଲିଙ୍ଗଙ୍କର ବିରାଟ ଆକାର ଦୃଷ୍ଟିରୁ ଏହି ମନ୍ଦିରକୁ ବୃହଦେଶ୍ୱର ମନ୍ଦିର ଓ ଲିଙ୍ଗଙ୍କୁ ବୃହଦେଶ୍ୱର ବୋଲି କୁହାଯାଏ।

ତୀର୍ଥ ଭ୍ରମଣ କରିବା ପାଇଁ ନିଜର ଇଚ୍ଛା ସହିତ ପ୍ରଭୁଙ୍କର କରୁଣା ଓ ଡାକରା ଏକାନ୍ତ ଆବଶ୍ୟକ। ଆମ କ୍ଷେତ୍ରରେ ଏହା ହିଁ ହେଲା। ପ୍ରଭୁଙ୍କ ଅଶେଷ କରୁଣାରୁ ତାମିଲନାଡୁର କିଛି ଆଧ୍ୟାତ୍ମିକ କ୍ଷେତ୍ର ଦର୍ଶନ କରିବା ପାଇଁ ବାଙ୍ଗାଲୋରରେ ରହୁଥିବା ଆମ ଝିଅ ପ୍ରିୟଙ୍କା ଓ ଜ୍ୱାଇଁ ଅବିନାଶ ସହିତ କାର ଯୋଗେ ବାଙ୍ଗାଲୋରରୁ ତାମିଲନାଡୁ ଯାତ୍ରା କଲୁ। ପ୍ରଥମେ ତିରୁଚିରାପଲ୍ଲୀ ଠାରେ ରଙ୍ଗନାଥ ସ୍ୱାମୀଙ୍କୁ ଦର୍ଶନ କରି ସେଠାରୁ ପ୍ରଭୁ ବୃହଦେଶ୍ୱରଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ତାଞ୍ଜାଭୁର୍ ଯାତ୍ରା କଲୁ। ଏହା ଏପରି ଏକ ମନ୍ଦିର ଯାହାର ଯେତେ ବର୍ଣ୍ଣନା କଲେ ବି ସମ୍ପୂର୍ଣ୍ଣ କରିବା ଅସମ୍ଭବ।

ମନ୍ଦିରଟି ଦାକ୍ଷିଣାତ୍ୟର କଳାକୃତି ଅତି ସୁନ୍ଦର ଭାବରେ ବହନ କରୁଛି। ଏହାର ପ୍ରତିଟି ପ୍ରସ୍ତର ଯେପରି ଭାରତର ପୁରାଣ, ଇତିହାସ, ନୃତ୍ୟଶୈଳୀ ଓ ଜୀବନଚର୍ଯ୍ୟା ବର୍ଣ୍ଣନା କରୁଛି। ସବୁକିଛି ଅତି ନିଖୁଣ ଭାବରେ ପରିସ୍ଫୁଟ। ତାଞ୍ଜାଭୁର ଜିଲ୍ଲା ସଦର ମହାକୁମାରେ ଚେନ୍ନାଇଠାରୁ ୩୧୨ କି.ମି. ଦୂରରେ ବୃହଦେଶ୍ୱର ମନ୍ଦିର ଅବସ୍ଥିତ। ଏହି ସ୍ଥାନକୁ ରେଳଯୋଗେ ଚେନ୍ନାଇ ଠାରୁ ଯାତ୍ରା କରିହେବ। ରେଳଷ୍ଟେସନ ଠାରୁ ଦେଢ଼ କି.ମି. ଦୂରରେ ମନ୍ଦିର ଅବସ୍ଥିତ। ତିରୁଚିରାପଲ୍ଲୀ ଏହି ସ୍ଥାନର ନିକଟତମ ବିମାନବନ୍ଦର। ନିକଟବର୍ତ୍ତୀ ସହରମାନଙ୍କ ଠାରୁ ସଡ଼କ ପଥରେ ବସ ଯାତ୍ରାର ସୁବିଧା ଉପଲବ୍ଧ। ଚୋଳଶାସକ ରାଜାରାଜା-୧ ଦକ୍ଷିଣ ଭାରତର ଜଣେ ବିଖ୍ୟାତ ସମ୍ରାଟ ଥିଲେ। ତାଙ୍କ ଶାସନ କାଳରେ ସେ ଅନେକ ମନ୍ଦିର ନିର୍ମାଣ କରିଛନ୍ତି। ତାଞ୍ଜାଭୁରଠାରେ ସେ ଏହି ବିଶାଳ ମନ୍ଦିର କାବେରୀ ନଦୀର ତ୍ରିକୋଣ ଭୂମିରେ ନିର୍ମାଣ କରିଥିଲେ। ରାଜାରାଜା-୧, ୯୫୮ରୁ ୧୦୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ। ଏହି ବିଶାଳ ନିର୍ମାଣକାର୍ଯ୍ୟ ୧୦୦୩ରୁ ଆରମ୍ଭ ହୋଇ ୧୦୧୦ ଖ୍ରୀଷ୍ଟାବ୍ଦରେ ମାତ୍ର ୭ ବର୍ଷରେ ସମାପ୍ତ ହୋଇଥିଲା। ତାଙ୍କର ନାମ ଅନୁସାରେ ଏହାକୁ ରାଜା ରାଜେଶ୍ୱର ମନ୍ଦିର ମଧ୍ୟ କୁହାଯାଏ। ଦାକ୍ଷିଣାତ୍ୟରେ ଅବସ୍ଥାନ ଦୃଷ୍ଟିରୁ ଏହା ଦକ୍ଷିଣମେରୁ ନାମରେ ପରିଚିତ। ମନ୍ଦିରର ନିର୍ମାତା ରାଜାରାଜା-୧ଙ୍କ ହାତରେ ଏହି ମନ୍ଦିରର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହା ଦକ୍ଷିଣ ଭାରତର ସର୍ବୋଚ୍ଚ ମନ୍ଦିର ମଧ୍ୟରେ ଅନ୍ୟତମ। ମନ୍ଦିରଟି ଏକ ଆୟତକାର କ୍ଷେତ୍ର ଉପରେ ନିର୍ମିତ। ମନ୍ଦିର ଚତୁଃପାର୍ଶ୍ୱରେ ଚାରୋଟି ପ୍ରବେଶଦ୍ୱାର ଅଛି। କେରଳାନ୍ତକମ୍ ଗୋପୁରମ୍ ରାଜା ରାଜା-୧ କେରଳ ରାଜା ଭାସ୍କର ରବିଙ୍କୁ ପରାସ୍ତ କରିବା ପରେ ଏହାକୁ ନିର୍ମାଣ କରିଥିଲେ। ଏହା ପାଞ୍ଚ ମହଲା ବିଶିଷ୍ଟ। ଏହାର ତଳଭାଗ ପଥର ଓ ଉପରଭାଗ ଇଟା ଓ ଚୁନରେ ନିର୍ମିତ। ଏହା ମଧ୍ୟରେ ଚୁନରେ ନିର୍ମିତ ଭଗବାନ ଶିବ, ଉମାମହେଶ୍ୱରୀ, ବ୍ରହ୍ମା, ବିଷ୍ଣୁ, ଗଣପତି, ତାଣ୍ଡବ ନୃତ୍ୟରତ ଶିବ, ଦକ୍ଷିଣାମୂର୍ତ୍ତି ଓ ଅନ୍ୟାନ୍ୟ ଦେବଦେବୀଙ୍କର ସୁନ୍ଦର ମୂର୍ତ୍ତିମାନ ଶୋଭା ପାଉଛି। ଦ୍ୱିତୀୟ ଗୋପୁରମ୍ ତିନି ମହଲା ବିଶିଷ୍ଟ। ଏହା ମଧ୍ୟରେ ଅନେକ ମୂର୍ତ୍ତି ପୁରାଣ ଓ ଇତିହାସକୁ ଆଧାର କରି ନିର୍ମିତ ଯଥା ଶିବପାର୍ବତୀଙ୍କ ବିବାହ, ଭକ୍ତ ମାର୍କେଣ୍ଡୟକୁ ଶିବ ଯମଦେବତାଙ୍କ କବଳରୁ ମୃତ୍ୟୁମୁଖରୁ ରକ୍ଷା କରିବା, କାନ୍ନାପାଙ୍କ କଥା, ମୁରୁଗାନ ଭାଲିଙ୍କ କଥା, ଶିବରାତ୍ରିରେ ଶବର ବ୍ୟାଘ୍ର ଭୟରେ ବେଲବୃକ୍ଷରେ ଚଢ଼ି ତଳେଥିବା ଶିବଲିଙ୍ଗ ଉପରେ ବେଲପତ୍ର ପକାଇ ଶିବଙ୍କର ଆଶୀର୍ବାଦ ପାଇବା ଇତ୍ୟାଦି ଗଳ୍ପମାନ ଜୀବନ୍ତ ରୂପରେ ପରିସ୍ଫୁଟ ହୋଇଅଛି। ଆଦି ସ୍ଥାନର ପଛପାଖରେ ଭଗବାନ ବୁଦ୍ଧ ବୋଦ୍ଧିଦ୍ରୁମ ତଳେ ଶିଷ୍ୟମାନଙ୍କ ସହ ତପସ୍ୟା କରିବା ଦୃଶ୍ୟ ଅତିବ ମନୋମୁଗ୍ଧକର। ଏହାଛଡ଼ା ଗଣେଶଙ୍କର ଯୁଦ୍ଧଯାତ୍ରା, ମୁରୁଗାନ ତାଙ୍କ ଦୁଇ ପତ୍ନୀଙ୍କ ସହିତ ଏବଂ ରାଜା ମୁଣ୍ଡରେ ଶିବଲିଙ୍ଗ ଧରିବା ପରେ ଅନେକ ଆକର୍ଷଣୀୟ ବର୍ଣ୍ଣନା ମାନ ସ୍ଥାନ ପାଇଛି। ଗୋପୁରମ୍ ଭିତର ପାର୍ଶ୍ୱରେ ଦକ୍ଷିଣରେ ନାଗରାଜ ଓ ଉତ୍ତରରେ ଇନ୍ଦ୍ର ବିରାଜିତ। ଗୋପୁରସର ଦ୍ୱାରଦେଶରେ ୧୮ଫୁଟ ଉଚ୍ଚତା ବିଶିଷ୍ଟ ଦ୍ୱାରପାଳ ଦେଖିବାକୁ ମିଳନ୍ତି। ମୁଖ୍ୟ ମନ୍ଦିର ପୂର୍ବମୁଖୀ ଓ ଏହା ମଧ୍ୟରେ ଗର୍ଭଗୃହ ମଧ୍ୟ ଏକ ଛୋଟ ବିମାନ ପରି। ଏହାର ପ୍ରବେଶ ଦ୍ୱାର ଅତୀବ ସୁନ୍ଦର କଳାରେ ପରିପୂର୍ଣ୍ଣ। ଗର୍ଭଗୃହ ମଧ୍ୟରେ ବୃହଦେଶ୍ୱରଙ୍କ ବିରାଟ ଲିଙ୍ଗ ବିରାଜମାନ। ଏହାର ଉଚ୍ଚତା ୮.୭ମି (୨୯) ଓ ଏହା ମନ୍ଦିର ତଳୁ ଦୁଇମହଲା ଉଚ୍ଚତା ପର୍ଯ୍ୟନ୍ତ ଉଚ୍ଚ। ଏହା ଭାରତରେ ଉଚ୍ଚତମ ଲିଙ୍ଗ ମଧ୍ୟରୁ ଅନ୍ୟତମ। ଶ୍ରୀବିମାନ ୧୬ ମହଲା ବିଶିଷ୍ଟ। ପ୍ରଥମ ତିନି ମହଲା ୩୦.୧୮ମି (୯୯) ଉଚ୍ଚ ବର୍ଗାକାର କ୍ଷେତ୍ର। ଉପର ତେର ମହଲା କ୍ରମାନ୍ୱୟରେ କମି କମି ଉପରକୁ ମନ୍ଦିରାକୃତି ଧାରଣ କରିଛି। ଗର୍ଭଗୃହ କାନ୍ଥର ଚାରି ଦିଗରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ଯଥା ପୂର୍ବ କାନ୍ଥରେ ଲିଙ୍ଗୋଭବ, ଶିବ, ଦୁଇ ଦ୍ୱାରପାଳ; ଦକ୍ଷିଣ କାନ୍ଥରେ ବୀରଭଦ୍ର, ଦକ୍ଷିଣାମୂର୍ତ୍ତି, କାଳାନ୍ତକ, ନଟରାଜ ଦୁଇ ଦ୍ୱାରପାଳ; ପଶ୍ଚିମ କାନ୍ଥରେ ହରିହର (ଗୋଟିଏ ମୂର୍ତ୍ତିରେ ଅଧାଶିବ ଓ ଅଧାବିଷ୍ଣୁ), ଚନ୍ଦ୍ରଶେଖର, ପ୍ରଭାବଳୀ ଓ ଦୁଇ ଦ୍ୱାରପାଳ ଏବଂ ଉତ୍ତର କାନ୍ଥରେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଓ ଦୁଇ ଦ୍ୱାରପାଳ। ଦ୍ୱିତୀୟ ମହଲାରେ ଶିବଙ୍କର ତ୍ରିପୁରାନ୍ତକ ମୂର୍ତ୍ତି ବିଭିନ୍ନ ମୁଦ୍ରାରେ ନିର୍ମିତ ହୋଇଅଛି। ତା ଉପରକୁ ତେର ମହଲା କୋଣାକାରରେ ମନ୍ଦିର ଉପର ପର୍ଯ୍ୟନ୍ତ ଲମ୍ବି ଯାଇଛି, ତା ଉପରେ ୨୫.୫ ଫୁଟ ବିଶିଷ୍ଟ, ୮୦ଟନ୍‌ର ଏକ ବର୍ଗାକାର ପଥର ସ୍ଥାନ ପାଇଛି। ଏହି ପ୍ରସ୍ତର ଉପରେ ଏହାର ପ୍ରତ୍ୟେକ ପାଖରେ ଦୁଇଟି ନନ୍ଦୀ ମୂର୍ତ୍ତି ପ୍ରତ୍ୟେକର ଲମ୍ବ ୬’୬’’ ଓ ପ୍ରସ୍ଥ ୫’୬’’ ଦେଖିବାକୁ ମିଳେ। ମନ୍ଦିର ଶିଖର ୨୫ଟନ୍ ବିଶିଷ୍ଟ ଗୋଲାକାର କମଳାଲେମ୍ବୁ ପରି। ଏହା ଉପରେ ଅଗ୍ରଭାଗ ପଦ୍ମକଢ଼ି ଆକୃତିର ଏକ ସ୍ତୁପ। ଏହା ପ୍ରଥମରୁ ସ୍ୱର୍ଣ୍ଣ ଆଚ୍ଛାଦିତ ଥିଲା। ମାତ୍ର ଆକ୍ରମଣକାରୀଙ୍କ ଦ୍ୱାରା ଅପହୃତ ହୋଇଅଛି। ମନ୍ଦିର ସମ୍ମୁଖରେ ୫ଫୁଟ ଉଚ୍ଚର ଏକ ମଣ୍ଡପ ଉପରେ ୨୫ଟନ୍ ବିଶିଷ୍ଟ ଗୋଟିକିଆ ପଥରରେ ନିର୍ମିତ ବୃଷଭ ମୁଖ୍ୟ ମନ୍ଦିରକୁ ମୁହଁକରି ବିରାଜମାନ। ଏହି ମଣ୍ଡପ ଉପରେ ଷୋଳଟି ସ୍ତମ୍ଭ ଉପରେ ଛାତ ଅବସ୍ଥିତ। ନନ୍ଦୀଙ୍କର ଉଚ୍ଚତା ୨ମି. ଲମ୍ବ ୬ମି ଓ ପ୍ରସ୍ଥ ୨୫ମି.। ନନ୍ଦୀମଣ୍ଡପରୁ ପାହାଚ ଚଢ଼ି ମୁଖ୍ୟ ମଣ୍ଡପରେ ପ୍ରବେଶ କରନ୍ତି। ଏହି ମନ୍ଦିରର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୧୦ ମସିହା ସେପ୍ଟେମ୍ବର ମାସରେ ରାଜ୍ୟ ସରକାରଙ୍କ ତରଫରୁ ବିରାଟ ଉତ୍ସବ ପାଳନ କରାଯାଇଥିଲା। ଭାରତ ସରକାର ମଧ୍ୟ ୨୦୧୦ ମସିହାରେ ପାଞ୍ଚ ଟଙ୍କିଆ ମୁଦ୍ରା ପ୍ରଚଳନ କରିଥିଲେ। ଏଥିରେ ତାଞ୍ଜାଭୁରର ବୃହଦେଶ୍ୱର ମନ୍ଦିର ସ୍ଥାନ ପାଇଥିଲା। ଡାକ ବିଭାଗ ମଧ୍ୟ ୧୦୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମନ୍ଦିର ଚିତ୍ର ଥିବା ପାଞ୍ଚ ଟଙ୍କିଆ ଡାକ ଟିକେଟ ପ୍ରଚଳନ କରିଥିଲେ। ଆଉ ମଧ୍ୟ ଏକ ହଜାର ନୃତ୍ୟଶିଳ୍ପୀ ଭାରତର ତଥା ବିଦେଶର ବିଭିନ୍ନ ସ୍ଥାନରୁ ଆସି ଏଠାରେ ନୃତ୍ୟ ପରିବେଷଣ କରିଥିଲେ। ବହୁ ଧୁମ୍‌ଧାମରେ ପନ୍ଦର ଦିନ ଧରି ଉତ୍ସବ ପାଳନ କରାଯାଇଥିଲା। ଏହି ବିରାଟ ମନ୍ଦିର ଉତ୍କର୍ଷ ତାମିଲ କଳାକୃତିର ପରିଚୟ ଦିଏ। ମନ୍ଦିରର ଅନେକ ଭାଗ ପ୍ରାକୃତିକ କ୍ଷୟକ୍ଷତି ଓ କିଛି ଆକ୍ରମଣକାରୀଙ୍କ ଦ୍ୱାରା ବିନଷ୍ଟ ହୋଇଯାଇଥିବାର ଜଣାଗଲେ ମଧ୍ୟ ବିଭିନ୍ନ ସମୟରେ ନୂତନ ମଣ୍ଡପ, ପାର୍ଶ୍ୱ ମନ୍ଦିର ଇତ୍ୟାଦି ନିର୍ମାଣ କରାଯିବା ସହ ପୁରୁଣା କୃତିର ପୁନରୁଦ୍ଧାର କରାଯାଇଛି। ପାଠକ ପାଠିକାଙ୍କୁ ଅନୁରୋଧ ସମୟ ସୁଯୋଗ ଦେଖି ବୃହଦେଶ୍ୱର ମନ୍ଦିର ଦର୍ଶନ କରି ଏହାର ଅବର୍ଣ୍ଣନୀୟ କଳାକୃତିକୁ ଦର୍ଶନ କରି ବୃହଦେଶ୍ୱରଙ୍କ ଆଶୀର୍ବାଦ ଲାଭ କରନ୍ତୁ।

ପ୍ଲଟ ନଂ-୧୦୮୨/ଡି, ମର୍କତନଗର, ସିଡ଼ିଏ, ସେକ୍ଟର-୬,
କଟକ, ଦୂରଭାଷ : ୯୮୬୧୩୫୫୬୨୮



# ସ୍ୱାସ୍ଥ୍ୟସେବାରେ ସେବିକା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ଭଳି ଆମେ ଆନ୍ତର୍ଜାତିକ ନର୍ସ ବା ସେବିକା ଦିବସ ଭାବରେ ସାରା ରାଜ୍ୟରେ ପାଳନ କରିଥାଉ । ଚଳିତ ବର୍ଷ ଏହି ଦିବସଟିର ପାଳନ ଅବସରରେ ଯେଉଁ ସ୍ଲୋଗାନ୍‌ଟି ରଖାଯାଇଛି, ସେଇଟି ହେଲା – “ଉନ୍ନତ ମାନର ସେବା ଯୋଗାଣ, ଜନସମାଜର ସେବା, ରୋଗୀଙ୍କ ସେବା କ୍ଷେତ୍ରରେ ସେବିକାଙ୍କ ଅଗ୍ରଣୀ ଭୂମିକା ।” ନିଜର ଦାୟିତ୍ୱ ସମ୍ପର୍କରେ ସେବିକାମାନଙ୍କୁ ସଚେତନ କରାଇବା ହେଲା ଏହି ଦିବସର ମୂଳଲକ୍ଷ୍ୟ । ରୋଗୀମାନଙ୍କର ସେବା, ଯତ୍ନ ଓ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ଯୋଗାଇଦେବା ହେଉଛି ସେବିକାମାନଙ୍କର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପ୍ରତି ସଚେତନ କରାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିୟ ସେବିକା ଦିବସଟିକୁ ପାଳନ କରାଯାଏ । ଆମ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ଏ କ୍ଷେତ୍ରରେ ଆଧୁନିକ ନର୍ସସେବାର ଜନନୀ ଭାବରେ ପରିଚିତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଏ । ରୋଗୀମାନଙ୍କୁ ଆଦର, ଯତ୍ନ ଓ ସେବା ଭଳି ମହାନ୍ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ଭାବନାର ପରାକାଷ୍ଠା ସେ ଦେଖାଇଥିଲେ, ତାହାକୁ ଯେତେ ପ୍ରଶଂସା କରାଗଲେ ମଧ୍ୟ କମ୍ ହେବ । ସେଥିପାଇଁ ଏହି ମହିୟସୀ ନାରୀଙ୍କର ସେବାକ୍ଷେତ୍ରରେ ରହିଥିବା ତାଙ୍କର ଏହି ଅବଦାନକୁ ସ୍ମରଣ କରିବା ପାଇଁ ତାଙ୍କର ଜନ୍ମଦିନଟିକୁ ଆନ୍ତର୍ଜାତୀୟ ସେବିକା ଦିବସ ଭାବରେ ପାଳନ କରାଯାଉଛି ।

ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ନର୍ସ ବା ସେବିକା କହିଲେ, ଏଏନ୍‌ଏମ୍ (ମହିଳା ସ୍ୱାସ୍ଥ୍ୟକର୍ମୀ), ଡିଏନ୍‌ଏମ୍ (ଷ୍ଟାଫ୍ ନର୍ସ), ଏଏଚ୍‌ଭି, ବିଏସ୍‌ସିଏନ୍ (ସିଷ୍ଟର ଟିଉଟର) ଓ ଏମ୍‌ଏସ୍‌ସିଏନ୍ (ସିଷ୍ଟର ଟିଉଟର)ଙ୍କୁ ବୁଝାଏ । ଏଠାରେ ସେବିକାମାନଙ୍କ କାର୍ଯ୍ୟ ସମ୍ପର୍କରେ ଏକ ବାସ୍ତବ ଚିତ୍ର ଉପସ୍ଥାପନର ଆବଶ୍ୟକତା ରହିଛି । ତେବେ ରୋଗୀ ଓ ସାଧାରଣ ଲୋକଙ୍କୁ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଷ୍ଟାଫ୍ ନର୍ସ ପ୍ରତ୍ୟକ୍ଷ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବେଳେ ଏଲ୍‌ଏଚ୍‌ଭି ଓ ସିଷ୍ଟର ଟିଉଟରମାନେ ସ୍ୱାସ୍ଥ୍ୟସେବାକୁ ପରୋକ୍ଷରେ ତ୍ୱରାନ୍ୱିତ କରିଥାନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ବଡ଼ ହସ୍‌ପିଟାଲ୍ ମାନଙ୍କରେ ଷ୍ଟାଫ୍ ନର୍ସମାନେ ରୋଗୀମାନଙ୍କୁ ପ୍ରତ୍ୟକ୍ଷ ସେବା ଯୋଗାଉଥିବାବେଳେ ଗ୍ରାମାଞ୍ଚଳ ଲୋକମାନଙ୍କୁ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟକ୍ଷ ସେବା ଯୋଗାଇଥାନ୍ତି । ମୁଖ୍ୟତଃ ଏଲ୍‌ଏଚ୍‌ଭିମାନେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ପରିଚାଳନା, ପରିଦର୍ଶନ ଓ ନିୟନ୍ତ୍ରଣ କରୁଥିବା ବେଳେ ସିଷ୍ଟର ଟିଉଟରମାନେ ମୁଖ୍ୟତଃ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟାଫ୍‌ନର୍ସମାନଙ୍କୁ ଶିକ୍ଷାଦାନ କରିଥାନ୍ତି ।

ଆମ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଯୋଗଦାନ କିଛି କମ୍ ନାହିଁ । ସରକାରୀ ଓ ବେସରକାରୀ ଚିକିତ୍ସାଳୟ, ନର୍ସିଂହୋମ୍ ଇତ୍ୟାଦିର ସଂଖ୍ୟା ଉଭୟ ସହର ଓ ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବଭଳି ଆଉ ମା’ମାନଙ୍କର ସନ୍ତାନ ପ୍ରସବ ସମସ୍ୟାଜନିତ ମୃତ୍ୟୁ ଆଜିକାଲି ଦେଖାଯାଉନାହିଁ କହିଲେ ଭୁଲ ହେବ ନାହିଁ । ୟୁଏସ୍‌ଏଡ୍ (ଆମେରିକାର ଏକ ସାହାଯ୍ୟକାରୀ ସଂସ୍ଥା) ତଥା ୟୁନିସେଫ୍ ପାଣ୍ଠିରେ ଚାଲିଥିବା ଏନ୍‌ଆର୍‌ଏଚଏମ୍‌ର କାର୍ଯ୍ୟକ୍ରମ ଦ୍ୱାରା ଆଜିକାଲି ପ୍ରତ୍ୟେକ ଗାଁମାନଙ୍କରେ ଆଶାକର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଯୋଗୁଁ ଶିଶୁମୃତ୍ୟୁ ହାର ଏବଂ ପ୍ରସବକାଳୀନ ମୃତ୍ୟୁ ହାର ବହୁତ ପରିମାଣରେ କମ୍ ହୋଇଥିବା ଲକ୍ଷ୍ୟ କରାଯାଉଛି । ଲୋକମାନଙ୍କ ମନରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ପାଇଁ ଦୂରଦର୍ଶନ, ଘରୋଇ ଚାନେଲ୍, ରେଡ଼ିଓ, ପୋଷ୍ଟର ଓ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଯେଉଁ ପ୍ରଚାର ପ୍ରସାର କରାଯାଉଛି, ତାହା ନିଶ୍ଚିତ ଭାବେ ଆମର ସବୁବର୍ଗର ଲୋକମାନଙ୍କର କଲ୍ୟାଣ ସାଧନ କରିପାରୁଛି । ଆମ ରାଜ୍ୟର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା “କଲ୍ୟାଣୀ” ଦୂରଦର୍ଶନ କାର୍ଯ୍ୟକ୍ରମ ସର୍ବଭାରତୀୟ କ୍ଷେତ୍ରରେ ପୁରସ୍କୃତ ହୋଇପାରିଛି । ଆଜିକାଲି ଆଉ ମା’ମାନଙ୍କର ପ୍ରସବକାଳୀନ ସମସ୍ୟା ନାହିଁ । ସେମାନେ ନିଜ ଘରେ ସନ୍ତାନ ପ୍ରସବ ନ କରି ଡାକ୍ତରଖାନାକୁ ଯିବା ନିରାପଦ ମଣୁଛନ୍ତି । ଗ୍ରାମାଞ୍ଚଳମାନଙ୍କରେ ଥିବା “ଆଶା” ଦିଦିମାନେ ଘରେ ଘରେ ଲୋକପ୍ରିୟତା ଅର୍ଜନ କରିଥିବା ସେମାନଙ୍କର ଉତ୍ସର୍ଗୀକୃତ ସେବା ମନୋଭାବର ପରିଚୟ ପ୍ରଦାନ କରୁଛି । ଆମ ରାଜ୍ୟର ନାରୀମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କର ସମର୍ପିତ ସେବା ଭାବନା ଓ କର୍ତ୍ତବ୍ୟ ବୋଧର ପରାକାଷ୍ଠା ଦେଖାଇପାରିଲେ ଆନ୍ତର୍ଜାତୀୟ ସେବିକା ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଗାଧୋଇବାକୁ ଯାଇ ବୁଡିଗଲେ ଯୁବକ

ନୟାଗଡ, (ମହାଭାରତ) : ସାଙ୍ଗସାଥି ହୋଇ ଭୋଜି କରିବାକୁ ଯାଇ ନିକଟରେ ଥିବା ଥିବା ଏକ ଖାଡିଆ ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଇଟାମାଟି ଥାନା ପୁରୁଷୋତ୍ତମ ପୁର ଗ୍ରାମର ୨୦ ବର୍ଷୀୟ ଯୁବକ ପ୍ରତ୍ୟୁଷ ପ୍ରିୟାଂଶୁ ହାତୀ। ପ୍ରତ୍ୟୁଷ ନିଜ ଗ୍ରାମରେ ନ ରହି ବହୁ ଦୀନ ହେବ ଇଟାମାଟି ଗ୍ରାମ ନହର ସାହି ରେ ଥିବା ମାମୁଁ ଘରେ ରହି ଆସୁଥିଲେ। ପ୍ରତ୍ୟୁଷ ଆଜି ତାଙ୍କର ୬ ଜଣ ସାଙ୍ଗଙ୍କ ସହ ନୟାଗଡ଼ ରେଲୱେ ଷ୍ଟେସନ ନିକଟସ୍ଥ ଶିଆଳିଖୋଲ ନିକଟକୁ ଭୋଜି କରିବାକୁ ଯାଇଥିଲେ। ଅପରାହ୍ନ ସମୟରେ ଭୋଜି କରୁଥିବା ନିକଟସ୍ଥ ମାଟି ଖୋଳା ଯାଇଥିବା ଏକ ଖାଡିଆ କୁ ଦୁଇ ଜଣ ସାଙ୍ଗ ଗାଧୋଇବାକୁ ଯାଇଥିବା ବେଳେ ଅଧିକ ପାଣି ଥିବାରୁ ପାଣିରେ ବୁଡ଼ି ଯାଇଥିଲେ। ଜଣଙ୍କୁ ଅନ୍ୟ ସାଙ୍ଗମାନେ ଉଦ୍ଧାର କରିଥିବା ବେଳେ ପ୍ରତ୍ୟୁଷ କିନ୍ତୁ ଆସିପାରି ନଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ବହୁ ଖୋଜାଖୋଜି ପରେ ପାଣି ଭିତରୁ ପ୍ରତ୍ୟୁଷ ଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରତ୍ୟୁଷ ବୁଡ଼ିଯିବା ପରେ ଅନ୍ୟ ସାଙ୍ଗମାନେ ଘଟଣାସ୍ଥଳରୁ ପଳାଇ ଯିବା ନେଇ ସନ୍ଦେହ ସୃଷ୍ଟି କରିଛି। ସଦର ଥାନା ପୁଲିସ ପ୍ରତ୍ୟୁଷ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି। ସେପଟେ ପ୍ରତ୍ୟୁଷ ଙ୍କ ପରିବାର ଏବଂ ଗ୍ରାମ ସାଙ୍ଗସାଥୀ ଙ୍କ ମଧ୍ୟରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

## ବେଆଇନ ବାଲି ଚାଲାଣକାରୀଙ୍କୁ ଧରିବାକୁ ରାତି ଅଧିଆ ଚଢ଼ଉ, ୪ଟି ହାଇୱା, ୨ଟି ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲିନ୍ ମେସିନ୍ ଜବତ

ନୟାଗଡ, (ମହାଭାରତ) : ଦୀର୍ଘଦିନର ନୀରବତା ପରେ ହଠାତ ଚେଇଁ ଉଠିଛି ନୟାଗଡ଼ ଜିଲ୍ଲା ପ୍ରଶାସନ। ବେଆଇନ ବାଲି ଚାଲାଣକାରୀଙ୍କୁ ଧରିବାକୁ ରାତି ଅଧିଆ ଚଢ଼ଉ କରି ୪ଟି ହାଇଓ୍ୱା, ୨ଟି ଟ୍ରାକ୍ଟର ଓ ୫ଟି ପ୍ରୋକ୍ଲିନ୍ ଜବତ କରିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓ ଏସ୍‌ପି ଏସ୍ ସୁଶ୍ରୀଙ୍କ ଅଧକ୍ଷତାରେ ଏକ ଟିମ ଭାପୁର ବ୍ଲକର ଦୁଇଟି ବେଆଇନ ଘାଟ ଉପରେ ଅତର୍କିତ ଚଢ଼ଉ କରିଥିଲେ। ବିନା ଲିଜ କିମ୍ବା ଅନୁମତି ନଥାଇ ମାସ ମାସ ଧରି ଉକ୍ତ ଦୁଇଟି ଘାଟ ଚାଲୁଥିବା ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଥ?ିବା ଅଭିଯୋଗ ହୋଇଆସୁଥିଲା। ଦୁଇ ବରିଷ୍ଠ ଅଧିକାରୀଙ୍କ ଚଢ଼ଉ ବେଳେ କିଛି ମାଫିଆ ଚମ୍ପଟ ମାରିଥିବା ବେଳେ ପ୍ରାୟ ୧୪ ଜଣକୁ ଫତେଗଡ ପୁଲିସ ସହାୟତାରେ ଅଟକ ରଖାଯାଇ ତଦନ୍ତ କରାଯାଉଛି। ସେହିପରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକାଧିକ ଗାଡି ମଧ୍ୟ ଧରା ପଡିଥିଲେ। ଯାଞ୍ଚ ଖବର ପାଇ ପଛକୁ ପଛ ଆସୁଥିବା ହାଇୱା ବାଟ ଭାଙ୍ଗି ପଳାଇଥିବା ବେଳେ ଅନ୍ୟ ଉପାୟ ନ ପାଇ ବାଲି ଢାଳି ଚମ୍ପଟ ମାରିଥିବା ଭଳି ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାପୁର ବ୍ଲକ ଅଞ୍ଚଳ ଦେଇ ମହାନଦୀ ବହି ଯାଇଥିବା ବେଳେ ଏହାର ବିସ୍ତୀର୍ଣ୍ଣ ବାଲୁକାରାଶି ଉପରେ ଏକାଧିକ ବେଆଇନ ଘାଟ ଖୋଲିଛି। ଗତ ଦେଢ ବର୍ଷରେ ମହାନଦୀ କୂଳରେ ଥିବା ଏହି ଘାଟ ଗୁଡିକରୁ ନିୟମିତ ବାଲି ଲୁଟ୍ ଚାଲିଥିବା ବେଳେ କିନ୍ତୁ ଜିଲ୍ଲା ଖଣି ବିଭାଗ ଏଠି ନୀରବ। ବାରମ୍ବାର ଅଭିଯୋଗ ପରେ ବି ବେଆଇନ ବାଲି ଚାଲାଣ ଉପରେ ରୋକ ଲାଗୁନଥିବା ବେଳେ ଅଘୋଷିତ ଲୁଟକୁ ଖଣି ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୪୭ ନଂ ରାଜ୍ୟ ରାଜପଥ ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇ ବାକୁ ବାରମ୍ବାର ଦାବି ହୋଇଆସୁଥିବା ବେଳେ କର୍ଣ୍ଣପାତ କରୁନଥିବା ପୁଲିସ ବିଭାଗ ହଠାତ ସକ୍ରିୟତା ଦେଖାଇବା ମଧ୍ୟ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତକାଲି ଜବତ ହୋଇଥିବା ଗାଡି ଗୁଡିକ ଫତେଗଡ ଥାନା ପରିସରରେ ରଖାଯାଇଥିବା ଏବଂ ଅଟକ ବ୍ୟକ୍ତିଙ୍କୁ ନେଇ ଅଧିକ ତଦନ୍ତ କରାଯାଉଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଖୋଦ ଜିଲ୍ଲାପାଳ ଓ ଏସ୍ ?ପି ବାଲି ଘାଟରେ ଚଢ଼ଉ କରୁଥିବା ବେଳେ ଏ ଘଟଣା ପରେ ସ୍ଥାନୀୟ ପୁଲିସ ପ୍ରଶାସନ ଏବଂ ଜିଲ୍ଲା ଖଣି ବିଭାଗ କିପରି ଅଗୋଚର ଅଛନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜୀବ ବିବିଧତା ସପ୍ତାହ ଅବସରରେ ବାଂଶପାଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ବାଂଶପାଳରେ ଜୀବ ବିବିଧତା ସପ୍ତାହ ପାଳନ ଅବସରରେ ବାଂଶପାଳ ବିକାଶ ମଞ୍ଚର ସଦସ୍ୟମାନଙ୍କ ଦ୍ୱାରା ଏଫ୍.ଇ.ଏସ୍ ସହଯୋଗରେ ବାଂଶପାଳ ହାଟରେ ପ୍ଲାଷ୍ଟିକ ବିରୋଧୀ ସଚେତନତା ଶୋଭାଯାତ୍ରା ଓ ସଫେଇ ଅଭିଯାନ ଆୟୋଜିତ ହୋଇଛି। ବାଂଶପାଳ ହାଟରେ ବ୍ଲକର ଏକ ପ୍ରମୁଖ ଆର୍ଥିକ କେନ୍ଦ୍ର ହୋଇ ଥିବା ସହ ଜଙ୍ଗଲ ନିକଟରେ ଅବସ୍ଥିତ ଥିବା ରୁ ଏଠାରେ ପ୍ରତି ସପ୍ତାହରେ ବହୁ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ହାଟରେ ପ୍ଲାଷ୍ଟିକ ଜାତ ଆବର୍ଜନା ଘରୋଇ ଓ ଜଙ୍ଗଲୀ ପଶୁପକ୍ଷୀ ମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ଖାଦ୍ୟ ଖୋଜୁଥିବା ସମୟରେ ଅନେକ ପଶୁ ପ୍ଲାଷ୍ଟିକ ଖାଇ ଅସୁସ୍ଥ ହେବା ସହ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷିତରେ ସମୁଦାୟ ସଦସ୍ୟମାନେ ହାଟ ପରିସରରେ ସଚେତନତା ରାଲି କରି ସାଧାରଣ ଲୋକ, ବ୍ୟବସାୟୀକ ଓ ହାଟକୁ ଆସୁଥିବା ଲୋକ ମାନଙ୍କୁ ପ୍ଲାଷ୍ଟିକର କୁ ପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ। ସେହି ହାଟ ପରିସର ସଫା କରାଯାଇ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ ଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା, ଜୀବ ବିବିଧତା ରକ୍ଷା ଓ ପ୍ଲାଷ୍ଟିକ ବ୍ୟବହାର କମାଇ ସ୍ଥାୟୀ ଓ ପରିବେଶମିତ୍ର ପଦକ୍ଷେପକୁ ପ୍ରୋତ୍ସାହନ ଦେବ ।

## ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ

ଦଶପଲ୍ଲା, (ମହାଭାରତ): ଗତ ୧୨ ତାରିଖ ଦିନ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଞ୍ଚାୟତ ବୁରୁସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ଟି ପରିବାର ସର୍ବସାନ୍ତ ହୋଇଯାଇଥିବା ବେଳେ ଆଜି ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ (ଟାକରା)ର ସଦସ୍ୟ ମାନେ ପହଂଚି ଦଣ୍ଡଧର ନାୟକ ଓ ଅଖିଳ ନାୟକଙ୍କୁ ବସ୍ତ୍ର ସହ ଚାଉଳ, ଡାଲି ଆଦି ଖାଦ୍ୟସାମଗ୍ରୀ ପ୍ରଦାନ କରିଛନ୍ତି। ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପୂର୍ବରୁ ମଧ୍ୟ ଅନେକ ଜନହିତକର କାର୍ଯ୍ୟକରି ଅଂଚଳରେ ସୁନାମ ଅର୍ଜନ କରିଛି। ସମ୍ପାଦକ ନିହାର ରଞ୍ଜନ ମହାନ୍ତିଙ୍କ ସୂଚନା ଅନୁଯାୟୀ ପୂର୍ବରୁ ଟ୍ରଷ୍ଟ ପକ୍ଷରୁ 'ସେବା ମହୋତ୍ସବ' ମାଧ୍ୟମରେ ପ୍ରାୟ ୧ହଜାର ଅସହାୟ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ରକ୍ତଦାନ ଶିବିର ଆୟୋଜନ ଓ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ଶିକ୍ଷାକ୍ଷେତ୍ରରେ ମଧ୍ୟ ଟ୍ରଷ୍ଟର ଉଲ୍ଲେଖନୀୟ ଅବଦାନ ରହିଛି। ବିଭିନ୍ନ ଗ୍ରାମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କ ଘରକୁ ଯାଇ ସଦସ୍ୟ ନାରାୟଣ ସାହୁ, ଚନ୍ଦନେଶ୍ୱର ଦାସ,ବିଦ୍ୟାଧର ମୁଦୁଲି, ଚନ୍ଦ୍ରଶେଖର ନାଏକ ପ୍ରମୁଖ ଅଭିଭାବକ ଓ ପିଲାଙ୍କୁ ବୁଝାଇ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇବା ସହ ସେମାନଙ୍କ ପାଠପଢା ପାଇଁ ସମସ୍ତ ସୁ - ବନ୍ଦୋବସ୍ତ କରାଇଛନ୍ତି। ଟ୍ରଷ୍ଟର ନିରନ୍ତର ସେବା କାର୍ଯ୍ୟ ଯୋଗୁଁ ସାଧାରଣରେ ଏହା ବେଶ ପ୍ରଶଂସିତ ହୋଇପାରିଛି।

## ବିଷମକଟକ: ପଞ୍ଚାୟତ ପାଣ୍ଠି ଦୁରୁପଯୋଗ ନେଇ ଅଭିଯୋଗ : ସନ୍ଦେହ ଘେରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ରାୟଗଡା, (ମହାଭାରତ) : ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ବ୍ଲକ ର ସମସ୍ତ ଅଧିକାରୀ ପର୍ଯ୍ୟନ୍ତ, ଯାହାଠୁ ବି ବୁଝିବେ, ଉତ୍ତର ସେହି ଗୋଟିଏ କଥା 'ଫାଇଲ ମୋ ପାଖକୁ ଆସି ନାହିଁ' । ହେଲେ ଅଧିକାରୀ ମାନଙ୍କ ନାକ ତଳୁ କାଢି ନେଲେ ୪ ଲକ୍ଷ ଟଙ୍କା ଆଉ ଦାୟତ୍ୱରେ ନ ଥାଇ ବି ବିଲ କରୁଛନ୍ତି ବିଭାଗୀୟ ଯନ୍ତ୍ରୀ । ବାରମ୍ବାର ଏପରି ଚଞ୍ଚକତାକୁ ଧରିବାରେ ବିଫଳ ଜିପିଡିଓ ଏବଂ ଅଡିଟ ଅଧିକାରୀ ଓ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି । ରାୟଗଡା ଜିଲ୍ଲା ବିଷମକଟକ ଠାରେ ଏପରି ଘଟଣା ଲୋକଲୋଚନକୁ ଆସିଛି । ପଞ୍ଚାୟତ ପିଡ଼ିଏସ ଜମା ରାଶି ରୁ ଗୋଦାମ ଗୃହ ମରାମତି କାମ କରାଯାଇଛି ହେଲେ ପିଡ଼ିଏସ ଆକାଉଣ୍ଟ ରୁ ଟଙ୍କା ଉଠାଯିବା ନେଇ କୌଣସି ବୈଠକ, କୌଣସି ପ୍ରସ୍ତାବ ପାରିତ ହୋଇନଥିବା ଏବଂ ସଭ୍ୟ ମାନଙ୍କ ଅଗୋଚର ରେ ଏହା ହୋଇଥିବା ଅଭିଯୋଗ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା। ଫାଇଲରେ ସମ୍ପୃକ୍ତ ବିଷୟ ନେଇ କୌଣସି କାଗଜ ପତ୍ର ନ ଥିବାରୁ ପ୍ରଥମେ ଫାଇଲ ଅପଡେଟ ପାଇଁ ଫେରାଇ ଦେଇଥିବା କଥା ଯନ୍ତ୍ରୀ ବିବି ବେହେରା ସ୍ପଷ୍ଟ କରିଛନ୍ତି, ହେଲେ ଦାୟତ୍ୱରେ ନ ଥାଇ ବି ବିଲ କିପରି କଲେ ସେ ନେଇ ଯନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ।

ତେବେ ପୂର୍ବରୁ ହୋଇଥିବା ବୈଠକ ପୃଷ୍ଠାରେ ପିଡ଼ିଏସ ଗୋଦାମ ମରାମତି ବିଷୟରେ ଚଞ୍ଚକତା ର ସହ ଦୁଇ ଧାଡି ଯୋଡା ଯାଇଥିବା କୁହାଯାଉଛି । ସାଧାରଣତଃ, ବୈଠକର ଉଦ୍ଦେଶ୍ୟ, ଆଲୋଚନା ବିଷୟ ବସ୍ତୁ, ପ୍ରସ୍ତାବ ଉପସ୍ଥାପନ ଓ ପ୍ରସ୍ତାବ ଗୃହୀତ ହେବା ପରେ ସହମତି ଭାବେ ଉପସ୍ଥିତ ସଭ୍ୟ ମାନଙ୍କ ଦସ୍ତଖତ କରାଯାଇଥାଏ ଓ ଏହି କ୍ଷେତ୍ରରେ କିନ୍ତୁ ପୂର୍ବରୁ ହୋଇଥିବା ଏକ ବୈଠକରେ ଏହି ବିଷୟ ଯୋଡିବା ପାଇଁ ଚେଷ୍ଟା ହୋଇଥିବା ଅଭିଯୋଗ ହୋଇଛି ଓ ଯେଉଁଥିପାଇଁ ପ୍ରଥମେ ଦସ୍ତଖତ ଓ ପରେ ମରାମତି ପାଇଁ ଦୁଇ ଧାଡି ଯୋଡ଼ାଯାଇଥିବା କୁହାଯାଉଛି । ବୈଠକ ଖାତା ର ତତ୍ୱାବଧାରକ ପିଇଓ ହୋଇଥିବାରୁ ଏଥିରେ ତାଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି । ଏଠାରେ ଉଲ୍ଲେଖ ଥାଉକି, ପିଡ଼ିଏସ ଜମା ରାଶି ରୁ ଗୋଦାମ ଗୃହ ମରାମତି କରାଯିବା ପୂର୍ବରୁ, ମରାମତି ବାବଦରେ କେତେ ଖର୍ଚ୍ଚ ହେବ ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ଏକ ଆକଳନ ନିତାନ୍ତ ଆବଶ୍ୟକ ଓ ଯାହା ଆଧାରରେ ପଞ୍ଚାୟତ ବୈଠକରେ ଖର୍ଚ୍ଚ ବାବଦରେ କେତେ ଟଙ୍କା ଉଠାଯିବ ସେ ନେଇ ପ୍ରସ୍ତାବ ପାରିତ ହେବା ବାଧ୍ୟତା ମୂଳକ ପ୍ରକ୍ରିୟା। କିନ୍ତୁ ଏହି କ୍ଷେତ୍ରରେ ''ଡିଲର ମାର୍ଜିନ ରୁ ଗୋଦାମ ମରାମତି କରାଯିବା' ବିଷୟ ଛାଡିଦେଲେ, ଖାତାରୁ କେତେ ଟଙ୍କା ଉଠାଯିବ, ଯନ୍ତ୍ରୀ କେତେ ଖର୍ଚ୍ଚ ନେଇ ଆକଳନ କରିଛନ୍ତି, ଆଉ ପରବର୍ତ୍ତୀ ସମୟରେ ଏହି ଟଙ୍କାକୁ ପିଡ଼ିଏସ ଜମା ଖାତା କୁ କିଭଳି ଫେରିବ ସେ ନେଇ କିଛି ମଧ୍ୟ ଉଲ୍ଲେଖ କରାଯାଇନାହିଁ ଓ ସବୁଠାରୁ ଆଶ୍ଚର୍ଯ୍ୟ ର ବିଷୟ ବୈଠକରେ ଦସ୍ତଖତ କରିଥିବା ୧୩ ଜଣଙ୍କ ମଧ୍ୟରୁ ପାଞ୍ଚ ଜଣ ବୈଠକ ଦିନ ବିଷମକଟକ ଗାଁ ରେ ହିଁ ଉପସ୍ଥିତ ନଥିଲେ । ହେଲେ ବୈଠକରେ ସମସ୍ତଙ୍କ ଉପସ୍ଥିତି ଆଧାର ଅନୁପସ୍ଥିତ ଥିବା ସଭ୍ୟ ମାନଙ୍କ ଦସ୍ତଖତ କିଭଳି ହେଲା ତାହାର ଅସ୍ପଷ୍ଟ ଓ ବୈଠକ ରେ ସମିତି ସଭ୍ୟଙ୍କ ଅନୁପସ୍ଥିତିକୁ ମଧ୍ୟ ବୈଠକର ବୈଧତା ନେଇ ସନ୍ଦେହ କରାଯାଉଛି । ହେଲେ 'ଲୁଚଛି ସିନା ଗୋଡ଼ ଦୁଇଟା ଦିଶୁଛି ଭଳି', ତରବରିଆ ଭାବେ ପିଇଓ ଜଣକ ଗୋଟିଏ ଭୁଲ କୁ ଲୁଚେଇବା ପାଇଁ ଆଉ ଅନେକ ଭୁଲ କରିଥିବା କୁହାଯାଉଛି । ଯଦି ବି ବୈଠକରେ ନିଷ୍ପତ୍ତି ହୋଇଥିବା ପିଇଓଙ୍କ ଦାବିକୁ ବିଶ୍ୱାସକୁ ନିଆଯାଏ ତେବେ ମଧ୍ୟ ବୈଠକର ଉଲ୍ଲେଖ ବିଷୟରୁ ଏହା ସ୍ପଷ୍ଟ ଯେ ଖର୍ଚ୍ଚ ହେବାକୁ ଥିବା ଜମା ରାଶି, ଏବଂ କେତେ ଟଙ୍କା ଖାତା ରୁ ବାହାର ହେବ ଏହା ଉପରେ ଗ୍ରାମ ଶାସନ ର ଆଦୌ ନିଷ୍ପତ୍ତି କିମ୍ବା ସହମତି ହୋଇନାହିଁ । ତେବେ କେଉଁ କାରଣ ରୁ ପିଇଓ ଜଣକ ୪ଲକ୍ଷ ଟଙ୍କା ବାହାର କରିବାକୁ ଯୋଜନା କଲେ ତାହା ଅସ୍ପଷ୍ଟ । ତେବେ ବର୍ତମାନ ବିଷମକଟକ ପଞ୍ଚାୟତ ଟି ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ହୋଇଥିବା ସ୍ଥଳେ ଦାୟତ୍ୱ ହସ୍ତାନ୍ତର ପୂର୍ବରୁ ପଞ୍ଚାୟତ ପାଣ୍ଠି ଚଳୁ କରିଦେବାର ଯୋଜନା ଆଳରେ ଏହି ସବୁ କରାଯାଇଥିବା କୁହାଯାଉଛି । ଏଭଳି ପରିସ୍ଥିତି ରେ ପିଇଓଙ୍କ ମୁଖ୍ୟ ଭୂମିକା ରହିଥିବା ଅନୁମାନ କୁରାଯାଉଛି । ତେବେ ଗୋଦାମ ମରାମତି ବାବଦରେ 'ମୁଁ ସେମିତି କୌଣସି କାଗଜରେ ଦସ୍ତଖତ କରି ନାହିଁ ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସଭ୍ୟା ଏହି ବିଷୟ ପ୍ରକାଶ କରିଛନ୍ତି' ।

୬୦-୮୦% ଷ୍ଟକ ଖାଲି ହେବା କ୍ଷଣି ନୂତନ ଷ୍ଟକ ଆସି ପହଞ୍ଚି ଥାଏ । ସରକାର ନିରବଚ୍ଛିନ୍ନ ବଣ୍ଟନ ବ୍ୟବସ୍ଥା ଦିଗରେ ଯତ୍ନବାନ ରହିଛନ୍ତି । ଷ୍ଟକ ପହଞ୍ଚିବା କ୍ଷଣି, ବଣ୍ଟନ ହୋଇଯାଇଥାଏ। ଏଭଳି ସ୍ଥଳେ ସାମଗ୍ରୀ ନଷ୍ଟ ହେବା ଭଳି କୌଣସି ସ୍ଥିତି ନାହିଁ ବୋଲି ଯୋଗାଣ ବିଭାଗ ଅଧିକାରୀ ସ୍ପଷ୍ଟ କରିଛନ୍ତି । ଏଠାରେ ପ୍ରକାଶ ଥାଉକି, ୨୦୨୨-୨୩ ରେ ପିଡ଼ିଏସ ଖାତା ରୁ ୪ ଲକ୍ଷ, ୨୦୨୩-୨୪ ଆର୍ଥିକ ବର୍ଷ ରେ ମଧ୍ୟ ଉକ୍ତ ଗୋଦାମ ମରାମତି ବାବଦରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଗୋଟିଏ ଆର୍ଥିକ ବର୍ଷ ବ୍ୟବଧାନ ରେ ପୁନଃ ମରାମତି ବାବଦରେ ଟଙ୍କା ଉଠାଯିବା ବିଷୟରେ ପିଇଓଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି । ଏଥି ସହ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷ ମଧ୍ୟରେ କେବଳ ପିଡ଼ିଏସ ଖାତା ରୁ ୧୬ ରୁ ଅଧିକ ଥର ଟଙ୍କା ଉଠଯାଇଛି। ଯେଉଁ କାରଣରୁ ପଞ୍ଚାୟତର ପୂର୍ବତନ ପିଇଓଙ୍କୁ ଜିଲ୍ଲାଧିକାରୀ ନିଲମ୍ବନ ମଧ୍ୟ କରିଥିବା କୁହାଯାଉଛି । ଏହା କେବଳ ଗୋଟିଏ ଘଟଣା ନୁହଁ ବରଂ ଏଥି ପୂର୍ବରୁ ଅଧିକାରୀ ଜଣକ ପଞ୍ଚାୟତର ନିଜସ୍ୱ ଖାତା ୧୨୨୭୧୦୮୮୩୨୦ ରୁ ଲକ୍ଷ ଲକ୍ଷ ଟଙ୍କା ବିଦ୍ଧିବଦ୍ଧ ପ୍ରକ୍ରିୟା ବିନା, ଉଠାଇଥିବା ଅଭିଯୋଗ ରହିଛି ।

## ବାଲିପାଟଣାରେ ପେଟ୍ରୋଲ ଓ ଡିଜେଲ ପାଇଁ ଅସମ୍ଭାଳ ଭିଡ




ବାଲିପାଟଣା, (ମହାଭାରତ) : ବାଲିପାଟଣା ପେଟ୍ରୋଲ ପମ୍ପରେ ଭିଡ଼ ରୋଷେଇ ଗ୍ୟାସ କିଣିବାକୁ ଲମ୍ବା ଧାଡ଼ିରେ ଠିଆ ହେବା ପରେ ଏବେ ପେଟ୍ରୋଲ ଓ ଡିଜେଲ ପାଇଁ ଲୋକଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗୀତା,ଲମ୍ବା ଧାଡ଼ିରେ ଠିଆ ହୋଇ ଗାଡ଼ିରେ ତେଲ ପକାଇବାକୁ ଦେଖିବାକୁ ମିଳୁଛି। ବାଲିପାଟଣା ଅଞ୍ଚଳ ର ଅଠାନ୍ତର ପମ୍ପ, ବାଲିପାଟଣା ପମ୍ପ, ବସନ୍ତମାଳ ପମ୍ପ ଆଦି ବିଭିନ୍ନ ପେଟ୍ରୋଲ ପମ୍ପରେ ମାତ୍ରାଧିକ ଭିଡ଼ ଦେଖିବାକୁ ମିଳିଛି। ଆଗକୁ ଆଉ ପେଟ୍ରୋଲ ମିଳିବ କି ନାହିଁ ସେଇ ଆଶଙ୍କା ରେ ଲୋକେ ପେଟ୍ରୋଲ ନେବା ପାଇଁ ଭିଡ଼ ଲଗାଇଛନ୍ତି। କିନ୍ତୁ ଆଗ ଭଳି ଆଉ ପେଟ୍ରୋଲ ପମ୍ପ ମାନଙ୍କ ରେ ତେଲ ମିଳୁନାହିଁ।ଲୋକଙ୍କ ଭିଡ଼ ଥିବାରୁ ଦୁଇ ଚକିଆ ଗାଡ଼ିରେ ୨୦୦ରୁ ୨୫୦ଟଙ୍କା ଚାରିଚକିଆ ଗାଡ଼ିରେ ୧୦୦୦ରୁ ୨୦୦୦ଟଙ୍କା ର ତେଲ ମିଳୁଛି। ଯାହାକୁ ନେଇ ଏବେ ଚିନ୍ତାରେ ପ୍ରତ୍ୟେକ ଦିନ ନିଜର କର୍ମସ୍ଥଳକୁ ଯାଉଥିବା ଲୋକେ। ଲୋକେ ଭୟରେ ଛାନିଆ ହୋଇ ଯାହାର ୧ଲିଟର ତେଲ ଆବଶ୍ୟକ ସେ ଟାଙ୍କି ଫୁଲ୍ କରିଦଉଛି। ଏପଟେ ରାଜ୍ୟବ୍ୟାପୀ ତୈଳ ସଙ୍କଟ ମାଳ ମାଳ ଅଭିଯୋଗ ଭିତରେ ବଡ଼ ସୂଚନା ଦେଇ ଲୋକଙ୍କୁ ଆଶ୍ୱସ୍ତ କରିଛନ୍ତି ଖାଦ୍ୟ ଯୋଗାଣ ପ୍ରମୁଖ ସଚିବ ସଞ୍ଜୟ ସିଂ।ସେ କହିଛନ୍ତି ରାଜ୍ୟରେ ଆଦୌ ତେଲ ସଙ୍କଟ ନାହିଁ। ୨୦ରୁ ୨୨ଟି ଟାଙ୍କିରେ କେବଳ ଡ୍ରାଏ ଆଉଟ୍ ସ୍ଥିତି ଅର୍ଥାତ୍ ସାମୟିକ ଭାବେ ତେଲ ଶେଷ ହୋଇଥିବା ଦେଖା ଦେଇଛି। କେବଳ ତେଲ ଟାଙ୍କିର ନିଜସ୍ୱ ପରିଚାଳନା ଗତ ସମସ୍ୟା ଯୋଗୁଁ ଏପରି ସ୍ଥିତି ହେଇଛି। ଡ୍ରାଏ ଆଉଟ୍ ସ୍ଥିତି ମନିଟିଅରିଂ ସମାଧାନ ପାଇଁ ଖୁବଶ୍ରୀଘ୍ର ବ୍ୟବସ୍ଥା ହେବ। ତେଣୁ ଭୟବିତ ହୋଇ ଜମାବି ତେଲ ନ କିଣିବାକୁ ନିବେଦନ କରିଛନ୍ତି ପ୍ରମୁଖ ସଚିବ। ଏବଂ ଆଗକୁ ବସ ଚଳାଚଳ ବନ୍ଦ ହେବାର ନେଇ ଘରୋଇ ବସ ଚଳାଚଳ ସଂଘ ର ଆଶଙ୍କା କୁ ଭିତ୍ତିହିନ କହିବା ସହ ବସ୍ ଚାଲିବାରେ କୌଣସି ଅସୁବିଧା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ସଞ୍ଜୟ ସିଂ।

## ରେଳଯାତ୍ରୀ ସୁରକ୍ଷା ଓ ସଚେତନତା ସଭା




ଲାଞ୍ଜିଗଡ଼, (ମହାଭାରତ ) : ପୂର୍ବତଟ ରେଳପଥ ଲାଞ୍ଜିଗଡ ରୋଡ଼- ଜୁନାଗଡ଼ ରେଳ ଲାଇନର ରାମଚନ୍ଦ୍ରପୁର ପାସେଞ୍ଜର ହଲଟରେ ଏକ୍ସପ୍ରେସ ଟ୍ରେନ ରହଣୀ ବାତିଲକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଟ୍ରେନ ରହଣୀ ନକଲେ ତୀବ୍ର ଜନ ଆନ୍ଦୋଳନର ସଂକେତ ମିଳୁଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ଏକ ପ୍ରତିନିଧି ଦଳ ସମ୍ବଲପୁର ରେଳ ମଣ୍ଡଳ ଅଧିକ୍ଷକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଦାବିପତ୍ର ଦେବା ସହିତ ଆଲୋଚନା କରିଛନ୍ତି। ତେବେ ଟ୍ରେନ ଚଳାଚଳ ଅଞ୍ଚଳବାସୀଙ୍କ ପାଇଁ ଏକ ଆବଶ୍ୟକତା ହୋଇଥିବାବେଳେ ଆଜି ପ୍ରାୟ ୩୦ ଖଣ୍ଡ ଗାଁର ଲୋକେ ଏକ ସଭାରେ ଏକତ୍ରିତ ହୋଇଥିଲେ। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟର ଡାକରାରେ ଆଜି ରାମଚନ୍ଦ୍ରପୁର ବଜାର ପଡ଼ିଆରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା। କଳାହାଣ୍ଡି ରେଳଯାତ୍ରୀ ସଂଘର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଭାକୁ ସମ୍ବୋଧନ କରିଥଲେ। ଏହି ଅବସରରେ ଓଡ଼ିଶାରେ ସର୍ବ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା ରେଳଯାତ୍ରୀ ସୁରକ୍ଷା ଓ ସଚେତନତା ସଭାକୁ ସେ ପ୍ରଶଂସା କରିବା ସହିତ କେନ୍ଦ୍ର ରେଳମନ୍ତ୍ରୀ, ରାଜ୍ୟ ସରକାର, ରେଳ ବିଭାଗ ତଥା ରାଜ୍ୟସଭା ଓ ଲୋକସଭା ସାଂସଦ ଲୋକଙ୍କ ଦାବି ସମ୍ପର୍କରେ ଅବଗତ ଥିବାରୁ ଖୁବ ଶୀଘ୍ର ଏହାର ସମାଧାନ ହେବ ବୋଲି ଆଶା ପୋଷଣ କରିଥିଲେ। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟର ସଭାପତି ପ୍ରଭାତ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା କିଶୋର କୁମାର ପୁରୋହିତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଂଘର ଅନ୍ୟତମ ଉପଦେଷ୍ଟା ସମାଜସେବୀ ଦିଲୀପ ମିଶ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ପୂର୍ବତନ ଡିଡ଼ିସିସି ଅଧ୍ୟକ୍ଷ ଡମ୍ବରୁଧର ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା, ବରିଷ୍ଠ ନାଗରିକ ଚକ୍ରଧର ପଣ୍ଡା, ଅଶୋକ ପାଢ଼ୀ, ଶୋଭାବନ ଛତର, ପ୍ରସନ୍ନ କୁମାର ପରିଡ଼ା, ମୋହନ ବିଶ୍ୱାଳ, ଅଶୋକ ପରିଡ଼ା, ଶମ୍ଭୁପ୍ରସାଦ ସାହୁ, ଜ୍ୟୋତିଷ ପଣ୍ଡା, ବୀରେନ କୁମାର ପଣ୍ଡା, ମାଧବ ଦାସ, ଅଶୋକ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ରେଳଯାତ୍ରୀ ସଂଘର ସାଧାରଣ ସଂପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ଉମାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲମ୍ବୋଦର ପତି, ହୃଷିକେଶ ବଗର୍ତ୍ତି, ବିକ୍ରମ ଛତ୍ରିଆ, ସୁବଳ ଭୋଇ, ରାଜକୁମାର ମାଝୀ, ବିକାଶ ଦୁର୍ଗା, କୈଳାସ ଗଉଡ଼, ଶିବା ଗଉଡ଼, ଡୋଳେଶ୍ୱର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାମଚନ୍ଦ୍ରପୁର ପାସେଞ୍ଜର ହଲଟକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା, ଭୁବନେଶ୍ୱର- ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ ଓ ରାୟପୁର-ଜୁନାଗଡ଼-ରାୟପୁର ଡିଏମୟୁ ଟ୍ରେନର ରହଣୀ ପୁନଃ କାର୍ଯ୍ୟକ୍ଷମ କରିବା ଆଦି ଦାବି ନେଇ ଅଞ୍ଚଳର ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଶହ ଶହ ମହିଳା ଟ୍ରେନ ଚଳାଚଳ ଓ ରହଣୀକୁ ନେଇ ନିଜର ଭାବାବେଗ ପ୍ରକାଶ କରିବା ସହିତ 'ଜମି ଗଲା, ଜାଗା ଗଲା, ରେଳ ଚଢ଼ିବା ଭାଗ୍ୟେ ନୋହିଲା', 'ରେଳ ବିଭାଗର ଲଗାତାର ଅବହେଳା : କହି ହେଉନି, ସହି ହେଉନି' ଆଦି ନାରା ଥିବା ପ୍ଲାକାର୍ଡ ଧରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନ ମାନ୍ୟତା, ଜୁନାଗଡ଼-ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ ଏବଂ ଜୁନାଗଡ଼-ରାୟପୁର-ଜୁନାଗଡ଼ ଡିଏମୟୁ ଟ୍ରେନ ରହଣୀ ଦାବିକୁ ନେଇ ଜନ ଅସନ୍ତୋଷ କୁହୁଳୁଥିବାବେଳେ ଏହା ଯେ କୌଣସି ମୁହୂର୍ତ୍ତରେ ଏକ ବିରାଟ ଜନଆନ୍ଦୋଳନର ରୂପ ନେଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ସମୟ ଥାଉଁଣୁ ରେଳ ବିଭାଗ ସମୁଚିତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି। ଆଜିର ସଭାରେ ଲାଞ୍ଜିଗଡ଼ ବ୍ଲକର ଗୋବର୍ଦ୍ଧନପୁର, କଦମ୍ବଗୁଡା ନର୍ଲା ବ୍ଲକର ଘଣ୍ଟମାଳ, ଶାନ୍ତପୁର, ବଡ଼ଧାରପୁର ପଞ୍ଚାୟତର ପାଞ୍ଚଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିବା ବେଳେ ସିକେରକୁପା ଫାଣ୍ଡି ଅଧିକାରୀ ମଦନମୋହନ ପିଡ଼ିକାଙ୍କ ନେତୃତ୍ୱରେ ପୁଲିସ ବଳ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିଲେ।

## ସିଏମ୍ ଟ୍ରଫି ଫୁଟବଲ ଇଣ୍ଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତା

ଗଜପତି, (ମହାଭାରତ) : ମୁଖ୍ୟମନ୍ତ୍ରୀ କପ୍ (ସିଏମ୍ ଟ୍ରଫି)–୨୦୨୬ ଅବସରରେ ଓଡ଼ିଶାର ଗଜପତି ଜିଲ୍ଲାରେ ୧୪ ବର୍ଷରୁ କମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଗଜପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତା. ୧୨.୦୫.୨୦୨୬ ରେ ମୋଟ ୩ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବାଳକ ବର୍ଗ ମ୍ୟାଚରେ ଗଜପତି ସ୍ପୋର୍ଟସ କ୍ଲବ ଏବଂ ମୋହନା ଦଳ ବିଜୟୀ ହେଇଥିବା ବେଳେ ବାଳିକା ବର୍ଗରେ ପିଏମଶ୍ରୀ ଗୋଶାଣି ଦଳ ବିଜୟୀ ହୋଇଥିଲେ। ତା. ୧୩.୦୫.୨୦୨୬ ରେ ଅନୁଷ୍ଠିତ ବାଳକ ବର୍ଗ ଫାଇନାଲ ମ୍ୟାଚରେ ଜୀବା ଟାଇଗର ଦଳ ୧-୦ ଗୋଲରେ ଗଜପତି ସ୍ପୋର୍ଟ୍ସ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତା କାଲି ବାଳିକା ବର୍ଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ସମସ୍ତ ଦଳ ଉତ୍କୃଷ୍ଟ କ୍ରୀଡ଼ା କୌଶଳ, ଦଳୀୟ ସମନ୍ୱୟ ଓ ଶୃଙ୍ଖଳାବଦ୍ଧ ଖେଳ ପ୍ରଦର୍ଶନ କରିଥିଲେ। ଆୟୋଜକମାନଙ୍କ ପକ୍ଷରୁ ମାଇଦାନ ବ୍ୟବସ୍ଥା, ରେଫେରୀ ପରିଚାଳନା, ସମୟ ସୂଚୀ ପାଳନ ଓ ଖେଳ ପରିଚାଳନା ସୁଚାରୁ ଭାବରେ କରାଯାଇଥିଲା। ଖେଳାଳୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସହିତ ନିରାପତ୍ତା ବ୍ୟବସ୍ଥା ମଧ୍ୟ ନିଶ୍ଚିତ କରାଯାଇଥିଲା। ଦର୍ଶକମାନେ ଉତ୍ସାହର ସହ ଖେଳକୁ ଉପଭୋଗ କରିଥିଲେ।

## ଜୟରାମ ମେଧାବୀ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ ଉତ୍ସବ

ବାଲିଚନ୍ଦ୍ରପୁର, (ମହାଭାରତ) : ମାଟ୍ରିକ ପରୀକ୍ଷା ପରେ ତୁମେ ମାନେ କଲେଜରେ ପାଠ ପଢିବ। ବିଦ୍ୟାଳୟରେ ପାଠ ପଢା ସମୟରେ ଶିକ୍ଷୟତ୍ରୀ/ଶିକ୍ଷକ ମାନେ ଯେପରି ଛାତ୍ରୀଛାତ୍ର ମାନଙ୍କୁ ଆକଟ କରିଥାନ୍ତି କଲେଜରେ ପଢିଲେ ସେପରି ଆକଟ ନଥାଏ। ପିଲାମାନେ କୁସଙ୍ଗରେ ନପଡି ପାଠପଢାରେ ଧ୍ୟାନ ଦେଇ ନିଜେ ସଚେତନ ହୋଇ ପାଠପଢିବ, ନିଜେ ନିଜକୁ ଗଢିତୋଳିବ। ବାପା ମାଆ ମାନେ ଗାଇଡ଼ କରିବେ। ମାତ୍ର ପାଠପଢାରେ ତୁମେ ମାନେ ନିଜେ ମୂର୍ତ୍ତିର ମର୍ତିକାର ହେବ। ଆମ ଅଂଚଳ ପାଇଁ ଗୌରବ ଅର୍ଜନ କରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ କର୍ମ, ଭକ୍ତି, ଜ୍ଞାନ ଭଳି ତିନୋଟି ମାନକୁ ଅନୁସରଣ କରିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଆଜି ଶୁକ୍ରବାର



ବାଲିଚନ୍ଦ୍ରପୁର ସ୍ଥିତ ରବୀନ୍ଦ୍ର କଲ୍ୟାଣମଣ୍ଡପ ଠାରେ 'ସଦା ଆନନ୍ଦ ପରିବାର' ରୁକୁଟିପାଟର ଏକ ପାରିବାରିକ ସାମାଜିକ ଟ୍ରଷ୍ଟ ପକ୍ଷରୁ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୭ ଗୋଟି ବିଦ୍ୟାଳୟର କୃତି ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ଭବ୍ୟ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏ-୧ ଗ୍ରେଡ଼ର ୩ ଜଣ, ଏ-୨ ଗ୍ରେଡ଼ର ୫୧ ଜଣ, ବି-୧ ଗ୍ରେଡ଼ର ୧୮ ଜଣ ମୋଟ ୭୨ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ମାନପତ୍ର, ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଗଙ୍ଗାଧର ରାଉତରାୟଙ୍କ ସଭାପତିତ୍ୱ ଓ ଅନ୍ୟତମ ଟ୍ରଷ୍ଟି ସୁଶିଲ କୁମାର ରାଉତରାୟଙ୍କ ସଂଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଇନ୍ଦ୍ରମଣି ସାମଲ ଓ ସମ୍ମାନିତ ଅତିଥି ଭାବେ ପ୍ରତାପ ଚନ୍ଦ୍ର ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା'ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଛାତ୍ରୀ ସୃଷ୍ଟି ଓ ସୁଶ୍ରୀ ଆଗନ୍ତୁକ କୃତି ଛାତ୍ରୀଛାତ୍ର ମାନଙ୍କୁ ଫୁଲ ଚନ୍ଦନ ପ୍ରଦାନ କରିବା ସହ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ମୁଖ୍ୟ ଟ୍ରଷ୍ଟି ଗଙ୍ଗାଧର ରାଉତରାୟଙ୍କ ସ୍ୱରଚିତ ସ୍ୱାଗତ ସଂଗୀତକୁ ଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ କାନୁନଗୋ, ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନୀତା ବିଶ୍ୱାଳ, ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣା, ବାଲିଚନ୍ଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆରତୀ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁରର ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ବେହେରା, ପଂଚାୟତ ହାଇସ୍କୁଲ ମାଣ୍ଡୁକାର ସହକାରୀ ଶିକ୍ଷକ ଅବନୀ କୁମାର ରାଉତରାୟ, ସମାଜସେବୀ ଉପେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାଖାଲ ଚନ୍ଦ୍ର ରାଉତରାୟ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିବା ବେଳେ ଆଶିଷ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ମାନବିକତା ଦେଖାଇଲେ ଦଶପଲ୍ଲା ବିଡ଼ିଓ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ତହସିଲ ଅନ୍ତର୍ଗତ ଟାକରା ପଞ୍ଚାୟତର ବୁରୁସାହି ଗ୍ରାମରେ ଗତ ମଙ୍ଗଳବାର ଦିନ ଘଟିଥିବା ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱ ହରାଇଥିବା ଜଣାପଡିଛି । ଘଟଣା ପରେ ପ୍ରଶାସନ ପକ୍ଷରୁ ସହାୟତା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲିକ ବୁଧବାର ଦିନ ବୁରୁସାହି ଗ୍ରାମରେ ପହଞ୍ଚି ଅଗ୍ନିବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ । ବିଡ଼ିଓ ଶ୍ରୀ ମଲିକ ପୀଡ଼ିତଙ୍କ ସହ ଆଲୋଚନା କରି ସେମାନଙ୍କ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରିବା ସହିତ ବିପନ୍ନଙ୍କୁ ଚାଉଳ ଓ ଅନ୍ୟାନ୍ୟ ଶୁଖିଲା ସାମଗ୍ରୀ ସମେତ ବିଭିନ୍ନ ସହାୟତା ପ୍ରଦାନ କରିଛନ୍ତି । ଏଥିସହିତ ତୁରନ୍ତ ରିଲିଫ ସହାୟତା ଓ ସରକାରୀ ଅନୁଦାନ କିପରି ଶୀଘ୍ର ପ୍ରଦାନ କରାଯିବ ସେନେଇ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ବିଦ୍ୟୁତ ବିଭାଗ ପକ୍ଷରୁ ସଡକ ସୁରକ୍ଷା

ଦଶପଲ୍ଲା,(ମହାଭାରତ): ଟିପିସିଓଡ଼ିଏଲ ନୟାଗଡ଼ ସବଡ଼ିଭିଜନଙ୍କ ଆୟୋଜନ କ୍ରମେ ଦଶପଲ୍ଲା ସ୍ଥିତ ମେଳିଆ ତୋଟା ସମ୍ମୁଖ ଜାତୀୟ ରାଜପଥ ନଂ ୫୭ ରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗାଡି ଚାଳକ ମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି । ଏବଂ ହେଲମେଟ ପିନ୍ଧିଥିବା ବାଇକ ଚାଳକ ମାନଙ୍କୁ ଚକୋଲେଟ ପ୍ରଦାନ କରି ଉତ୍ସାହିତ କରା ଯାଇଥିଲା ।ନୟାଗଡ଼ ଜିଲ୍ଲା ମୁଖ୍ୟ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଦଶପଲ୍ଲା ଏସଡ଼ିଓ ତନ୍ମୟ କୁମାର ପୃଷ୍ଟି,ଟିପିସିଓଡ଼ିଏଲ ର ସାମାଜିକ ଦାୟିତ୍ୱ ବୋଧ ଜିଲ୍ଲା ଅଧିକାରୀ କଳିଙ୍ଗ କେଶରୀ ଚନ୍ଦ ଏବଂ ଅନ୍ୟାନ୍ୟ କର୍ମକ□। ଜନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରି ସଡ଼କ ସୁରକ୍ଷା - ଜୀବନ ରକ୍ଷାର ବାର୍ତ୍ତା ପ୍ରଦାନ କରିବା ସହିତ ହେଲମେଟ ପିନ୍ଧିବା ପାଇଁ ସମସ୍ତ ଗାଡି ଚାଳକ ମାନଙ୍କୁ ଅନୁରୋଧ କରିଥିଲେ ।

## ଭାରଉତ୍ତୋଳନ ପ୍ରଶିକ୍ଷଣ ପାଇଁ ଆସିକାରୁ ଦୁଇ ଖେଳାଳୀ ମନୋନୀତ

ଆସିକା(ମହାଭାରତ): ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ରୁ ଭାର ଉତ୍ତୋଳନ ପ୍ରଶିକ୍ଷଣ ସକାଶେ ଦୁଇ ଜଣ ଖେଳାଳୀ ମନୋନୀତ ହୋଇଛନ୍ତି ।ରାଜ୍ୟ କ୍ରୀଡା ଯୁବ ବ୍ୟାପାର ମନ୍ତ୍ରାଳୟ ଓ ଏଚ.ପି.ସି ମିଳିତ ଆନୁକୂଲ୍ୟରେ ଗତ ବର୍ଷ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିରରେ ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଭାର ଉତ୍ତୋଳନ ପ୍ରଶିକ୍ଷକ ବାବୁ ଗୌଡ଼ ଙ୍କ ପ୍ରତେକ୍ଷ୍ୟ ପ୍ରଶିକ୍ଷଣରେ ଆଠ ଜଣ ଭାର ଉତ୍ତୋଳନ ଖେଳାଳୀ ଙ୍କୁ ଶାରୀରିକ ପରୀକ୍ଷା ସକାଶେ ଚୟନ କରାଯାଇଥିଲା । ଏହି ପରିପେକ୍ଷୀରେ ଚଳିତ ମାସରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଏହି ଖେଳାଳି ମାନଙ୍କ ଶାରୀରିକ ପରୀକ୍ଷା ପରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଷଷ୍ଠ ଶ୍ରେଣୀର ଛାତ୍ର ଅଂଶୁମାନ ହୋତା ଓ ଖାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଗୁରୁ ପ୍ରସାଦ ଭଞ୍ଜ ମନୋନୀତ ହୋଇଛନ୍ତି । ଏହି ଦୁଇ ଖେଳାଳି ବ୍ରହ୍ମପୁର ଷ୍ଟାଡିୟମ ଭାର ଉତ୍ତୋଳନ ପ୍ରଶିକ୍ଷଣ ଶିବିରରେ ରହି ପ୍ରଶିକ୍ଷଣ ନେବେ । ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ସ୍ଥାପିତ ହେବା ପରଠାରୁ ପ୍ରଥମ ଥର ପାଇଁ ଭାର ଉତ୍ତୋଳନ ସକାଶେ ଏହି ଦୁଇ ଖେଳାଳି ମନୋନୀତ ହୋଇଛନ୍ତି । ଏହି ଦୁଇ ଖେଳାଳିଙ୍କ ମନୋନୀତ ହେବା ଖବର ପ୍ରଚାରିତ ହେବା ପରେ କ୍ରୀଡ଼ାବିତ ଦିଲ୍ଲୀପ କୁମାର ପାଣିଗ୍ରାହୀ,ଏମ. ତାରିଣୀ ସେନାପତି,ପ୍ରଶାନ୍ତ କୁମାର ମୁନି,ଅନିଲ କୁମାର ପାଣିଗ୍ରାହୀ ସାଗର ସାବତ ସମେତ ବହୁ କ୍ରୀଡ଼ାବିତଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ସରକାରୀ ବିହନକୁ ମୁହଁ ମୋଡୁଛନ୍ତି ଚାଷୀ, ବୋହି ନେଉଛନ୍ତି ସାର



ନବରଙ୍ଗପୁର(ମହାଭାରତ): ପ୍ରମାଣୀକୃତ ଧାନ ବିହନରେ ଚାଷ କରିବା ବଦଳରେ ହାଇବ୍ରିଡ୍ ବିହନ ଧାନ ଉପରେ ବେଶି ଭରସା କରୁଛନ୍ତି ଚାଷୀ । ତେବେ ସାର ବୋହି ନେଇଥିବା ସୂଚନା ମିଳିଛି । ନବରଂଗପୁର ଜିଲ୍ଲାରେ ରବିରେ ଧାନ, ମକା ସହ ଅନ୍ୟାନ୍ୟ ୭୩ହଜାର ହେକ୍ଟର ଚାଷ ହୋଇଥିବା କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧିରଂଜନ ବେହେରା । ଏଥିରୁ କୃଷି କର୍ମଚାରୀ ମାନେ ୧୨ଶହ ହେକ୍ଟର ଓ ସାଟେଲାଇଟ୍ ଡିଜିଟାଲସର୍ଭେରେ ୩ହଜାର ହେକ୍ଟର ବୋଲି ରିପୋର୍ଟ ଦେଇଛନ୍ତି । ୨୨୨୧ଜଣ ଚାଷୀ ରବି ମଣ୍ଡିରେ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି । ଚାଷୀମାନେ ହାଇବ୍ରିଡ୍ ବିହନ ନେଇ ସାର ୧୦ଟି ବ୍ଲକରେ ୨୨ହଜାର ୭୭୮.୩୨କ୍ୱିଣ୍ଟାଲ କିଣି ନେଇଛନ୍ତି । ନବରଂଗପୁର ଲ୍ୟାମ୍ପସରେ ନନ୍ଦାହାଣ୍ଡି ୨୮୯୭, ତେନ୍ତୁଲିଖୁଣ୍ଟି ୪୫୦, ଅଂଚଳଗୁମ୍ମା ୧୦୦୫, ପାପାଡାହାଣ୍ଡି ୧୨୦୧, ମଇଦଲପୁର ୨୨୫୦, କୋଡିଙ୍ଗା୯୧୬, କୋଷାଗୁମୁଡା ୩୦୩୧, ଡାବୁଗାଁ ୫୪୦, ଉରମକୋଟ ୪୪୦୫, ଝରିଗାଁ ୧୮୯୨, ଚନ୍ଦାହାଣ୍ଡି ୧୧୮୦ଓ ରାଇଘର ୧୭୧୩କ୍ୱିଣ୍ଟାଲ କିଣି ନେଇଛନ୍ତି । ତେବେ ଗତ ମାର୍ଚ୍ଚ ମାସରୁ ସାର ବିକ୍ରୀ ବନ୍ଦ ରହିଛି ବୋଲି କହିଛନ୍ତି ଜିଲ୍ଲାମୁଖ୍ୟ କୃଷି ଅଧିକାରୀ । ଶହେ ୨୦ରୁ ଦେ ଶହ ଦିନରେ ଏକର ପିଛା ୨୦ କୁଇଣ୍ଟାଲ ଧାନ ସରକାରୀ ବିହନରେ ଉତ୍ପାଦିତ ହେଉଛି । ଅପରପକ୍ଷରେ ହାଇବ୍ରୀଡ ଧାନ ବିହନରେ ୯୦ରୁ ୧୨୦ ଦିନ ମଧ୍ୟରେ ଏକର ପିଛା ୩୫କୁଇଣ୍ଟାଲ ଉତ୍ପାଦିତ ହେଉଛି । ହାଇବ୍ରୀଡ୍ ବିହନ ନେଲେ ଡିଲର ବି ସହଯୋଗ କରିବା ସହ ବିହନ, ସାର,କୀଟନାଶକ ଔଷଧ ଆଦି ଧାରରେ ଦେଉଛନ୍ତି । ଚାଷୀ ଧାନ ବିହନ କିଣିବା ପରେ ସଂପୂର୍ଣ୍ଣ ଟଙ୍କା ଦେଇ ନେବାକୁ କହୁଛନ୍ତି ଡିଲର । ସବସିଡି ପାଇବା ପାଇଁ ହେଲେ ପୂର୍ବରୁ ସ୍ମାର୍ଟ ଫୋନ ନେଇ ଚାଷୀଙ୍କୁ ଡିଲର/ ପ୍ୟାକ୍ସ/ ଏସଏଚ ଜି ଗ୍ରୁପ ନିକଟରେ ପଂଜୀକରଣ କରିବାକୁ ପଡ଼ିବ । ଏଥି ପାଇଁ ରହିଥିବା ଓଟିପି ଓ ଅନଲାଇନ୍ ପ୍ରକ୍ରିୟା ସଠିକ ଭାବେ ହେଲେ ଯାଇ ଏହି ସବସିଡି ମିଳିବ । ସରକାରୀ ବିହନ ଓ ସାର ପାଇଁ ଲମ୍ବା ଲାଇନ୍ ଏବଂ ବହୁ ସମୟରେ ମିଳୁ ନଥିବାରୁ ଏହାକୁ ଅପେକ୍ଷା ନ କରି ଚାଷୀ ମାନେ ହାଇବ୍ରୀଡ୍ ଧାନ ବିହନ ମୁହାଁ ହୋଇଛନ୍ତି । ପ୍ରଚଳିତ ଓଟିପି, ଏବଂ ପଂଜୀକରଣ ବ୍ୟବସ୍ଥାର ଗୋଲକଧନ୍ଦାରେ ପଡ଼ିବାକୁ ଚାହୁଁ ନାହାନ୍ତି ଚାଷୀ । ଏହି କ୍ରମରେ ରବି ଋତୁରେ ଜଣେ ବି ଚାଷୀ ସରକାରୀ ବିହନ କିଣି ନାହାନ୍ତି । ଏହା ବଦଳରେ ହାଇବ୍ରୀଡ ଧାନ କିଣିଛନ୍ତି । କିନ୍ତୁ ସାର ବୋହି ନେଇଛନ୍ତି ।

## କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ନ ଦେବାରୁ ଆଠ ପଞ୍ଚାୟତ ଅଧିବାସୀଙ୍କ ବିକ୍ଷୋଭ



ପାଟଣା(ମହାଭାରତ):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ୭ ଏପ୍ରିଲ ରେ ଆଠ ଟି ପଞ୍ଚାୟତ ରେ କାଳ ବୈଶାଖୀ ବିଭିନ୍ନ ଗ୍ରାମ ରେ ହୋଇ ବହୁ କ୍ଷୟକ୍ଷତି ପରିବାର ହୋଇ ଥିଲା । ଏହି କାଳ ବୈଶାଖୀ ରେ ବିଭନ୍ନ ପରିବାର ଙ୍କ ପାଇଁ ଶୁଖିଲା ଖାଦ୍ୟ ଆସିଥିବା ବେଳେ ଖାଦ୍ୟ କ୍ଷୟକ୍ଷତି ପରିବାର କୁ ଦିଆ ନ ଯାଇ ହଡପ କରାଯାଇ ଥିବା ସହିତ କାଳ ବୈଶାଖୀ ର ୩୪ଦିନ ବିତି ଯାଇ ଥିଲେ ବି କ୍ଷତିଗ୍ରସ୍ଥ ପରିବାର ଙ୍କ ମରାମତି ପାଇଁ ଏକଲକ୍ଷ ଟଙ୍କା ସହାୟତା ଅର୍ଥରାଶି ପ୍ରଶାସନ ଯୋଗାଇ ଦେବାକୁ ଦାବି କରିଥିବା ବେଳେ ପ୍ରସାଶନ ପକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବା ରୁ ଆଠ ଟି ପଞ୍ଚାୟତ ଅଧିବାସୀ ଏକତ୍ରୀତ ହୋଇ ବିଜେଡି ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ନେତୃତ୍ୱ ପାଟଣା ବାବା ଆନନ୍ଦେଶ୍ୱର୍ ମନ୍ଦିର ପ୍ରାଙ୍ଗଣ ରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବିକ୍ଷୋଭ କାରୀ ହାତରେ କ୍ଷୟକ୍ଷତି ଅନୁକମ୍ପା ରାଶି ପ୍ରଦାନ ସହ ସ୍ଲୋଗାନ ରେ ପାଟଣା ତହସିଲ କର୍ଯ୍ୟାଳୟ ରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କ କୁଶପୁତ୍ତଳିକା ଦାହ କରିବା ସହ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ତହସିଲଦାର ଅଶ୍ୱିନୀ କୁମାର ନାଏକ ଙ୍କୁ ଏକ ସ୍ମାରକୀ ପତ୍ର ପ୍ରଦାନ କରିଛନ୍ତି । ଏଥି ସହିତ କାଳବୈଶାଖୀ ରେ ଆସିଥିବା ଖାଦ୍ୟ ସାମଗ୍ରୀ ହଡ଼ପ ଘଟଣା ସତ୍ୟାସତ୍ୟ ତଦନ୍ତ କରି ଦୋଷୀ ବିରୋରେ ଦଣ୍ଡ ବିଧାନ କରା ନ ଯାଏ କିମ୍ବା କାଳ ବୈଶାଖୀ କ୍ଷତିଗ୍ରସ୍ତ ପରିବାର କୁ ଏକଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନ କରାଯାଏ । ବିଜେଡି ପୁଣି ରାଜରାସ୍ତା କୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏହି ଶୋଭାଯାତ୍ରା ରେ ପୂର୍ବତନ ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବତୀ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୁଷ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ କୁମାର ଭଞ୍ଜ, ମହେନ୍ଦ୍ର ସାହୁ, ୨୨ନମ୍ୱର ଜୋନ ଜିଲ୍ଲା ପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାଏକ, ୨୩ନମ୍ୱର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ଜିଲ୍ଲା ଉପସଭାପତି ରାହାସ ବିହାରୀ ପୃଷ୍ଟି,ବରିଷ୍ଠ କାର୍ଯ୍ୟ କର୍ତ୍ତା ସତ୍ୟ ବ୍ରତ ନାଏକ ସାମିଲ ଥିଲେ । ତେବେ ପ୍ରଶାସନ କାଳ ବୈଶାଖୀ କ୍ଷତିଗ୍ରସ୍ତ ପରିବାର କୁ କେବେ ଅନୁକମ୍ପା ରାଶି ଯୋଗାଇ ଦେଉ ଛି ଦେଖିବାକୁ ବାକି ରହିଲା ।

## ଗଜପତି ଜିଲ୍ଲାରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ



ପାରଳାଖେମୁଣ୍ଡି,(ମହାଭାରତ): ଗଜପତି ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ତରଫରୁ ୨୦୨୬ ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ୍ (୬ ଜ ଣ)ପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ଓ ଜିଲ୍ଲାର ୭ଟି ବ୍ଲକର ଶୀର୍ଷ ୩ ଜଣ ସଫଳତା ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଜିଲ୍ଲାପରିଷଦ ସ୍ଥିତ ଆର୍ ସେ ଟି ଭବନରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଗଜପତି ଜିଲ୍ଲା ପୁନର୍ବାର ସମଗ୍ର ଓଡ଼ିଶାରେ ସର୍ବାଧିକ ପାସ୍ ପ୍ରତିଶତ ୯୯.୩ % ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ସମଗ୍ର ଜିଲ୍ଲାରେ ଗର୍ବ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା ।କାର୍ଯ୍ୟକ୍ରମର ଶୁଭାରମ୍ଭ ପାରଳାଖେମୁଣ୍ଡି ମହାରାଜା ଗାର୍ଲସ୍ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ଉଦଘାଟନୀ ସଙ୍ଗୀତ ମାଧ୍ୟମରେ ହୋଇଥିଲା । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସାପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ସମାରୋହରେ ଯୋଗଦେଇଥିବା ଅତିଥିମାନେ ନିଜ ଉଦ୍ବୋଧନରେ କହିଥିଲେ ଯେ, ଗଜପତି ଆଜି କେବଳ ଏକ ଏସ୍ପିରେସନାଲ ଜିଲ୍ଲା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଇନପିରେସନାଲ ଜିଲ୍ଲା ଭାବେ ପରିଚିତ ହୋଇଛିଯ ଜିଲ୍ଲାର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପ୍ରୟାସ ଏହି ଅଭୂତପୂର୍ବ ସଫଳତାର ମୂଳ କାରଣ ବୋଲି ସେମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ଙ୍କ ମାର୍ଗଦର୍ଶନ ରେ ପ୍ରୟାସ ସୁପର ୩୦ ଦ୍ୱାରା ସଫଳତା ହାସଲ ହେଇଥିବାର ସମସ୍ତ ଅତିଥି ଭୂରି ଭୂରି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ସାଂସଦ ବ୍ରହ୍ମପୁର ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ ତାଙ୍କ ଭାଷଣରେ କହିଥିଲେ ଯେ, ଗଜପତିର ଛାତ୍ରଛାତ୍ରୀମାନେ ଆଜି ପ୍ରମାଣ କରିଛନ୍ତି ଯେ ପରିଶ୍ରମ, ଶୃଙ୍ଖଳା ଓ ସଂକଳ୍ପ ଥିଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁଯ ସେ ଆହୁରି କହିଥିଲେ ଯେ, ଗ୍ରାମାଞ୍ଚଳର ପ୍ରତିଭାମାନେ ଆଜି ରାଜ୍ୟସ୍ତରରେ ଗଜପତିକୁ ଗୌରବା,ନ୍ୱିତ କରିଛନ୍ତି ।

## ଆସିକା ସମବାୟ ଚିନିଶିଳ୍ପରେ ବାର୍ଷିକ ସାଧାରଣ ବୈଠକ

ଆସିକା(ମହାଭାରତ): ଆସିକା ସମବାୟ ଚିନିଶିଳ୍ପ କୃଷକ ଭବନ ଠାରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ସମବାୟ ଚିନିଶିଳ୍ପ ପରିଷଦ ସଭାପତି ରବିନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏମ.ଡି ଡ.ସୁଶାନ୍ତ କୁମାର ପଣ୍ଡା, ଆସିକା ଏ.ଆର.ସି.ଏସ ବିଜୟ କୁମାର ସାହୁ, ଚିନିଶିଳ୍ପ ପରିଚାଳନା ପରିଷଦ ଉପସଭାପତି ସ୍ନେହଲତା ତଣ୍ଡ, ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ବସନ୍ତ କୁମାର ଦଳାଇ, ଉଦୟ ନାଥ ପ୍ରଧାନ, ଧର୍ମୁ ପ୍ରଧାନ, ଶରିତ କୁମାର ପ୍ରଧାନ, ରତ୍ନାକର ସାହୁ, ନିରଞ୍ଜନ ପ୍ରଧାନ, ଆରାଲୁ ରେଡି, ଗିତା ପାତ୍ର, ଶତ୍ରୁଘ୍ନ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଚଂସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ଡି.ଆର.ସି.ଏସ ସେକ୍ରେଟାରୀ ସନ୍ତୋଷ କୁମାର ମଲ୍ଲିକ ସଂଯୋଜନା କରିଥିବା ବେଳେ ସଭାପତି ରବିନ୍ଦ୍ର କୁମାର ପଣ୍ଡା ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ କରିଥିଲେ । ଆସିକା ସମବାୟ ଚିନିଶିଳ୍ପ ଲିଃ ରାଜ୍ୟ ତଥା ଦେଶର ସର୍ବପୁରାତନ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାନ । ସାମ୍ପ୍ରତିକ ସ୍ଥିତିରେ ଆଖୁଚାଷ ବହୁ ପରିମାଣରେ କମି ଥିବା ବେଳେ୨୦୨୪-୨୫ ରେ ମୋଟ ଆଖୁ ୩୦ ହଜାର ୩୦୯ ମେଟ୍ରିକ ଟନ ଆଖୁ ଉତ୍ପାଦନ ହୋଇ ମାତ୍ର ୨୨ ହଜାର ୮୩୯ କୁଇଟାଂଲ ଚିନି ଉତ୍ପାଦିତ ହୋଇଥିଲା । ଚଳିତବର୍ଷ ୨୦୨୫-୨୬ ରେ ମୋଟ ୨୧ ହଜାର ୩୮୭ ମେଟ୍ରିକ ଟନ ଉତ୍ପାଦନ ହୋଇ ସେଥିରେ ୧୩ ହଜାର ୦୨୮ କୁଇଟାଂଲ ଉତ୍ପାଦିତ ହୋଇଛି । ଦିନକୁ ଦିନ ଆଖୁ ଚାଷ ଦିଗରେ ଚାଷୀ ଆଗ୍ରହ କମିବା ଏବଂ ଚିନି ଉତ୍ପାଦନର ହାର କମିବା ନେଇ ଏବେ ପରିଚାଳନା ଦିଗରେ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି । ୧୯୯୪ ମସିହାରେ ଜଳକର ବାବଦରେ ୧୨ ଲକ୍ଷ ଟଙ୍କା ଚିନିଶିଳ୍ପ ଉପରେ ବକେୟା କ୍ରମାଗତ ଭାବେ ଚକ୍ରବର୍ତ୍ତୀ ସୁଧ ହିସାବରେ ବୃଦ୍ଧି ହୋଇ ୨୦୨୫ ମସିହା ସୁଦ୍ଧା ମୋଟ ସତଚାଳିଶି କୋଟି ତିରିଶି ଲକ୍ଷ ଏକାନ ହଜାର ପାଚଂ ଶହ ଟଙ୍କା ହୋଇଛି । ଏଭଳି ଗମ୍ଭୀର ସ୍ଥିତି ଚିନିଶିଳ୍ପ ପରିଚାଳନାର ଅପାରଗତାକୁ ଆହୁରୀ ଦର୍ଶାଇବା ସାଙ୍ଗକୁ ଏକ କାଳୀନ ଋଣ ପରିଶୋଧ ହୋଇପାରୁନାହିଁ । ଅନେକ ସମୟରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ହେଇପାରୁନାହିଁ । ଯାହା ଚିନିଶିଳ୍ପରେ କର୍ମଚାରୀ ନିଯୁକ୍ତିରେ ଅନିୟମିତତାରେ ମଧ୍ୟ ଦେଖାଦେଉଛି । ଏହି ସଭାରେ ଗତ ବର୍ଷର ଆୟବ୍ୟୟ ବିବରଣୀ ପଠନ ସାଙ୍ଗକୁ ଆଗାମୀ ବର୍ଷରେ ଆୟବ୍ୟୟକୁ ସୁଦୃଢ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଚିନିଶିଳ୍ପରେ ସବୁବେଳେ ଶ୍ରମିକ ସମସ୍ୟା ଦେଖାଦେଉଛି । ଆଖୁ ଚାଷ ଦିଗରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହନର ଅଭାବ । ଆସିକା ଚିନିଶିଳ୍ପ ପରିସରରେ ଥିବା ଦେଶୀ ସୁରାଶିଳ୍ପରେ ସାମ୍ପ୍ରତିକ ପରିସ୍ଥିତିରେ ଓଡିଶା ସରକାର ବର୍ତ୍ତମାନ ୨୦୨୬ ଅବକାରୀ ନୀତିରେ ଘରୋଇ କମ୍ପାନୀକୁ ଦେଶୀ ମଦ ଉତ୍ପାଦନ ଓ ଯୋଗାଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି ।ଏହା ଫଳରେ ଆସିକା ସମବାୟ ଚିନିଶିଳ୍ପର ଆର୍ଥିକ, ବ୍ୟବସାୟିକ ପରିଚାଳନା ଓ ଲାଭରେ ବହୁ ପରିମାଣରେ ବାଧାପ୍ରାପ୍ତ ହେବାକୁ ନେଇ ଆଲୋଚନା କରାଯାଇଥିଲା । ଏହା ହେବା ଦ୍ୱାରା ଆସିକା ଚିନିଶିଳ୍ପ ପରିଚାଳନାରେ ଆଗକୁ ଅଗ୍ରସର ହେବା କଷ୍ଟ ସାଧ୍ୟ ହେବ ବୋଲି ଡାଇରେକ୍ଟର ପ୍ରମୁଖ ମତବ୍ୟକ୍ତ କରିଥିଲେ ।

## କାରରୁ ମିଳିଲା ୧୪୯.୮୮ କେଜି ଗଞ୍ଜେଇ

କୁତ୍ରା :ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକ୍ ଅନ୍ତର୍ଗତ ଖୁଟମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଏକ ଡଷ୍ଟର କାର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ପୁଲିସ ତଦନ୍ତ କରିବାକୁ ଯାଇ ଡଷ୍ଟର କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।ସୂଚନା ଅନୁଯାୟୀ, ବଡ଼ଗାଁ ପଟୁ ରାଉରକେଲା ଅଭିମୁଖେ ଯାଉଥିବା ଡଷ୍ଟର କାର (ଓଡି ୦୨ ଇ ୩୧୭୯) ଖୁଟମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଏକ ବାଇକକୁ ଧକ୍କା ଦେଇଥିଲା ।

## ୧୦୬ ଦିନ ହେଲା ଧାନର ଟଙ୍କା ମିଳିଲାନି
## ଭାଙ୍ଗିପଡ଼ିଛି ମାଲକାନଗିରିର ଚାଷୀ ପରିବାର

ମାଲକାନଗିରି/କାଲିମେଳା:ସରକାରୀ ଧାନ କ୍ରୟ ବ୍ୟବସ୍ଥା ଉପରେ ଭରସା କରି ଜଣେ ଗରିବ ଚାଷୀ ନିଜ ପରିଶ୍ରମର ଫସଲ ବିକ୍ରୟ କଲେ । ଭାବିଥିଲେ, କିଛି ଦିନ ମଧ୍ୟରେ ଧାନର ଟଙ୍କା ମିଳିଯିବ, ଘରର କରଜ ଶୋଧିବେ, ପରିବାରର ଦୁଃଖ କମିବ । କିନ୍ତୁ ଆଜି ସେହି ଚାଷୀ ନିଜ ଟଙ୍କା ପାଇଁ ସରକାରୀ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଘୁରି ଘୁରି ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି । ମାଲକାନଗିରି ଜିଲ୍ଲା ଏମଭି-୯୬ ଗ୍ରାମର ଛୋଟ ଚାଷୀ ପ୍ରତାପ ବରାଳ ଗତ ଜାନୁଆରୀ ୨୭ ତାରିଖରେ ଏମଭି-୭୯ ଧାନ କ୍ରୟ କେନ୍ଦ୍ରରେ ୪୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ । ହେଲେ ଆଜିକୁ ଠିକ୍ ୧୦୬ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ ।ପ୍ରତ୍ୟେକ ଦିନ ଘର ଦୁଆରକୁ କରଜ ଦେଇଥିବା ଲୋକେ ଆସୁଛନ୍ତି । ଧାନ ଚାଷ ପାଇଁ ନେଇଥିବା ଋଣ ଏବେ ତାଙ୍କ ପରିବାର ପାଇଁ ଅଭିଶାପ ହୋଇଯାଇଛି । ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼ିଛି । ପିଲାଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ଦିନକୁ ଦିନ ବଢୁଥିବା ଚିନ୍ତା ମଧ୍ୟରେ ଏହି ଚାଷୀ ପରିବାର ନିରାଶାରେ ଦିନ କାଟୁଛି ।

### ବେଆଇନ ମାଙ୍କଡା ପଥର ଚାଲାଣ ନେଇ ବିଭତ୍ସ ହତ୍ୟାକାଣ୍ଡ ଘଟଣା
## ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ କଲା ପୁଲିସ



ନୟାଗଡ,(ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ କଦଳୀବନ୍ଧ ଗ୍ରାମ ସମ୍ମୁଖ ୨୧ ନମ୍ବର ରାଜ୍ୟ ରାଜପଥରେ ଗତ ରବିବାର ବିଳମ୍ବିତ ରାତିରେ ଘଟିଥିବା ଜଘନ୍ୟ ଅଜିତ ସାହୁ ହତ୍ୟାକାଣ୍ଡ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କରାଯାଇଛି । ଅବୈଧ ମାଙ୍କଡ଼ା ପଥର ଖଣି ଖନନ ଓ ପରିବହନକୁ ବିରୋଧ କରି ଚାନ୍ଦା ଆଦାୟ ଘଟଣାକୁ ନେଇ ଘଟିଥିବା ହତ୍ୟାକାଣ୍ଡ କେଉଁଭଳି ଘଟିଥିଲ ତାହାକୁ ଅଭିଯୁକ୍ତ ମାନେ ପୁଣି ଡେମୋ କରି ଦେଖାଇଛି । ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ, ଏସ୍ଆଇ ଚକ୍ରଧର ସିଂଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳକୁ ଅଣାଯାଇଥିଲା । ଚୋରା ମାଙ୍କଡ଼ା ପଥର ଅନଲୋଡ୍ ହେଉଥିବା କଦଳୀବନ୍ଧ ଗଳି ରାସ୍ତାରୁ କିପରି ସେମାନେ ମୁଖ୍ୟରାସ୍ତାକୁ ଆସିଥିଲେ ଓ ପରବର୍ତ୍ତୀ ସମୟରେ କିପରି ହତ୍ୟାକାଣ୍ଡ ଘଟାଇଥିଲେ, ତାହାର ସମ୍ପୂର୍ଣ୍ଣ ପୁନରାବୃତ୍ତି କରିଥିଲେ । ଡେମୋ ସମୟରେ ଅଜିତଙ୍କ ପ୍ରତୀକାତ୍ମକ ମୂର୍ତ୍ତିକୁ ଧରି ଅଭିଯୁକ୍ତ ମହନ୍ତ କିପରି ତାଙ୍କୁ ମାଡି ଧରିଥିଲେ ଏବଂ ଅନ୍ୟ ଅଭିଯୁକ୍ତ ମାନସ ବେହେରା ଖଣ୍ଡାରେ କିପରି ଆକ୍ରମଣ କରିଥିଲା, ତାହା ପୁଲିସକୁ ଦେଖାଇଥିଲେ । ଘଟଣାପରେ ଅଭିଯୁକ୍ତଙ୍କୁ ଏକ ସୁଇଫ୍ଟ ଡିଜାୟର କାର୍ (ଓଡି ୧୩ ଜେ ୧୧୧୩) ଯୋଗେ ଢେଙ୍କାନାଳ ଜିଲ୍ଲା ଭାପୁର ଗ୍ରାମକୁ ନେଇଥିବା ଘଟଣାରେ ସମ୍ପୃକ୍ତ ଖଣ୍ଡପଡ଼ା ଚଉପାଳି ଅଞ୍ଚଳର ଡ୍ରାଇଭର ନରେଶ ବିଶୋଇଙ୍କୁ ମଧ୍ୟ ପୁଲିସ ଦଶପଲ୍ଲାରୁ ଗିରଫ କରିଛି । ଏହାସହ ଧୋବା ସାହିର ଶ୍ରୀଧର ସାହୁଙ୍କୁ ପଚରାଉଚରା ପରେ ଛାଡ଼ି ଦିଆଯାଇଛି ।

## ଅସ୍ତରଙ୍ଗରେ ବୃଦ୍ଧି ପାଉଛି ମନ୍ଦିର ଲୁଟ୍ ମାମଲା

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ରେ ଦିନକୁ ଦିନ ଚୋରୀ ଡକାୟତି ବୃଦ୍ଧି ପାଇବାରେ ଲାଗିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ସାଧାରଣ ଲୋକ ମାନଙ୍କ ଭିତରେ ଭୟ ର ବାତାବରଣ ସୃଷ୍ଟି ହେବାରେ ଲାଗିଛି, ଲୁଟେରା ମାନଙ୍କ ହବ୍ ଏବେ ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ଉପରେ ରହିଛି, ଯାହା କହିବା ଏହି ମନ୍ଦିର ଲୁଟ ଆଜି କାଲି ର ନୁହେଁ ବରଂ ପ୍ରାୟତଃ ଏକ ବର୍ଷ ହେବ ଏହି ମନ୍ଦିର ଲୁଟ ଜାରିରହିଛି । ମାତ୍ର ଆଜି ପର୍ଯ୍ୟନ୍ତ ପୋଲିସ ହାତରେ ଏହି ଲୁଟ ଗ୍ୟାଙ୍ଗ ର କୌଣସି ସୁରାଗ ଲାଗିପାରିନାହିଁ, ଯଦିଓ ଲାଗିଥିବଏହି ବାବଦରେ କୌଣସି ସୂଚନା ହସ୍ତଗତ ହେଇନାହିଁ, ଗତ ବର୍ଷ ଅସ୍ତରଙ୍ଗ କୁଆଁରପୁର କପ୍ଲେସ୍ୱର ଶୈବ ପୀଠ, ନିକଟରେ ଥିବା ଜଣେ ବ୍ୟକ୍ତି ବିଶେଷ ଙ୍କ ଘରୁ ଚୋରୀ ହେଲା, ଡଗ ସ୍କ୍ୱାଡ଼ ଆସିଲେ ମାତ୍ର କୌଣସି ସଠିକ ନିର୍ଣ୍ଣାୟକ ରେ ପ୍ରଶାସନ ପହଂଚିପାରିନି, ପରେ ଦିନକୁ ଦିନ ଚୋରୀ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନେଇ ଅସ୍ତରଙ୍ଗ ଥାନା ରେ ଏତଲା ହୋଇଛି ଅନେକ ଘଟଣା ରେ ମାତ୍ର ପୋଲିସ ଚୋର ଙ୍କୁ ଧରିବାରେ ବିଫଳ ହୋଇଛି,ଗତ ୧୨ ତାରିଖ ରେ ନମାରୋ ଗ୍ରାମ ରେ ଠାକୁରାଣୀ ଙ୍କ ମନ୍ଦିର ତାଲା ଭଙ୍ଗାଯାଇ ମା ଙ୍କର ରୁପା ମୁକୁଟ, ସୁନା ଚେନ, ସୁନା ଆଖି,ସୁନା ମଥା ଚିତା ସହ ଅନେକ ଧାତୁ ଥାଳି ଚୋରୀ କରି ଫେରାର ହୋଇଥିଲେ, କିଛି ଦିନ ପରେ ବରଡିହ ଗ୍ରାମର ନୂତନ ଜଗନ୍ନାଥ ଙ୍କ ମନ୍ଦିର ର ତାଲା ଖୋଲି ପ୍ରାୟତଃ ୪୦ ହଜାର ଟଙ୍କା ର ପିତଳ ଘଣ୍ଟ ଚୋରୀ କଲେ, ଏହା ପୂର୍ବରୁ ସରିପୁର ଐତିହାସିକ ସୁଦର୍ଶନ ଙ୍କ ମନ୍ଦିର ରୁ ମଧ୍ୟ ବଡ଼ ଧରଣ ଚୋରୀ ହୋଇଥିଲା, ମାତ୍ର ଏଯାଏ ଏହି ଚୋର ଙ୍କୁ କୌଣସି ପ୍ରକାରେ ପୋଲିସ ଧରିନାହିଁ । ଯାହାକି ଫଳରେ ଅସ୍ତରଙ୍ଗ ବଜାର ରେ ପୋଲିସ ର କାର୍ଯ୍ୟପଦ୍ଧା କୁ ନେଇ ଲୋକ ମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛ । ଏବେ ସାଧାରଣ ଲୋକ ଝିଅ ବାହାଘର ପାଇଁ ଭୟଭିତ ହେଲେଣି କାରଣ ସେମାନେ କହୁଛନ୍ତି ଯେତେବେଳେ ମନ୍ଦିର ହୁଣ୍ଡୀ, ତାଲା ଭାଙ୍ଗି ଲୁଟ କରୁଛନ୍ତି ତେବେ ଆମେ ଝିଅ ବାହାଘର କରିବାକୁ ଘରେ ଯଦି କିଛି ପଇସା ସୁନା ଗହଣା ରଖିବୁ ତାହେଲେ ନିଶ୍ଚିନ୍ତ ରୂପେ ଲୁଟେରା ଙ୍କ ନଜର ଆମ ଉପରେ କାହିଁ ନଥିବ, ଭିନ୍ନ ଭିନ୍ନ ଦୃଷ୍ଟି ରେ ଏବେ ଏହି ଚୋରୀ କୁ ଲୋକ ମାନେ ନେଉଥିବା ବେଳେ ପ୍ରଶାସନ ର ଦୃଢ଼ କାର୍ଯ୍ୟପନ୍ଥାକୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

## ୨୦୨୫ରେ ବି ନିଟ ପ୍ରଶ୍ନପତ୍ର ହାତେଇ ଥିଲେ ଏହି ଦୁଇ ଭାଇ !

ନୂଆଦିଲ୍ଲୀ : ଚଳିତ ବର୍ଷ ନିଟ ପ୍ରଶ୍ନପତ୍ର ଲିକର କେନ୍ଦ୍ରରେ ଥିବା ରାଜସ୍ଥାନର ଦୁଇ ଭାଇଙ୍କ ସମ୍ପର୍କରେ ଆସିଛି ସାଂଘାତିକ ତଥ୍ୟ। ରାଜସ୍ଥାନର ଦୁଇ ଭାଇ ନିଟ ୟୁଜି ପ୍ରଶ୍ନପତ୍ର ପାଇଥିଲେ ଓ ଏହାକୁ ପରବର୍ତ୍ତୀ ସମୟରେ ବିକ୍ରି କରିଥିଲେ। ଏବେ ତଦନ୍ତରୁ ଜଣାପଡ଼ିଛି ଯେ ୨୦୨୫ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ ପ୍ରଶ୍ନପତ୍ର ମଧ୍ୟ ଏମାନଙ୍କୁ ପୂର୍ବରୁ ମିଳିଥିଲା। ଏହାକୁ ମଧ୍ୟ ସେମାନେ ବିକ୍ରି କରିଥିଲେ ବୋଲି ପୁଲିସ୍ ସୂତ୍ରରୁ ଜଣାପଡ଼ିଛି।





ରାଜସ୍ଥାନ ପୁଲିସ୍ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମଙ୍ଗି ଲାଲ ଓ ଦୀନେଶ ବିଓ୍ୱାଲ କେବଳ ଚଳିତ ବର୍ଷର ଲିକ ପ୍ରଶ୍ନପତ୍ର ରାଜସ୍ଥାନର ସିକାର ସ୍ଥିତି କୋଚିଂ ସେଣ୍ଟରକୁ ଦେଇ ନାହାନ୍ତି, ବରଂ ୨୦୨୫ରେ ମଧ୍ୟ ଉଭୟ ନିଟ ପ୍ରଶ୍ନପତ୍ର ନିଜ ପରିବାର ପାଇଁ କିଣିଥିଲେ ଓ ଅନ୍ୟମାନଙ୍କୁ ବିକ୍ରି କରିଥିଲେ।

ଦୁଇ ଭାଇଙ୍କୁ ଚଳିତ ବର୍ଷ ପ୍ରଶ୍ନପତ୍ର ଲିକ ମାମଲାରେ ପ୍ରଥମେ ରାଜସ୍ଥାନ ପୁଲିସ୍ ପରେ ସିବିଆଇ ଗିରଫ କରିଛି। ଜୟପୁରର ଜାମଓ୍ୱା ରାମଗଡ଼ ସ୍ଥିତିରେ ରହୁଥିବା ଦୁଇ ଭାଇ ଏବେ ପ୍ରଶ୍ନପତ୍ର ଲିକ ନେଟଓ୍ୱର୍କର ପ୍ରମୁଖ ସଦସ୍ୟ ଭାବେ ଉଭା ହୋଇଛନ୍ତି। ସିକାର ଦେଇ ଏହି ନେଟଓ୍ୱର୍କ ପୂରା ଦେଶକୁ ବିସ୍ତାରିତ ହୋଇଛି।

ମେ' ୧୨ରେ ନିଟ ପ୍ରଶ୍ନପତ୍ର ଲିକ ଖବର ସାମ୍ନାକୁ ଆସିବା ପରେ ସରକାର ପରୀକ୍ଷାକୁ ରଦ୍ଦ କରିଛନ୍ତି। ସେହିପରି ଜୁନ ୨୧ରେ ସାନି ପରୀକ୍ଷା ହେବ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ସିବିଆଇ ଘଟଣାର ତଦନ୍ତ କରୁଥିବା ବେଳେ ନୂଆ ନୂଆ ତଥ୍ୟ ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏବେ ରାଜସ୍ଥାନ ପୁଲିସ୍ ଜାଣିବାକୁ ପାଇଛି ଯେ ବିଓ୍ୱାଲା ପରିବାରର ୪ ଜଣ ପିଲା ୨୦୨୫ରେ ନିଟ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଘରର ଆଉ ଜଣେ ପରୀକ୍ଷା ଦେଇଛନ୍ତି। ଏମାନେ ସମସ୍ତେ ନିଟ ୨୦୨୫ ପ୍ରଶ୍ନପତ୍ର ମଧ୍ୟ ପରୀକ୍ଷା ପୂର୍ବରୁ ପାଇଥିଲେ। କିଙ୍ଗପିନ କୁହାଯାଉଥିବା ମଙ୍ଗି ଲାଲଙ୍କ ପୁଅ ବିକାଶ ବିଓ୍ୱାଲ ଏବେ ସବାଇ ମାଧୋପୁର ମେଡିକାଲ କଲେଜରେ ଏମବିବିଏସ୍ କରୁଛନ୍ତି। ସେ ମଧ୍ୟ ଲିକ ପ୍ରଶ୍ନପତ୍ରକୁ ଅନ୍ୟମାନଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପ୍ରଶ୍ନପତ୍ର ଲିକ୍ ଓ ବିତରଣ କରିବାକୁ ପୂର୍ବରୁ ହିଁ ୬୫ ଲକ୍ଷ ଟଙ୍କା ଜମା ହୋଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ହରିୟାଣାର ୟଶ ଯାଦବ ନାମକ ଯୁବକ ସିକାରରେ ପଢ଼ୁଥିବା ବେଳେ ମଙ୍ଗିଲାଲଙ୍କ ପରିବାର ସଂସ୍ପର୍ଶରେ ଆସିଥିଲେ। ଲିକ ପ୍ରଶ୍ନପତ୍ରକୁ ଗୋଟିଏ ମହାରାଷ୍ଟ୍ର ଭିତ୍ତିକ ନେଟଓ୍ୱର୍କରୁ ଅଣା ଯାଇଥିଲା। ଏହାପରେ ଦେଶର ବିଭିନ୍ନ ସ୍ଥାନକୁ ଜଣଙ୍କ ପରେ ଜଣେ ପଠାଇଥିଲେ। ଏବେ ଏହି ପୂରା ନେଟଓ୍ୱର୍କର ଯାଞ୍ଚ କରାଯାଉଛି। ମହାରାଷ୍ଟ୍ରରୁ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ଜରିଆରେ ସିବିଆଇ ଏବେ ଆଉ କିଛି ରାଜ୍ୟରେ ଚଢ଼ଉ କରି ପୂରା ନେଟଓ୍ୱର୍କର ପର୍ଦ୍ଦାଫାସ କରିବାରେ ଲାଗି ପଡ଼ିଛି।

## ମଦ ପିଇବାକୁ ପତ୍ନୀଙ୍କ ପ୍ରେମିକଙ୍କୁ ଘରକୁ ଡାକିଲେ, ଯୁକ୍ତିତର୍କ ପରେ ତଣ୍ଟି କାଟି ଦେଲେ

ନୂଆଦିଲ୍ଲୀ : ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ଜଣେ ୪୮ ବର୍ଷୀୟ ବ୍ୟକ୍ତି ଘଟାଇଛନ୍ତି ଜଘନ୍ୟକାଣ୍ଡ। ସେ ନିଜ ପତ୍ନୀଙ୍କ ପ୍ରେମିକଙ୍କୁ ଘରକୁ ମଦ ପିଇବାକୁ ଡାକିଥିଲେ। ଏହାପରେ ପତ୍ନୀଙ୍କ ସାମ୍ନାରେ ହିଁ ତାଙ୍କ ପ୍ରେମିକ ଉପରେ ଆକ୍ରମଣ କରି ବ୍ୟକ୍ତି ଜଣଙ୍କ ତଣ୍ଟି କାଟି ଦେଇଛନ୍ତି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରୁ ଏପରି ଖବର ସାମ୍ନାକୁ ଆସିଛି। ପୁଲିସ୍‌ର କହିବା କଥା ଯେ ପୂରା ଘଟଣା ବୁଧବାର ଘଟିଛି। ଅଭିଯୁକ୍ତ ଜଣଙ୍କ ହେଲେ ଭୀମରାଜ ଓମପ୍ରକାଶ ଶର୍ମା। ସେ ବିକାଶ ଅଶୋକ ଭୁସାରେଙ୍କୁ ମଦ ପିଇବା ପାଇଁ ଘରକୁ ନିମନ୍ତ୍ରଣ କରିଥିଲେ। ବିକାଶଙ୍କ ସହ ପତ୍ନୀଙ୍କ ଅନୈତିକ ସମ୍ପର୍କ ରହିଥିବା ଓମପ୍ରକାଶ ଦୀର୍ଘ ଦିନରୁ ସନ୍ଦେହ କରୁଥିଲେ। ଏହାର ବଦଳା ନେବାକୁ ସେ ବେଶ ଯୋଜନାବଦ୍ଧ ଭାବେ ବିକାଶଙ୍କୁ ନିଜ ଘରକୁ ମଦ ପିଇବା ପାଇଁ ଡାକିଥିଲେ। ବିକାଶ ଘରେ ପହଞ୍ଚିବା ପରେ ଓମ ପ୍ରକାଶ ଓ ତାଙ୍କ ପତ୍ନୀ ମିଳିତ ଭାବେ ପାର୍ଟି କରିଥିଲେ। ୩ ଜଣ ଯାକ ମଦ ପିଇବା ପରେ ଆରମ୍ଭ ହୋଇଥିଲା ଯୁକ୍ତିତର୍କ। ପତ୍ନୀଙ୍କ ଠାରୁ ଦୂରେଇ ରହିବାକୁ ଓମପ୍ରକାଶ ସିଧାସଳଖ ବିକାଶଙ୍କୁ ଚେତାବନୀ ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ବଢ଼ିଥିଲା।

ବିକାଶଙ୍କୁ ନାଲି ଆଖି ଦେଖାଇ ଓମ ପ୍ରକାଶ କଡ଼ା ସ୍ୱରରେ କହିଥିଲେ ଯେ "ତୁମେ କାହିଁକି ମୋ ଘରକୁ ବାରମ୍ବାର ଆସୁଛ ? ଆଗକୁ ଆଉ ଆସିବ ନାହିଁ।" ଏହାକୁ ନେଇ ବିବାଦ ଆହୁରି ତୀବ୍ର ହୋଇଥିଲା। ଏତିକି ବେଳେ ଓମ ପ୍ରକାଶ ନିଜ ପାଖରେ ରଖିଥିବା ଛୁରୀ ବାହାର କରିଥିଲେ। ସେ ବିକାଶଙ୍କୁ ଆକ୍ରମଣ କରିବା ସହ ତାଙ୍କର ତଣ୍ଟି କାଟି ଦେଇଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ରହିଥିଲେ ହେଁ ଓମ ପ୍ରକାଶ ତାଙ୍କୁ ଛୁରୀ ଭୁଷି ଚାଲିଥିଲେ। ଏଥିଯୋଗୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପୁଲିସ୍ କହିଛି। ଘଟଣା ପରେ ଓମ ପ୍ରକାଶ ଫେରାର ହୋଇ ଯାଇଥିଲେ। କିନ୍ତୁ ୩ ଘଣ୍ଟା ମଧ୍ୟରେ ପୁଲିସ୍ ତାଙ୍କୁ ଗିରଫ କରି ନେଇଛି। ସେ ଜେରା ବେଳେ ନିଜର ଅପରାଧକୁ ସ୍ୱୀକାର କରି ନେଇଛନ୍ତି ଓ ବିକାଶଙ୍କ ସହ ତାଙ୍କ ପତ୍ନୀଙ୍କ ଅନୈତିକ ସମ୍ପର୍କ ରହିଥିବା ପୁଲିସ୍‌କୁ ଜଣାଇଛନ୍ତି। ପୁଲିସ୍‌ର କହିବା କଥା ଯେ ପୂର୍ବରୁ ମଧ୍ୟ ଓମ ପ୍ରକାଶଙ୍କ ପତ୍ନୀଙ୍କୁ ବିକାଶ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଚେତାବନୀ ସତ୍ତ୍ୱେ ସେ ବାରମ୍ବାର ଓମ ପ୍ରକାଶଙ୍କ ପତ୍ନୀଙ୍କୁ ଭେଟୁଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଓମ ପ୍ରକାଶ ହତ୍ୟାକାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ପୁଲିସ୍ ଓମ ପ୍ରକାଶଙ୍କୁ ହତ୍ୟା ମାମଲା ରୁଜୁ କରି ଗିରଫ କରିଛି। ଏଥିସହ ତାଙ୍କୁ କୋର୍ଟରେ ହାଜର କରି ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିଛି।

## ୬ ଦିନରେ ୫ ଦେଶ ଗସ୍ତ କରିବେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ତାଙ୍କର ଐତିହାସିକ ୬ ଦିନିଆ ବିଦେଶ ଗସ୍ତ ଆରମ୍ଭ କରିଛନ୍ତି। ଏହି ଗସ୍ତ କାଳରେ ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ପରି ୫ଟି ଗୁରୁତ୍ୱପୂର୍ଣ୍ଣ ଦେଶ ଗସ୍ତ କରିବେ। ଆଜି ସେ ନିଜର ପ୍ରଥମ ଗନ୍ତବ୍ୟ ସ୍ଥଳ ୟୁଏଇର ଅଭିମୁଖେ ରୋନା ହୋଇଛନ୍ତି।

ୟୁଏଇର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସେଠାକାର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ବାଣିଜ୍ୟ, ବିନିଯୋଗ, ଶକ୍ତି ସହଯୋଗ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏହି ଆଲୋଚନାର ମୁଖ୍ୟ ଏଜେଣ୍ଡା ରହିଛି। ୨୦୨୨ରେ ସ୍ୱାକ୍ଷରିତ ଉରଚଇ ଚୁକ୍ତି ପରେ ଭାରତ ଓ ୟୁଏଇର ମଧ୍ୟରେ ବାଣିଜ୍ୟ କାରବାର ଦୁଇଗୁଣା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୟୁଏଇର ର ଆନ୍ତର୍ଜାତୀୟ ସହଯୋଗ ରାଷ୍ଟ୍ରମନ୍ତ୍ରୀ ରୀମ୍ ଅଲ୍ ହାସିମି ଭାରତ ସହ ଥିବା ସମ୍ପର୍କକୁ ନେଇ ଭାବପ୍ରବଣ ହୋଇଛନ୍ତି। ସେ କହିଛନ୍ତି, '୧୫ ମେ' ୨୦୨୬ରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ସମସ୍ତେ ଚାହିଁ ରହିଛନ୍ତି। ଆପଣ ଯଦି କୌଣସି ବି ଏମିରେଟ୍ସ ନିବାସୀଙ୍କୁ ପଚାରିବେ, ତେବେ ତାଙ୍କର ଭାରତ ସହ କିଛି ନା କିଛି ସମ୍ପର୍କ ନିଶ୍ଚୟ ଥିବା।' ବିଶ୍ୱରେ ଦେଖାଦେଇଥିବା ଶକ୍ତି ସଙ୍କଟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି। ୟୁଏଇର ପରେ ପ୍ରଧାନମନ୍ତ୍ରୀ ୟୁରୋପ ଗସ୍ତ କରିବେ। ଏହି ସମୟରେ ସେ ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମେ' ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତ ଭାରତର ବୈଦେଶିକ ନୀତି ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା କରାଯାଉଛି।

## ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା 'ଟଙ୍କା', ଡଲାର ତୁଳନାରେ ୯୬ ସ୍ତର ନିକଟତର

ନୂଆଦିଲ୍ଲୀ : ସଙ୍କଟରେ ଭାରତୀୟ ଅର୍ଥନୀତି। ସାରା ଦେଶରେ ତୈଳ ସଙ୍କଟ ବ୍ୟାପିବାରେ ଲାଗିଛି। ସମସ୍ତଙ୍କ ବର୍ତ୍ତମାନ ନର ପେଟ୍ରୋଲ ଏବଂ ଡିଜେଲ ଯୋଗାଣ ଜନିତ ସମସ୍ୟା ଉପରେ ରହିଥିବାବେଳେ ଦେଶର ଅର୍ଥନୀତିକୁ ଲାଗିଲାଣି ବଡ଼ ଝଟକା। କାରଣ କମୁଛି ଭାରତୀୟ ମୁଦ୍ରା 'ଟଙ୍କା'ର ବିନିମୟ ମୂଲ୍ୟ । ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ଥମିବାର ନାମ ଧରୁନାହିଁ। ଆମେରିକା ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ରେକର୍ଡ ସର୍ବକାଳୀନ ହ୍ରାସ ଘଟି ଏହା ଏବେ ୯୬ ଟଙ୍କା ସ୍ତର ନିକଟତର। ଏଥିଯୋଗୁ 'ଟଙ୍କା' ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଦେଶର ଅର୍ଥନୀତିକୁ ଘୋର ବିପଦ ଆଗକୁ ଠେଲିଦେଇଛି।




ଗୁରୁବାର ଟଙ୍କା ମୂଲ୍ୟରେ ଟଙ୍କା ୨୦ ପଇସା ହ୍ରାସ ପାଇ ଏହା ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି।

ଗୁରୁବାର ପୂର୍ବାହ୍ନରେ ମୁଦ୍ରା ବଜାର ଖୋଲିବା ମାତ୍ରେ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଆହୁରି ୨୦ ପଇସା ହ୍ରାସ ଘଟି ଏହା ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଟଙ୍କାର ବିନିମୟ ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଭାରତୀୟ ରିଜର୍ଭବ୍ୟାଙ୍କ ବିପୁଳ ଅର୍ଥ ବ୍ୟୟ କରିସାରିଲାଣି, ହେଲେ ଟଙ୍କା ସମ୍ଭାଳିବା ସ୍ଥିତିରେ ନାହିଁ। ଏଣୁ ଭାରତୀୟ ଟଙ୍କାକୁ ଏସିଆର ସବୁଠୁ ଖରାପ୍ରଦର୍ଶନକାରୀ ମୁଦ୍ରାର ମାନ୍ୟତା ମିଳିଛି। ଯଦି ରିଜର୍ଭ ବ୍ୟାଙ୍କ ଏପରି ପଦକ୍ଷେପ ଗ୍ରହଣ କରି ନ ଥାନ୍ତା, ତେବେ ପରିସ୍ଥିତି ଆହୁରି ଖରାପ ହୋଇଥାନ୍ତା। ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବଜାରରେ ଟଙ୍କା ୯୫୭୪ ରୁ ୯୫.୮୬ ଟଙ୍କାକୁ ଖସିଯାଇଛି, ଯାହା ସିଧାସଳଖ ୨୦ ପଇସା ହ୍ରାସକୁ ପ୍ରତିନିଧି କରୁଛି। ଦିନକ ପୂର୍ବରୁ ଟଙ୍କା ୯୫.୮୦ ସ୍ତରରେ ପହଞ୍ଚିବା ପରେ ଏହା ପ୍ରତି ଡଲାର ୯୫.୬୬ ଟଙ୍କାରେ କାରବାର ହେଉଥିଲା ।

ଭାରତ ୯୦% ଅଶୋଧିତ ତୈଳ ଓ ୫୦% ପ୍ରକୃତିକ ଗ୍ୟାସ୍ ବିଦେଶରୁ ଆମଦାନୀ କରିଥାଏ ଓ ଏଥିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ବୈଶିକ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତର ମାଇକ୍ରୋଇକୋନମିକ ଆଉଟଲୁକ୍ ଉପରେ ଚାପ ପକାଇଛି। ଅଭିବୃଦ୍ଧି ହ୍ରାସ ହୋଇଥିବା ବେଳେ ମୁଦ୍ରାଗୀତି ବଢ଼ିଛି। ଏଣୁ ଟଙ୍କା ଉପରେ ଚାପ ବଢ଼ିପାରେ। ତେବେ ସମ୍ପୂର୍ଣ୍ଣ ସପ୍ତାହର କାରବାର ଦେଖିଲେ ଡଲାର ତୁଳନାରେ ଟଙ୍କା ଚଳିତ ସପ୍ତାହରେ ୧.୪% ହ୍ରାସ ହୋଇଛି। ଅପରପକ୍ଷେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଏପରି ହ୍ରାସ ଦେଶକୁ ଆମଦାନୀ ମହଙ୍ଗା କରିବ । ଯାହାଫଳରେ ମୁଦ୍ରାଗୀତି ଖୁବ୍ ଜୋରରେ ଉପରମୁହାଁ ହେବ। ଏହାର ସିଧା ସଳଖ ପ୍ରଭାବ ଖାଉଟି ବଜାର ଉପରେ ଦେଖିବାକୁ ମିଳିବ। ଦରଦାମ୍ ତାତିରେ ବଜାର ଥରହର ହେବ ।

## ତାମିଲନାଡୁ ସିଏମ ହେବା ମାତ୍ରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଜୟ

ନୂଆଦିଲ୍ଲୀ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଏକ ଅପିଲ୍ କରିଛନ୍ତି । କପା ଉପରେ ୧୧ ପ୍ରତିଶତ ଆମଦାନୀ ଶୁଳ୍କ ତୁରନ୍ତ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି । କପା ସାମଗ୍ରୀର ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ରାଜ୍ୟର ବୟନ ଏବଂ ପୋଷାକ କ୍ଷେତ୍ର ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି ବୋଲି ଚିଠିରେ କହିଛନ୍ତି ମୁଖ୍ୟମନ୍ତ୍ରୀ ବିଜୟ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ଏକ ଚିଠିରେ ସିଏମ୍ ବିଜୟ କହିଛନ୍ତି ଯେ, କପା ଏବଂ ସୂତା ମୂଲ୍ୟରେ ବୃଦ୍ଧି ପୋଷାକ ନିର୍ମାତାଙ୍କ ଉପରେ ପ୍ରବଳ ଚାପ ପକାଇଛି । ଏହି କ୍ଷେତ୍ର ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବିକାକୁ ବିପଦରେ ପକାଇଛି । ତାମିଲନାଡୁକୁ ଭାରତର ସର୍ବବୃହତ ବସ୍ତ୍ର ଏବଂ ପୋଷାକ ରପ୍ତାନିକାରୀ ରାଜ୍ୟ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ଶିଳ୍ପ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରେ । ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ, କପା ଏବଂ ସୂତାର ମୂଲ୍ୟରେ ଅଭୂତପୂର୍ବ ବୃଦ୍ଧି ଯୋଗୁଁ ତାମିଲନାଡୁର ବୟନ ଏବଂ ପୋଷାକ ଶିଳ୍ପ ଏକ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି । ଏହି ବୃଦ୍ଧି ମୁଖ୍ୟତଃ ଘରୋଇ କପା ଉତ୍ପାଦନ ହ୍ରାସ ଏବଂ ସାରା ଦେଶରେ ବାଣିଜ୍ୟ କାର୍ଯ୍ୟକଳାପ ବୃଦ୍ଧି ପାଇବା ଯୋଗୁଁ ହୋଇଛି, ଯାହା ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରିଥିଲା ଏବଂ କପଡ଼ା ନିର୍ମାତାମାନଙ୍କୁ ପ୍ରଭାବିତ କରିଛି । ଚିଠିରେ ସେ ଆହୁରି ମଧ୍ୟ କହିଛନ୍ତି ଯେ, କଞ୍ଚାମାଲର ନିରନ୍ତର ଯୋଗାଣ ଏବେ କେବଳ ଆମଦାନୀ ମାଧ୍ୟମରେ ସୁନିଶ୍ଚିତ କରାଯାଇପାରିବ, କିନ୍ତୁ କପା ଉପରେ ପୂର୍ବରୁ ଥିବା ୧୧ ପ୍ରତିଶତ ଆମଦାନୀ ଶୁଳ୍କ ଯୋଗୁଁ, ଆମଦାନୀ ଶିଳ୍ପ ପାଇଁ ମହଙ୍ଗା ଏବଂ ଅବ୍ୟବହାରିକ ପ୍ରମାଣିତ ହେଉଛି । ମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ, ଗତ ୨ ମାସରେ କପା ମୂଲ୍ୟ ପ୍ରତି କ୍ୟାଣ୍ଡି ୫୪,୭୦୦ ରୁ ୬୭,୭୦୦କୁ ବୃଦ୍ଧି ପାଇଛି, ଯାହା ପ୍ରାୟ ୨୫ ପ୍ରତିଶତ ବୃଦ୍ଧି। ସେହି ସମୟ ମଧ୍ୟରେ, ସୂତା ମୂଲ୍ୟ ମଧ୍ୟ ପ୍ରତି କିଲୋଗ୍ରାମ ୩୦୧ ରୁ ୩୩୦କୁ ବୃଦ୍ଧି ପାଇଛି ।ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ, ଏହି ବୃଦ୍ଧି ମୁଖ୍ୟତଃ ଘରୋଇ କପା ଉତ୍ପାଦନ ହ୍ରାସ ଏବଂ ସାରା ଦେଶରେ ବାଣିଜ୍ୟ କାର୍ଯ୍ୟକଳାପ ବୃଦ୍ଧି ପାଇବା ଯୋଗୁଁ ହୋଇଛି, ଯାହା ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରିଥିଲା ଏବଂ କପଡ଼ା ନିର୍ମାତାମାନଙ୍କୁ ପ୍ରଭାବିତ କରିବ ।

## ଜର୍ମାନୀରୁ ହାଇଦ୍ରାବାଦ ଆସୁଥିବା ଲୁଫ୍‌ତହଂସା ବିମାନକୁ ଇମେଲରେ ବୋମା ଧମକ

ହାଇଦ୍ରାବାଦ: ଜର୍ମାନୀର ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦ ଆସୁଥିବା ଲୁଫ୍‌ତହଂସା ଏୟାରଲାଇନ୍ସର ଏକ ବିମାନରେ ବୋମା ଥିବା ନେଇ ଇମେଲ ମାଧ୍ୟମରେ ଧମକ ମିଳିବା ପରେ ଆତଙ୍କ ଖେଳିଯାଇଛି। କଡ଼ା ସୁରକ୍ଷା ଭିତରେ ବିମାନ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନବନ୍ଦର ସୂତ୍ରରୁ 'ଇଣ୍ଡିଆ ଟୁଡେ' ପ୍ରକାଶ କରିଛି ଯେ, ଏୟାରଲାଇନ୍ସର କଷ୍ଟମର୍ ସପୋର୍ଟକୁ ମିଳିଥିବା ଇ-ମେଲରେ ବିମାନ ଏଲ୍‌ଏଚ୍-୭୫୪ରେ ବୋମା ଥିବା ଦାବି କରାଯାଇଥିଲା। ବିମାନଟି ସମଶାବାଦରେ ପହଞ୍ଚିବା ପୂର୍ବରୁ ଏଥିରେ ବିସ୍ଫୋରଣ କରାଯିବ ବୋଲି ଧମକ ଦିଆଯାଇଥିଲା। ସୁରକ୍ଷା ଏଜେନ୍ସି ତୁରନ୍ତ ଆଲର୍ଟରେ ଥିବାବେଳେ ଜରୁରୀକାଳୀନ ପ୍ରୋଟୋକଲ ଆରମ୍ଭ କରାଯାଇଥିଲା। ବିମାନଟି ସୁରକ୍ଷିତ ଭାବରେ ବିମାନବନ୍ଦରରେ ଅବତରଣ କରିବା ପରେ ବିମାନର ସୁରକ୍ଷା ଯାଞ୍ଚ ପାଇଁ ଆଇସୋଲେସନ ବେକୁ ସ୍ଥାନାନ୍ତର କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ବିମାନବନ୍ଦର ସୁରକ୍ଷା କର୍ମଚାରୀ ବିମାନର ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ବିମାନର ଯାଞ୍ଚ ଚାଲିଥିବାବେଳେ ଏପର୍ଯ୍ୟନ୍ତ ବୋମା ଥିବା ଖବର ସ୍ପଷ୍ଟ ହୋଇପାରିନାହିଁ। ଏକ ପୃଥକ୍ ଘଟଣାକ୍ରମରେ ପ୍ରବଳ ପବନ ଜନିତ ପ୍ରତିକୂଳ ପାଣିପାଗ ଯୋଗୁ ସମଶାବାଦ ବିମାନବନ୍ଦରକୁ ଆସୁଥିବା ଦୁଇଟି ବିମାନ ଅବତରଣ କରିପାରିନଥିଲେ। ପୁଣେରୁ ଆସୁଥିବା ଏକ ବିମାନକୁ ବିଜୟୱାଡ଼ା ବିମାନବନ୍ଦର ଅଭିମୁଖେ ପଠାଯାଇଥିଲା ଓ ଦୁବାଇରୁ ଆସୁଥିବା ଏକ ଏମିରେଟ୍ସ ବିମାନକୁ ବେଙ୍ଗାଲୁରୁକୁ ପଠାଯାଇଥିଲା। ସୂତ୍ର ଅନୁଯାୟୀ ଦୁଇଟି ଯାକ ବିମାନ ସମଶାବାଦ ବିମାନବନ୍ଦରରେ ଦୁଇଥର ଅବତରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅତ୍ୟଧିକ ପବନ ଯୋଗୁ ବିମାନ ଦୁଇଟି ଅବତରଣ କରିପାରି ନଥିଲେ।

## ବିମାନ ଟିକଟ ଦରକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

ନୂଆଦିଲ୍ଲୀ: ଦେଶରେ ବିମାନ ଟିକଟ ଦରରେ ଘଟିଥିବା ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଯାତ୍ରୀମାନଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ସମାନ ରୁଟ ପାଇଁ ଗୋଟିଏ ଦିନରେ ଏକ ଏୟାରଲାଇନ୍‌ର ଟିକଟ ଦାମ୍ ୮୦୦୦ ଟଙ୍କା ରହୁଥିବା ବେଳେ ଆଉ କାହାର ୧୮ହଜାର ଟଙ୍କା ରହୁଛି। ଟିକଟ ଦାମ୍‌ରେ ରହୁଥିବା ଏହି ତାରତମ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବିମାନ ଯାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଦରକାର ବୋଲି ସରକାରଙ୍କ ପାଇଁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ କହିଥିଲେ।ବିମାନ ଟିକଟ ଦାମ୍‌ରେ ହେଉଥିବା ହଠାତ୍ ବୃଦ୍ଧିକୁ ବିରୋଧ କରି ସମାଜସେବୀ ଏସ୍ ? ଲକ୍ଷ୍ମୀନାରାୟଣ ଏକ ମାମଲା ରୁଜୁ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଦେଶରେ ଏୟାରକ୍ରାଫ୍ଟ ନିୟମ ୧୯୩୭ ପ୍ରଚଳନରେ ଅଛି। କିନ୍ତୁ ତାହାର ଧାରାଗୁଡ଼ିକୁ ପାଳନ କରାଯାଉନାହିଁ। ଟିକଟ ଦରକୁ ନେଇ ଏୟାରଲାଇନ୍ ଗୁଡ଼ିକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କୌଣସି ନିର୍ଦ୍ଦେଶ ଦେଉନାହିଁ। ଇତି ମଧ୍ୟରେ ସରକାର ୨୦୨୫ ଜାନୁଆରିରୁ ଭାରତୀୟ ବାୟୁଯାନ ଅଧିନିୟମ ଲାଗୁ କରିଛନ୍ତି। ଗତ ଏପ୍ରିଲ ୩୦ରେ ଏହି ମାମଲାର ଶୁଣାଣି ବେଳେ ସତ୍ୟପାଠ ଦାଖଲ କରି ନଥିବାରୁ କେନ୍ଦ୍ର ସରକାରଙ୍କ ଉପରେ କୋର୍ଟ ବିରକ୍ତ ହୋଇଥିଲେ।

## ଲାଞ୍ଚ ମାମଲା ରଫାଦଫା କରିବେ ଆଦାନୀ

ଓ୍ୱାସିଂଟନ: ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ମାମଲାର ରଫାଦଫା କରିବାକୁ ଶିଳ୍ପପତି ଗୌତମ ଆଦାନୀ ୬ ନିୟୁତ ଡଲାର ଦେବାକୁ ରାଜି ହୋଇଛନ୍ତି। ନିଜ ହାତରେ ବହୁ ସଂଖ୍ୟାର ସୋ□ର ପ୍ରକଳ୍ପ ଥିବାର ମିଛ ଦାବି କରି ଆମେରିକୀୟ ନିବେଶକଙ୍କଠାରୁ ଆଦାନୀ ପାଣ୍ଠି ଉଠାଇଥିଲେ ବୋଲି ଆମେରିକାର ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ କମିସନ (ଏସ୍‌ଇସି) ଅଭିଯୋଗ କରିଥିଲେ। ଏହି କାର୍ଯ୍ୟରେ ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କ ସିଧାସଳଖ ହାତ ଥିବା କମିସନ ଅଭିଯୋଗ କରିଥିଲେ।

କମିସନ ଆଦାନୀ ଗ୍ରୁପ୍‌ର କୌଣସି ସଂସ୍ଥାକୁ ଟାର୍ଗେଟ୍ ନ କରି ସିଧାସଳଖ ଦୁଇ ଆଦାନୀଙ୍କ ଉପରେ ଦୋଷ ଲଦିଥିଲା। ଭାରତରେ ସୋ□ର ପ୍ରକଳ୍ପ ହାତେଇବା ପାଇଁ ଆଦାନୀ ବିଭିନ୍ନ ରାଜ୍ୟର କର୍ତ୍ତୃପକ୍ଷଙ୍କୁ ଲାଞ୍ଚ ଦେଉଥିଲା। ସାଗର ସେହି କାରବାରର ପ୍ରତ୍ୟକ୍ଷ ଦେଖାଶୁଣା କରୁଥିଲେ ବୋଲି କମିସନ ଅଭିଯୋଗ କରିଥିଲେ। ଏହି ମାମଲାର ଫଇସଲା କରିବାକୁ ଏସ୍‌ଇସି ଏକ ପ୍ରସ୍ତାବ ଦେଇଛି। ସେଥିରେ ଗୌତମ ଆଦାନୀଙ୍କୁ ୬ ନିୟୁତ ଡଲାର ଓ ତାଙ୍କ ପୁତୁରା ସାଗରଙ୍କୁ ୧୨ ନିୟୁତ ଡଲାର ଗଣିବାକୁ କୁହାଯାଇଛି। ଯଦି ଏହି ପ୍ରସ୍ତାବ ଚୂଡ଼ାନ୍ତ ହେବ ତେବେ ତାହା ଆଦାନୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ। ଆଦାନୀ ଗ୍ରୁପ୍‌ର ଅଧକ୍ଷ ଭାବେ ଗେତମ ଆଦାନୀ କାମ କରୁଥିବା ବେଳେ ତାଙ୍କ ପୁତୁରା ସାଗର ଆଦାନୀ ଗ୍ରିନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି।

ଏହି ମାମଲାର ଫଇସଲା ବାଟ ବାହାରିବା ପରେ ଆଦାନୀଙ୍କ ବିରୋଧରେ ଆସିଥିବା ଠକେଇ ମାମଲାକୁ ମଧ୍ୟ ବନ୍ଦ କରିବାକୁ ଆମେରିକାର ନ୍ୟାୟ ବିଭାଗ ନିଷ୍ପତ୍ତି ନେଇଛି। ତାହା ହେଲେ ଆଦାନୀ ଗ୍ରୁପ୍ ପୁଣି ଥରେ ଅନ୍ତର୍ଜାତୀୟ ବଜାରରୁ ପାଣ୍ଠି ହାସଲ କରିପାରିବ। ଲାଞ୍ଚ କାରବାର ଅଭିଯୋଗ ପୂର୍ବରୁ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଏକ ସର୍ଟସେଲିଂ କମ୍ପାନି ହିଣ୍ଡେନବର୍ଗ ରିସର୍ଚ୍ଚ ସଙ୍ଗିନ ଅଭିଯୋଗ ଆଣିଥିଲା। ଜାଲ କମ୍ପାନି ଗଠନ, ସେୟାର ମୂଲ୍ୟକୁ ବଢ଼ାଇଚଢ଼ାଇ ପ୍ରଦର୍ଶନ କରିବା ଓ ବ୍ୟାପକ ଆର୍ଥିକ ହେରଫେରର ଅଭିଯୋଗ ଆସିଥିଲା ଯାହା ଭାରତରେ ଏକ ବଡ଼ ରାଜନୈତିକ ବିତର୍କକୁ ଜନ୍ମ ଦେଇଥିଲ। ସେହି ଘଟଣାକୁ ନେଇ ବିରୋଧୀ ଦଳ ମୋଦୀ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଅବଶ୍ୟ ସବୁ ଅଭିଯୋଗକୁ ଆଦାନୀ ଗ୍ରୁପ୍ ଖଣ୍ଡନ କରିଥିଲା। ଦେଶରେ କମ୍ପାନି ବିରୋଧରେ ତଦନ୍ତ ହୋଇଥିଲା ଓ କିଛି ବର୍ଷ ପରେ କମ୍ପାନିକୁ କ୍ଲିନ୍‌ଚିଟ୍ ବି ମିଳିଥିଲା।

## ତେଲ ଦର ବୃଦ୍ଧିକୁ ନେଇ କେନ୍ଦ୍ର ଉପରେ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ: ଦେଶରେ ପେଟ୍ରୋଲ-ଡିଜେଲ ଦରରେ ୩ଟଙ୍କାରୁ ଅଧିକ ବୃଦ୍ଧି ହେବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସୋସିଆଲ ମିଡିଆ ପ୍ଲାଟଫର୍ମ ''ଏକ୍ସ''ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି ଯେ, 'ମୋଦୀ ସରକାରଙ୍କ ଭୁଲ୍ ପାଇଁ ଜନତାଙ୍କୁ ମୂଲ୍ୟ ଦେବାକୁ ପଡୁଛି। ୩ ଟଙ୍କାର ଝଟକା ଲାଗିସାରିଛି ଏବଂ ବାକି କିସ୍ତିରେ ଲୋକଙ୍କଠୁ ଆଦାୟ କରାଯିବ। କଂଗ୍ରେସ ଦଳ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ''ଇନଫ୍ଲେସନ୍ ମ୍ୟାନ୍'' (ମୁଦ୍ରାସ୍ଫୀତି ବ୍ୟକ୍ତି) ଭାବେ ସମ୍ବୋଧିତ କରିବା ସହ ନିର୍ବାଚନ ଶେଷ ହେବା ମାତ୍ରେ ସାଧାରଣ ଜନତାଙ୍କ ଉପରେ ଦରବୃଦ୍ଧିର ମାଡ଼ ଆରମ୍ଭ କରିଦିଆଇଛି ବୋଲି କହି ସମାଲୋଚନା କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼େଗ ଏହି ପରିସ୍ଥିତିକୁ 'ମୋଦି-ସରକାର-ନିର୍ମିତ ସଙ୍କଟ' ବୋଲି କହିବା ସହ ଦେଶର ଆର୍ଥିକ ଅବସ୍ଥା ପାଇଁ ସରକାରଙ୍କ ଅକ୍ଷମତା ଓ ଦୂରଦୃଷ୍ଟିର ଅଭାବକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ଇନ୍ଧନ ସଙ୍କଟ ତୁଳନାରେ ଭାରତରେ ନେତୃତ୍ୱର ଅଭାବ ଏହି ସମସ୍ୟାକୁ ଅଧିକ ଜଟିଳ କରିଛି। ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ପେଟ୍ରୋଲ ଦର ୩.୧୪ ଟଙ୍କା ଓ ଡିଜେଲ ୩.୧୧ ଟଙ୍କା ବୃଦ୍ଧି ପାଇଛି, ସିଏନଜି ଦରରେ ମଧ୍ୟ ୨ ଟଙ୍କା ବୃଦ୍ଧି କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦୈନିକ ୧,୦୦୦ କୋଟିରୁ ଅଧିକ କ୍ଷତି ସହୁଥିବାରୁ ଏହି ଦର ବୃଦ୍ଧି ଅନିବାର୍ଯ୍ୟ ହୋଇପଡ଼ିଥିଲା। ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଏବେ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳକୁ ବିପଦରେ ପକାଇଛି।

## ଇନ୍ଦୋର ହାଇକୋର୍ଟଙ୍କ ଐତିହାସିକ ରାୟ, ଭୋଜଶାଳା ପରିସର ଦେବୀ ସରସ୍ୱତୀଙ୍କ ମନ୍ଦିର

ମଧ୍ୟପ୍ରଦେଶ : ଇନ୍ଦୋର ହାଇକୋର୍ଟ ଦୀର୍ଘ ଦିନରୁ ଚାଲିଆସୁଥିବା ଧାର ଜିଲ୍ଲାର ଭୋଜଶାଳା ବିବାଦରେ ଐତିହାସିକ ରାୟ ଶୁଣାଇଛନ୍ତି । ଅଦାଲତ ହିନ୍ଦୁ ପକ୍ଷଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାଇ କହିଛନ୍ତି, ଏହା କମାଲ ମୌଲା ମସଜିଦ ନୁହେଁ ବରଂ ଦେବୀ ସରସ୍ୱତୀଙ୍କ ମନ୍ଦିର । ଏହି ସ୍ଥଳ ରାଜା ଭୋଜଙ୍କ ସହ ଜଡ଼ିତ ସଂସ୍କୃତ ଶିକ୍ଷାର ପ୍ରମୁଖ କେନ୍ଦ୍ର ଥିଲା । ଅଦାଲତ ଏହାକୁ ମନ୍ଦିର ବୋଲି କହିଛନ୍ତି । ଏହା ସହ କୋର୍ଟ କେନ୍ଦ୍ର ସରକାରଙ୍କୁ ଲଣ୍ଡନର ସଂଗ୍ରହାଳୟରୁ ମା ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଫେରାଇ ଆଣିବାକୁ ଦାବି ଉପରେ ବିଚାର କରିବାକୁ ମଧ୍ୟ ଅନୁମତି ଦେଇଛନ୍ତି ।



ତେବେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତିରେ ମୁସଲିମ ପକ୍ଷଙ୍କୁ ବଡ଼ ଝଟକା ଲାଗିଛି। ହାଇକୋର୍ଟ କହିଛନ୍ତି, ଭୋଜଶାଳ- କମାଲ ମୌଲା ପରିସର ଏକ ସଂରକ୍ଷିତ ସ୍ମାରକୀ । କିନ୍ତୁ ଏହାର ଧାର୍ମିକ ସ୍ୱରୂପ ଦେବୀ ସରସ୍ୱତୀଙ୍କ ମନ୍ଦିର । ଏଏସଆଇର ୨୦୦୩ର ଆଦେଶର କିଛି ଅଂଶରେ ହିନ୍ଦୁଙ୍କ ପୂଜା ଅଧିକାରକୁ ସୀମିତ କରାଯାଇଥିଲା ଏବଂ ମୁସଲିମ ସମୁଦାୟକୁ ନମାଜ ଅନୁମତି ଦିଆଯାଇଥିଲା । ମାତ୍ର କୋର୍ଟ ଏବେ ଏହାକୁ ଏବେ ରଦ୍ଦ କରିଛନ୍ତି । ଆଉ କୋର୍ଟଙ୍କ ଏହି ଆଦେଶ ପରେ ଏବେ ପରିସରରେ ହିନ୍ଦୁ ପକ୍ଷଙ୍କୁ ପୂଜା ଅଧିକାର ମିଳିବ । ଆଉ ଏଠାରେ ନମାଜ ପଢିବାକୁ ଅନୁମତି ମିଳିନାହିଁ। ଏହାର ପରିସରରେ ମୁସଲିମଙ୍କ କୌଣସି ଅଧିକାର ନାହିଁ । କମାଲ ମସଜିଦ ପାଇଁ ମୁସଲିମ ପକ୍ଷ ସରକାରଙ୍କ ଠାରୁ ଅଲଗା ସ୍ଥାନ ଦାବି କରିପାରେ । ହାଇକୋର୍ଟ କେନ୍ଦ୍ର ସରକାର ଏବଂ ଏଏସଆଇକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭୋଜଶାଳା ମନ୍ଦିର ଏବଂ ସଂସ୍କୃତ ଶିକ୍ଷା ପାଇଁ ଉଚିତ ନିର୍ଣ୍ଣୟ ନିଆଯାଉ । ସ୍ମାରକୀର ସଂରକ୍ଷଣ ଏବଂ ରକ୍ଷାବେକ୍ଷଣର ସଂପୂର୍ଣ୍ଣ ଦାୟିତ୍ୱ ଏଏସଆଇ ପାଖରେ ହିଁ ରହିବ ।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ଧାର ସ୍ଥିତ ଭୋଜଶାଳା ପରିସରକୁ ନେଇ ହିନ୍ଦୁ ଏବଂ ମୁସଲିମ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟରୁ ବିବାଦ ଚାଲିଆସୁଛି। ହିନ୍ଦୁ ପକ୍ଷ ଏହାକୁ ମା' ସରସ୍ୱତୀଙ୍କ ପ୍ରାଚୀନ ମନ୍ଦିର ଏବଂ ସଂସ୍କୃତ ଶିକ୍ଷା କେନ୍ଦ୍ର ଭାବରେ ଦାବି କରିଆସୁଛି । ଯେତେବେଳେ ମୁସଲିମ ପକ୍ଷ ଏହାକୁ କମାଲ ମୌଲା ମସଜିଦ ବୋଲି କହୁଛି ।

# ମୁମ୍ବାଇକୁ ଜିତାଇଲେ ତିଳକ

ନୂଆଦିଲ୍ଲୀ, ୧୫।୫: ପଞ୍ଜାବର ଲଗାତାର ପରାଜୟ । ବିଜୟ ରାସ୍ତାରେ କଣ୍ଟା ସାଜିଲା ମୁମ୍ବାଇ । ପ୍ରଥମ ୭ ମ୍ୟାଚ୍‌ରେ ଅପରାଜିତ ଥିବା ପଞ୍ଜାବ କିଙ୍ଗ୍‌ସ ଲୟ ହରାଇବା ସହ ପରବର୍ତ୍ତୀ ୫ ମ୍ୟାଚ୍‌ରେ ହାରିଯାଇଛି । ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ଏହି ଦଳକୁ ରୋମାଞ୍ଚକ ଭାବେ ୬ ୱିକେଟ୍‌ରେ ପରାସ୍ତ କରିଛି । ପଞ୍ଜାବ ଦେଇଥିବା ୨୦୧ ରନ୍ ବିଜୟ ଲକ୍ଷ୍ୟକୁ ମୁମ୍ବାଇ ଇଣ୍ଡିଆନ୍ସ ତିଳକ ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ (୩୩ ବଲ୍‌ରୁ ୭୫ଅ ରନ୍, ୬ ଲେଖାଏଁ ଚୌକା ଓ ଛକା) ଏବଂ ୱିଲ୍ ଜ୍ୟାକ୍ସଙ୍କ ୧୦ ବଲ୍ ୨୫ଅ ରନ୍ ବଳରେ ହାସଲ କରି ନେଇଥିଲା । ଶେଷ ୩.୨ ଓଭରରୁ ତିଳକ-ଜ୍ୟାକ୍ସ ୫୬ ରନ୍ ଯୋଡି କଷ୍ଟକର ମନେ ହେଉଥିବା ଲକ୍ଷ୍ୟକୁ ଛକା ମାଡ଼ରେ ଶେଷ କରି ଦେଇଥିଲେ ।

୨୦୧ ରନକୁ ପିଛା କରୁଥିବାବେଳେ ମୁମ୍ବାଇ ଭଲ ଆରମ୍ଭ କରିଥିଲା । ଦୁଇ ଓପନର ରୋହିତ ଶର୍ମା ୨୫ ଏବଂ ରିକଲଟନ ୪୮ ରନ କରିଥିଲେ । ପରେ ନମନଧିର ୯ ଏବଂ ରଦରଫର୍ଡ ୨୦ ରନ କରିଥିଲେ । ମାତ୍ର ପରେ ତିଳକ ବର୍ମା ବିସ୍ଫୋରକ ପାଳି ଖେଳିଥିଲେ ।




ଆଜିର ମ୍ୟାଚରେ ଟସ୍ ଜିତି ମୁମ୍ବାଇ ବୋଲିଂ ନିଷ୍ପତ୍ତି ନେଇଥିଲା । ପଞ୍ଜାବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦଳର ଦୁଇ ଓପନର ଦମଦାର ଆରମ୍ଭ କରିଥିଲେ । ପଞ୍ଜାବ ପାଇଁ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ପ୍ରିୟାଂଶଙ୍କ ବ୍ୟକ୍ତିଗତ ସ୍କୋର ୨୨ ରନ୍ ଥିଲା । ସେ ୧୭ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ । ମୁମ୍ବାଇର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରଭସିମରନ ସିଂହ । କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ କୋପର କନୋଲିଙ୍କ ସହିତ ୫୭ ରନ୍ ଭାଗିଦାରୀ କରିଥିଲେ । ପ୍ରଭସିମନର ବ୍ୟକ୍ତିଗତ ଭାବେ ମଧ୍ୟ ୫୭ ରନ୍ ସଂଗ୍ରହ କରିଥିଲେ । ସେ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ ।

ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଅମରଜୋଇ ୩୮ ରନ କରିଥିଲେ । ଏହାସହ ବିଷ୍ଣୁବିନୋଦ ଏବଂ ବାର୍ଟଲେଟ୍ ଶେଷ ଓଭର ଗୁଡ଼ିକରେ ବଡ଼ ପାଳି ଖେଳି ଦଳୀୟ ସ୍କୋରକୁ ଆଗକୁ ନେବାରେ ସହାୟକ ହୋଇଥିଲେ । ସେପଟେ ମୁମ୍ବାଇ ପକ୍ଷରୁ ଦୀପକ ଚହର ୨, ବୋସ ଏବଂ ରାଜ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି ।

ସଂକ୍ଷିପ୍ତ ସ୍କୋର: ପଞ୍ଜାବ କିଙ୍ଗ୍‌ସ ୨୦ ଓଭରରେ ୨୦୦/୮ (ପ୍ରଭସିମ୍ରନ୍ ସିଂହ-୫୭, ଆଜମତୁଲ୍ଲା ଓମରଜାଇ-୩୮, ଶାର୍ଦ୍ଦୁଳ ଠାକୁର-୪/୩୯, ଦୀପକ ଚହର-୨/୩୬, ରାଜ ବାୱା-୧/୧୧, କର୍ବିନ ବଶ୍-୧/୪୨) । ମୁମ୍ବାଇ ଇଣ୍ଡିଆନ୍ସ ୧୯.୫ ଓଭରରେ ୨୦୫/୪ (ରାନ୍ ରିକେଲଟନ୍-୪୮, ତିଳକ ବର୍ମା-୭୫ଅ, ୱିଲ୍ ଜ୍ୟାକ୍ସ-୨୫ଅ, ରୋହିତ ଶର୍ମା-୨୫, ଆଜମତୁଲ୍ଲା ଓମରଜାଇ-୨/୩୬, ଯୁଜବେନ୍ଦ୍ର ଚହଲ-୧/୩୨, ମାର୍କୋ ୟାନ୍‌ସେନ୍-୧/୫୫) ।

## ସାଉଦି ଆରବର ପ୍ରଥମ 'ଟ୍ୱେଣ୍ଟି-୨୦ ଲିଗ୍ 'ଡ୍ୟୁନ୍ସ'

ଜେଦା୧୫।୫: ବିଶ୍ୱରେ ଟ୍ୱେଣ୍ଟି-୨୦ ଲିଗ୍ କ୍ରିକେଟ୍‌ର ଲୋକପ୍ରିୟତା ବଢିଚାଲିଥିବାବେଳେ ଏ କ୍ଷେତ୍ରରେ ସାଉଦି ଆରବ ପ୍ରବେଶ କରିଛି । ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ସାଉଦିର ପ୍ରଥମ ଟ୍ୱେଣ୍ଟି-୨୦ ଲିଗ୍ 'ଡ୍ୟୁନ୍ସ' । ଏହି ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ୬ଟି ଦଳ ଖେଳିବେ । ମ୍ୟାଚ୍‌ଗୁଡ଼ିକ ସାଉଦି ଆରବର ରାଜଧାନୀ ଜେଦା ନିକଟସ୍ଥ ତାଇଫ୍‌ରେ ଖେଳାଯିବ ।

ସାଉଦି ଆରବ କ୍ରିକେଟ୍ ମହାସଂଘ ପକ୍ଷରୁ ଏହି ଲିଗ୍‌ର ପରିଚାଳନା ଦାୟିତ୍ୱ ସାଉଥ୍ ଏସିଆନ୍ ନେଟ୍‌ୱର୍କକୁ ପ୍ରଦାନ କରାଯାଇଛି । ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର ଯୁବରାଜ ସିଂଙ୍କୁ ଏହି ଲିଗ୍‌ର 'ଆମ୍ବାସାଡର' ନିଯୁକ୍ତ କରାଯାଇଛି । ସେ ମଧ୍ୟ ଏହାର ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ସମ୍ଭାବନା ରହିଛି । ସାଉଦି ଆରବରେ କ୍ରିକେଟ୍ ଲିଗ୍ ଆରମ୍ଭ ହେବାକୁ ବେଶ ଗୁରୁତ୍ୱ ଦିଆଯାଉଛି, କାରଣ ଏହି ଦେଶ ନିଜକୁ ଏକ କ୍ରୀଡ଼ା ମହାଶକ୍ତିଭାବେ ଉପସ୍ଥାପିତ କରିବାକୁ ଉଦ୍ୟମ କରୁଛି । ଏହା ପୂର୍ବରୁ ସାଉଦି ଆରବ ଫୁଟ୍‌ବଲ୍ ଲିଗ୍ କ୍ଷେତ୍ରରେ ପ୍ରବେଶ କରି ଏକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ।

ସାଉଦି ପ୍ରୋ ଲିଗ୍ ଏବେ ବିଶ୍ୱର ପ୍ରମୁଖ ଫୁଟ୍‌ବଲ୍ ତାରକାଙ୍କୁ ଆକୃଷ୍ଟ କରିପାରିଛି । ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିଷ୍ଟିଆନୋ ରୋନାଲ୍‌ଡୋ, ନେମାର, କରିମ୍ ବେଞ୍ଜେମା ଓ ଏନ୍‌ଗୋଲୋ କାଣ୍ଟେ । ଏସବୁ ଫୁଟ୍‌ବଲ୍ ତାରକା ମୁଖ୍ୟତଃ ୟୁରୋପୀୟ ଲିଗ୍‌ରେ ଖେଳିବାକୁ ପସନ୍ଦ କରୁଥିବାବେଳେ ସାଉଦି ସେମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା । ଏବେ କ୍ରିକେଟ୍‌ରେ ସାଉଦିର ପ୍ରବେଶ ଲିଗ୍ କ୍ରିକେଟ୍‌ରେ ବଡ଼ ପରିବର୍ତ୍ତନ ଆଣିବାକୁ ସାମର୍ଥ୍ୟ ରଖୁଛି ।

# ଅଲିମ୍ପିଆନ ଧାବିକା ଶ୍ରାବଣୀ ନନ୍ଦଙ୍କୁ କାର ଉପହାର

ଭୁବନେଶ୍ୱର, ୧୫।୦୫: ଅଲିମ୍ପିଆନ ଧାବିକା ଶ୍ରାବଣୀ ନନ୍ଦଙ୍କୁ ଏମ୍‌ଜି କମ୍ପାନୀ ପକ୍ଷରୁ ଉପହାର ସ୍ୱରୂପ ଏକ କାର ପ୍ରଦାନ କରାଯାଇଛି । ଓଡିଶାର ଆଥଲେଟିକ୍ସ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ଶ୍ରାବଣୀ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ବନବିହାରୀ ନନ୍ଦ ଓ ମାଆ ସୁବାସିନୀ ରାୟଗୁରୁ ଏହି ଉପହାର ଗ୍ରହଣ କରିଥିଲେ ।ବୋତସ୍ୱାନାରେ ଗତ ୨ ଓ ୩ ତାରିଖରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ରିଲେ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ ଶ୍ରାବଣୀ । ସେ ୧୦୦ ଓ ୨୦୦ ମିଟରରେ ପ୍ରତିନିଧିତ୍ୱ କରନ୍ତି । ରିଓ ଅଲିମ୍ପିକ୍ସରେ ୨୦୦ ମିଟରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ ।




# ୧୯ରେ ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ଦଳ

ନୂଆଦିଲ୍ଲୀ, ୧୫।୦୫; ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ ଜାରି ରହିଛି । ଏହାରି ଭିତରେ ଭାରତୀୟ କ୍ରିକେଟ୍ ଟିମ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ଆଗାମୀ ଆଫଗାନିସ୍ତାନ ବିପକ୍ଷ ଘରୋଇ ସିରିଜ ପାଇଁ ଚୟନ କମିଟି ଆସନ୍ତା ୧୯ ତାରିଖରେ ଭାରତୀୟ ଦଳ ଘୋଷଣା କରିବାର ସମ୍ଭାବନା ରହିଛି । ଭାରତ ଗସ୍ତରେ ଆଫଗାନିସ୍ତାନ ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏଥିରେ କାହାକୁ ସୁଯୋଗ ମିଳିବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।




ଏହି ଟେଷ୍ଟ ମ୍ୟାଚଟି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅନ୍ତର୍ଗତ ନଥିଲେ ହେଁ ଚୟନ କମିଟି ଏକ ଶକ୍ତିଶାଳୀ ଦଳ ଗଠନ କରିବାକୁ ଯୋଜନା କରୁଛି । ତଥାପି ପ୍ରମୁଖ ବୋଲରଙ୍କୁ ଏହି ଟେଷ୍ଟରୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦେବାକୁ ଯୋଜନା କରାଯାଉଥିବାରୁ ମହମ୍ମଦ ସାମିଙ୍କୁ ଡାକରା ମିଳିବାର ଆଶା ଉଦ୍ରେକ ହୋଇଛି । ଚେନ୍ନାଇ ପକ୍ଷରୁ ଆଇପିଏଲ୍ ଖେଳୁଥିବା ବାମ ହାତି ପେସ୍ ବୋଲର ଗୁରନୂର ବ୍ରାର ଓ ଦିଲ୍ଲୀ ଦଳର ସଦସ୍ୟ ଆକିବ ନବିଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିବା ଆଶା କରାଯାଉଛି । ଉଭୟ ଗତ ରଣଜୀ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର ସ୍ଥାନ ପାଇଁ ପୁଣି ଥରେ ରବିନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ । ବାକି ଦଳ ଅପରିବର୍ତ୍ତିତ ରହିବ । ଦିନିକିଆ ଦଳରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ । କେବଳ ଶ୍ରେୟାସ ଆୟର ଫେରିବା ଆଶା କରାଯାଉଛି । ଦ୍ୱିତୀୟ ୱିକେଟ୍ କିପର ସ୍ଥାନ ପାଇଁ ସଞ୍ଜୁ ସାମସନ, ରିଷଭ ପନ୍ତ ଓ ଇଶାନ କିଷନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ । କେଏଲ ରାହୁଲ ଦିନିକିଆ ଦଳରେ ମୁଖ୍ୟ ୱିକେଟ୍ କିପର ରହିବେ ।

## ୯ ବର୍ଷୀୟ ବାଳକ ବଲ୍‌ରେ ବୋଲ୍ଡ ପାକିସ୍ତାନୀ କ୍ରିକେଟର

ନୂଆଦିଲ୍ଲୀ, ୧୫।୫; ଭାଙ୍ଗିଲା ପାକିସ୍ତାନର ଅହଂକାର । କ୍ରିକେଟ ଜଗତରେ କଟିଲା ପାକିସ୍ତାନର ନାକ । ଯେଉଁ ଖେଳାଳିଙ୍କୁ ନେଇ କରୁଥିଲା ଗର୍ବ ତାକୁ ବୋଲ୍ଡ କଲେ ଜଣେ ୯ ବର୍ଷୀୟ ବାଳକ । ପାକିସ୍ତାନ କ୍ରିକେଟ୍ ଦଳର ଷ୍ଟାର ଅଲରାଉଣ୍ଡର ସୈମ ଆୟୁବ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା । ସେ ପାକିସ୍ତାନ ପାଇଁ ଟପ୍ ଅର୍ଡରରେ ବ୍ୟାଟିଂ କରନ୍ତି, କିନ୍ତୁ ସମ୍ପ୍ରତି ତାଙ୍କର ଫର୍ମ ହରାଇ ବସିଛନ୍ତି । ଏହି କାରଣରୁ ତାଙ୍କୁ ବାଂଲାଦେଶ ଗସ୍ତ ପାଇଁ ଟେଷ୍ଟ ଦଳରେ ଚୟନ କରାଯାଇ ନଥିଲା । ଫଳସ୍ୱରୂପ, ସୈମ କମବ୍ୟାକ ପାଇଁ ପରିଶ୍ରମ ଜାରି ରଖିଛନ୍ତି । ସେ ଅଭ୍ୟାସ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଯେଉଁଥିରେ ତାଙ୍କ ଜଣେ ୯ ବର୍ଷର ବାଳକ ବୋଲିଂ କରୁଛନ୍ତି । ଭାଇରାଲ ଭିଡିଓରେ, ସୈମ ଆୟୁବଙ୍କୁ ଜଣେ ପିଲା କ୍ଲିନ୍ ବୋଲ୍ଡ କରିଥିବା ଦେଖିବାକୁ ମିଳିଛି ୯ ବର୍ଷୀୟ ପିଲା ଆୟୁବଙ୍କୁ ବୋଲ୍ଡ କରିଥିବାରୁ ତାଙ୍କୁ ଉପହାସ କରାଯାଇଛି ।

ସୈମ୍ ଆୟୁବଙ୍କୁ ପାକିସ୍ତାନ ସୁପର ଲିଗ୍ ୨୦୨୬ରେ ଖେଳିବାର ଦେଖାଯାଇଥିଲା । ସେ ଟୁର୍ଣ୍ଣାମେଣ୍ଟରେ ହାଇଦ୍ରାବାଦ କିଙ୍ଗସମେନ୍ ଦଳର ଅଂଶ ଥିଲେ । ଯଦିଓ ହାଇଦ୍ରାବାଦ ଫାଇନାଲରେ ପହଞ୍ଚିଥିଲା, ଦଳ ପାଇଁ ତାଙ୍କର ପ୍ରଦର୍ଶନ ବିଶେଷ ପ୍ରଭାବଶାଳୀ ନଥିଲା । ସାମ୍ ଆୟୁବ ସିଜିନରେ ମୋଟ ୧୧୩ଟି ମ୍ୟାଚ୍ ଖେଳିଥିଲେ, ୧୧୯.୪୪ ଷ୍ଟ୍ରାଇକ୍ ରେଟ୍ ରେ କେବଳ ୨୫୮ ରନ କରିଥିଲେ । ବ୍ୟାଟିଂ ବ୍ୟତୀତ, ସୈମ୍ ଆୟୁବଙ୍କ ବୋଲିଂ ପ୍ରଦର୍ଶନ ମଧ୍ୟ ଖରାପ ଥିଲା । ସେ ସିଜିନରେ ଦଳ ପାଇଁ ୧୨ଟି ଇନିଂସରେ ବୋଲିଂ କରିଥିଲେ, କେବଳ ୫ଟି ୱିକେଟ ନେଇଥିଲେ ।

ଆୟୁବ ପାକିସ୍ତାନ ପାଇଁ ତିନୋଟି ଫର୍ମାଟରେ ଡେବ୍ୟୁ କରିଛନ୍ତି । ସେ ୮ଟି ଟେଷ୍ଟ, ୧୭ଟି ଦିନିକିଆ ଏବଂ ୬୭ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଟେଷ୍ଟ କ୍ରିକେଟରେ ସେ ୧୪ଟି ଇନିଂସରେ ୩୬୪ ରନ କରିଛନ୍ତି ଏବଂ ୪ଟି ୱିକେଟ ନେଇଛନ୍ତି । ଏହା ବ୍ୟତୀତ, ଦିନିକିଆରେ ସେ ୭୫୧ ରନ କରିଛନ୍ତି ଏବଂ ୯ଟି ୱିକେଟ ନେଇଛନ୍ତି । ଟି-୨୦ରେ ସେ ୧୨୯୮ ରନ କରିଛନ୍ତି ଏବଂ ୨୯ଟି ୱିକେଟ ନେଇଛନ୍ତି ।

## ପୁରୁଷ ଦଳର କୋଚ୍ ହେଲେ ମହିଳା କ୍ରିକେଟର

ନୂଆଦିଲ୍ଲୀ, ୧୫।୫: ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଇଂଲଣ୍ଡ କ୍ରିକେଟ ବୋର୍ଡ ଏକ ଐତିହାସିକ ନିଷ୍ପତ୍ତି ନେଇଛି । ଇଂଲଣ୍ଡର ପୂର୍ବତନ ମହିଳା ଉଇକେଟକିପର ସାରା ଟେଲରଙ୍କୁ ପୁରୁଷ ଦଳର ଫିଲ୍ଡିଂ କୋଚ ଭାବେ ନିଯୁକ୍ତ କରାଯାଇଛି ।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ ଜୁନରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ ପାଇଁ ସାରା ଟେଲରଙ୍କୁ ଏହି ବଡ଼ ଦାୟିତ୍ୱ ମିଳିଛି । କ୍ରିକେଟ ଇତିହାସରେ ଏହା ଏକ ବିରଳ ଘଟଣା, ଯେଉଁଠି ଜଣେ ମହିଳା ଖେଳାଳି ପୁରୁଷ ଦଳକୁ ପ୍ରଶିକ୍ଷଣ ଦେବେ ।

ସାରା ଟେଲରଙ୍କ ଗୌରବମୟ କ୍ୟାରିୟର ଦେଖିଲେ ସେ ଇଂଲଣ୍ଡ ମହିଳା ଦଳକୁ ଦୁଇଟି ଦିନିକିଆ ବିଶ୍ୱକପ ଏବଂ ଗୋଟିଏ ଟି-୨୦ ବିଶ୍ୱକପ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ତିନିଥର ଆସେସ ସିରିଜ ବିଜେତା ଦଳର ସଦସ୍ୟା ରହିଛନ୍ତି ।ସେ ଦୁଇଥର (୨୦୧୨, ୨୦୧୩) ଟି-୨୦ କ୍ରିକେଟର ଅଫ ଦି ଇୟର ଏବଂ ଥରେ (୨୦୧୪) ଦିନିକିଆ କ୍ରିକେଟର ଅଫ ଦି ଇୟର ଭାବେ ନିର୍ବାଚିତ ହୋଇଛନ୍ତି ।

ସାରାଙ୍କ ନାମରେ ମାତ୍ର ୯ ଦିନ ମଧ୍ୟରେ କ୍ରିକେଟର ତିନୋଟି ଯାକ ଫର୍ମାଟ (ଟେଷ୍ଟ, ଦିନିକିଆ ଏବଂ ଟି-୨୦) ରେ ଡେବ୍ୟୁ କରିବାର ବିଶ୍ୱ ରେକର୍ଡ ରହିଛି । ପୁରୁଷ କିମ୍ବା ମହିଳା କ୍ରିକେଟରେ ଏପର୍ଯ୍ୟନ୍ତ କେହି ଏହି ରେକର୍ଡ ଭାଙ୍ଗି ପାରିନାହାନ୍ତି । ୨୦୧୯ ମସିହାରେ ସେ ହଠାତ ଅବସର ଘୋଷଣା କରିଥିଲେ । ସେ ସେହି ସମୟରେ ମାନସିକ ଚିନ୍ତା ବା 'ଏଙ୍ଗଜାଇଟି' ସମସ୍ୟା ଦେଇ ଗତି କରୁଥିଲେ । ସେ ନିଜ କ୍ୟାରିୟରରେ ଦିନିକିଆରେ ୪୦୫୬ ରନ୍ ଏବଂ ଟି-୨୦ରେ ୨୧୭୭ ରନ୍ ସଂଗ୍ରହ କରିଛନ୍ତି । ଏହା ସହିତ ଉଇକେଟ ପଛରେ ୧୦୦ରୁ ଅଧିକ କ୍ୟାଚ୍ ମଧ୍ୟ ଧରିଛନ୍ତି ।

# ଫିଫା ବିଶ୍ୱକପକୁ ଆଉ ୨୭ ଦିନ

ନୂଆଦିଲ୍ଲୀ, ୧୫।୦୫; ଆଗାମୀ ଫିଫା ବିଶ୍ୱକପ୍ ପାଇଁ ଆର୍ଜେଣ୍ଟିନାର ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି । ବିଶ୍ୱ ପ୍ରସିଦ୍ଧ ଷ୍ଟ୍ରାଇକର ୩୮ ବର୍ଷିୟ ଲିଓନେଲ ମେସିଙ୍କୁ ଦଳରେ ସ୍ଥାନ ମିଳିଛି । ତେବେ ସେ ନେତୃତ୍ୱ ନେବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ । ମେସି କ୍ୟାରିୟର୍‌ର ଷଷ୍ଠ ବିଶ୍ୱକପ୍ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି । ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ମେସି ୧୨ଟି ମ୍ୟାଚ ଖେଳି ସର୍ବାଧିକ ୮ଟି ଗୋଲ୍ ସ୍କୋର କରିଥିଲେ । ଫିଫା ଦ୍ୱାରା ୬ଟି ମ୍ୟାଚ ନିଲମ୍ବିତ ହୋଇଥିବା ଗିଆନଲୁକା ପ୍ରେଷ୍ଟିଆନିଙ୍କୁ ଦଳରେ ସୁଯୋଗ ମିଳିଛି । ସେ ଚୂଡାନ୍ତ ଦଳରେ ସ୍ଥାନ ପାଇଲେ ପ୍ରଥମ ୨ଟି ମ୍ୟାଚ ଖେଳି ପାରିବେ ନାହିଁ ।

ସୂଚନାଯୋଗ୍ୟ, ଗତ ଫେବ୍ରୁଆରୀ ମାସରେ ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ମ୍ୟାଚରେ ବେନଫିକା ପକ୍ଷରୁ ଖେଳୁଥିବା ପ୍ରେଷ୍ଟିଆନି ମୁହଁରେ ଜର୍ସି ଘୋଡାଇ ରିୟଲ ମାଦ୍ରିଦ ଫରୱାର୍ଡ ବ୍ରାଜିଲର ଭିନିସିୟସ ଜୁନିୟରଙ୍କୁ କିଛି କହିଥିଲେ । ତାଙ୍କ ବିପକ୍ଷରେ ଜାତିଗତ ଆକ୍ଷେପ କରିଥିବା ଭିନିସିୟସ ଜୁନିୟର ଅଭିଯୋଗ କରିଥିଲେ । ପ୍ରେଷ୍ଟିଆନିଙ୍କୁ ସଙ୍ଗେ ସଙ୍ଗେ ଗୋଟିଏ ମ୍ୟାଚରୁ ନିଲମ୍ବିତ କରାଯାଇଥିଲା । ୟୁଇଏଫଏ ଏହି ଘଟଣାର ତଦନ୍ତ କରିବା ପରେ ପ୍ରେଷ୍ଟିଆନି ଦୋଷୀ ସାବ୍ୟସ୍ତ ହୋଇଥିଲେ । ଫଳ ସ୍ୱରୂପ ତାଙ୍କୁ ମୋଟ୍ ୬ଟି ମ୍ୟାଚରୁ ବାସନ୍ଦ କରାଯାଇଥିଲା ।

ଫିଫା ଶୃଙ୍ଖଳା କମିଟି ଏହି ଘଟଣାର ପୁନଃ ବିଚାର କରି ପ୍ରେଷ୍ଟିଆନିଙ୍କ ବିପକ୍ଷରେ ୟୁଇଏଫଏ ଲାଗୁ କରିଥିବା ବାସନ୍ଦାଦେଶକୁ ଅନ୍ତର୍ଜାତୀୟ ଫୁଟବଲ୍‌ରେ ସାମିଲ କରିଛି । ୨୦୨୨ ବିଶ୍ୱକପ୍ ଚାମ୍ପିଅନ୍ ଦଳର ସଦସ୍ୟ ରହିଥିବା ଜୁଲିଆନ ଆଲଭାରେଜ ଓ ଲୌଟରୋ ମାର୍ଟିନେଜ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି । ଏମାନଙ୍କ ବ୍ୟତୀତ କ୍ରିଷ୍ଟିଆନ ରୋମେରୋ, ଆଲିଜାନ୍ଦ୍ରୋ ଗାର୍ନାଚୋ, ନିକୋ ପାଜ, ଜାଏଦ ରୋମେରୋ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି । ଗ୍ରୁପ୍ ଜେ'ରେ ସ୍ଥାନ ପାଇଥିବା ଆର୍ଜେଣ୍ଟିନା ଜୁନ ୧୬ ତାରିଖରେ ଅଭିଯାନ ଆରମ୍ଭ କରିବ । ପ୍ରଥମ ମ୍ୟାଚରେ ଦଳ ଆଲଜେରିଆକୁ ଭେଟିବ । ଏହାପରେ ଅଷ୍ଟ୍ରିୟା ଓ ଜୋର୍ଡାନକୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

କୋଚଙ୍କ ସ୍ପଷ୍ଟୋକ୍ତି: ଫିଟ୍ ରହିଲେ ଖେଳିବେ ନେୟମାର- ଫିଫା ବିଶ୍ୱକପ ପାଇଁ ବ୍ରାଜିଲର ମୁଖ୍ୟ କୋଚ କାର୍ଲୋ ଆଞ୍ଚେଲୋଟି ଏକ ୫୫ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଥିବାବେଳେ ଏହି ଦଳରେ ଷ୍ଟାର ଖେଳାଳି ନେୟମାରଙ୍କୁ ସ୍ଥାନ ଦେଇଛନ୍ତି । ତେବେ ଚୂଡାନ୍ତ ଦଳରେ ସେ ସ୍ଥାନ ପାଇବା ଏପର୍ଯ୍ୟନ୍ତ ନିଶ୍ଚିତ ନଥିବା କୋଚ ସ୍ପଷ୍ଟ କରି ଦେଇଛନ୍ତି । ସେ କହିଛନ୍ତି, ନେୟମାରଙ୍କ ଫିଟ୍‌ନେସ୍‌ରେ ଉନ୍ନତି ହୋଇଥିବା ମୁଁ ଅନୁଭବ କରୁଛି । ସେ ବର୍ତ୍ତମାନ ନିୟମିତ ଭାବେ ଖେଳ ଜାରି ରଖିଛନ୍ତି । ତଥାପି ମୁଁ ତାଙ୍କୁ ଚୂଡାନ୍ତ ଦଳରେ ସ୍ଥାନ ଦେବା ନେଇ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇପାରି ନାହିଁ । ନେୟମାରଙ୍କ ଭଳି ବିଶ୍ୱ ପ୍ରସିଦ୍ଧ ଖେଳାଳି ଦଳରେ ରହିବା ଜରୁରି । କିନ୍ତୁ ତାଙ୍କୁ ଶତ ପ୍ରତିଶତ ଫିଟ୍ ହୋଇ ଫେରିବାକୁ ପଡିବ । କେବଳ ଭାବ ବିହ୍ୱଳ ହୋଇ ତାଙ୍କୁ ଖେଳାଇବା ଉପଯୁକ୍ତ ନିଷ୍ପତ୍ତି ହେବ ନାହିଁ । ମୁଁ ଆଶା କରୁଛି, ସେ ପୂର୍ଣ୍ଣ ୯୦ ମିନିଟ୍ ଖେଳି ପାରିବା ଭଳି ମ୍ୟାଚ ଫିଟନେସ୍ ସହ ଦଳକୁ ଫେରିବେ । ସୂଚନାଯୋଗ୍ୟ, ନେୟମାର ବ୍ରାଜିଲ ପକ୍ଷରୁ ୭୯ଟି ଗୋଲ୍ ସ୍କୋର କରିସାରିଛନ୍ତି । ପେଲେଙ୍କ ଅନ୍ତର୍ଜାତୀୟ ଗୋଲ ରେକର୍ଡ ଠାରୁ ସେ ୨ଟି ଅଧିକ ଗୋଲ୍ କରିଛନ୍ତି ।



# ଘରୋଇ କୋଚଙ୍କୁ ଭରସା କଲାନି ହକି ଇଣ୍ଡିଆ

## ଶ୍ରୀଜେଶଙ୍କ ସ୍ଥାନରେ ଫେରେଡେରିକ ନୂଆ ଜୁନିୟର ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧୫/୦୫; ହକି ଇଣ୍ଡିଆର ବଡ଼ ଘୋଷଣା । ପିଆର ଶ୍ରୀଜେଶଙ୍କ ସହ ବିବାଦ ଭିତରେ ନୂଆ ହକି କୋଚ୍ ନିଯୁକ୍ତ କଲା ହକି ଇଣ୍ଡିଆ । ହଟିଲେ ଦେଶୀ ଆସିଲେ ବିଦେଶୀ ପ୍ରଶିକ୍ଷକ । ଘରୋଇ କୋଚଙ୍କୁ ଭରସା କଲାନି ହକି ଇଣ୍ଡିଆ । ଶ୍ରୀଜେଶଙ୍କ ସ୍ଥାନରେ ଫ୍ରେଡେରିକଙ୍କୁ ନୂଆ ଜୁନିୟର ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି ହକି ଇଣ୍ଡିଆ । ପୂର୍ବତନ ଫରାସୀ ଖେଳାଳି ଫ୍ରେଡେରିକ୍ ସୋୟେଜଙ୍କୁ ନୂତନ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି, ଯିଏ ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ପିଆର ଶ୍ରୀଜେଶଙ୍କ ଠାରୁ ଦାୟିତ୍ୱ ନେବେ ।

ଭାରତୀୟ ଜୁନିୟର ପୁରୁଷ ହକି ଦଳର କୋଚ ଥିଲେ ଅଲିମ୍ପିକ୍ସ ପଦକ ବିଜେତା ଗୋଲକିପର ପିଆର ଶ୍ରୀଜେଶ । କିନ୍ତୁ ତାଙ୍କ ସହ ଚୁକ୍ତି ନବାଇ ଦିନକ ପରେ ଜଣେ ନୂଆ କୋଚଙ୍କୁ ନିଯୁକ୍ତ କରିଛି ହକି ଇଣ୍ଡିଆ । ସେ ହେଉଛନ୍ତି ଫ୍ରାନ୍ସର ଫ୍ରେଡେରିକ ସୋୟେଜ । ଅନ୍ତର୍ଜାତୀୟ କ୍ୟାରିୟରରୁ ଅବସର ନେବା ପରେ ଶ୍ରୀଜେଶ ଜୁନିୟର ଦଳର କୋଚ ନିଯୁକ୍ତ ହୋଇଥିଲେ । ସେ ମାତ୍ର ୧ ବର୍ଷ ୫ ମାସ କୋଚ ଦାୟିତ୍ୱରେ ରହିଥିଲେ । ଏହି ସମୟରେ ଭାରତୀୟ ଦଳ ୫ଟି ଟୁର୍ଣ୍ଣାମେଣ୍ଟ ଖେଳି ସବୁଥିରେ ପୋଡିୟମ ଫିନିସ କରିବାରେ ସଫଳ ହୋଇଥିଲା । ଜୁନିୟର ବିଶ୍ୱକପ୍ରେ ଦଳ ବ୍ରୋଞ୍ଜ ପଦକ ଜିତିଥିଲା । ଏହା ସତ୍ତ୍ୱ ବି ହକି ଇଣ୍ଡିଆ ଶ୍ରୀଜେଶଙ୍କ ଉପରେ ଭରସା ନକରି ବିଦେଶୀ କୋଚଙ୍କ ଉପରେ ଆସ୍ଥା ସ୍ଥାପନ କରିଛି ।

ନୂଆ ମୁଖ୍ୟ ପ୍ରଶିକ୍ଷକ ଫ୍ରେଡେରିକ୍ କିଏ ଭାରତୀୟ ଜୁନିଅର ହକି ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜ୍ ଙ୍କ ବିଷୟରେ କହିବାକୁ ଗଲେ, ତାଙ୍କୁ ୟୁରୋପୀୟ ହକିର ସର୍ବୋତ୍ତମ ପ୍ରଶିକ୍ଷକମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ୧୯୯୫ ରୁ ୨୦୧୦ ପର୍ଯ୍ୟନ୍ତ ଫ୍ରାନ୍ସ ପାଇଁ ମୋଟ ୧୯୬ ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୯୫ଟି ଗୋଲ ସ୍କୋର କରିଥିଲେ ।ଫ୍ରେଡେରିକ ୧୫ ବର୍ଷ ସ୍ୱନ ଦଳ ପାଇଁ ଖେଳିଥିଲେ । ଅବସର ନେବା ପରେ ସେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କ ପ୍ରଶିକ୍ଷଣରେ ସ୍ୱନ ୨୦୧୩ ଜୁନିୟର ବିଶ୍ୱକପ୍‌ରେ ରୌପ୍ୟ ଜିତିଥିଲା । ସ୍ୱନର ପ୍ରଶିକ୍ଷକ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଦଳ ୨୦୧୯ ୟୁରୋପୀୟ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତିଥିଲା । ଫ୍ରେଡେରିକ୍ ସୋୟେଜ୍ ୨୦୧୬, ୨୦୨୦ ଏବଂ ୨୦୨୪ ଅଲିମ୍ପିକ୍ ଗେମ୍ସ, ଏବଂ ୨୦୧୮ ଏବଂ ୨୦୨୩ ହକି ବିଶ୍ୱକପ୍ ମଧ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି । ଏହା ବ୍ୟତୀତ, ସୋୟେଜ୍ ୨୦୧୩, ୨୦୧୫, ୨୦୧୭, ୨୦୧୯, ୨୦୨୧ ଏବଂ ୨୦୨୩ ବର୍ଷରେ ୬ଟି ୟୁରୋପୀୟ ଚାମ୍ପିଅନସିପରେ ମଧ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି ।

ବିଦେଶୀ କୋଚ ନିଯୁକ୍ତି ଦିଆଯିବାର ପଛର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏବେଠୁ ତୃଣମୂଳସ୍ତରରୁ ପ୍ରତିଭା ଅନ୍‌ୱେଷଣ କରି ସେମାନଙ୍କୁ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିବା ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଶ୍ରୀଜେଶ ଗତକାଲି ସୋସିଆଲ ମିଡିଆରେ ଏକ ଭଲ ପ୍ରଶ୍ନ ଉତ୍ଥାପନ କରିଥିଲେ । ସେ କହିଥିଲେ, 'ଭାରତୀୟ ପ୍ରଶିକ୍ଷକମାନେ କ'ଣ ଭାରତୀୟ ହକିକୁ ବିକଶିତ କରିପାରିବେ ନାହିଁ' ଅର୍ଥାତ ଦୀର୍ଘ ବର୍ଷ ଅନ୍ତର୍ଜାତୀୟ ହକି ଖେଳିବା ପରେ କ୍ରମାନ୍ୱୟରେ ଦ୍ୱିତୀୟ ଥର ଦଳକୁ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତାଇ ଥିଲେ ଶ୍ରୀଜେଶ । ଏହାସତ୍ତ୍ୱ ବି କେଉଁ ଅଭିଜ୍ଞତାର କମ ରହିଲା ଯେ ହକି ଇଣ୍ଡିଆ ତାଙ୍କ ଉପରେ ଭରସା କରିପାରିଲା ନାହିଁ

# ତିଲକ୍ ଅଧିନାୟକ, ପରାଗ ଉପ-ଅଧିନାୟକ

ମୁମ୍ବାଇ, ୧୫/୦୫: ଜୁନ୍ ମାସରେ ଭାରତ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଟ୍ରାଇ-ସିରିଜ୍ । ଏନେଇ ଭାରତୀୟ ଦଳ ଘୋଷଣା । ବିସିସିଆଇ ଚୟନ କମିଟି ୧୫ଜଣିଆ ଦଳ ଘୋଷଣା କରିଛି । ଏଥିରେ ଦତିଲକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ରିଆନ୍ ପରାଗ ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ସବୁଠୁ ବଡ଼ କଥା ହେଲେ ୧୫ ବର୍ଷୀୟ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ସୁଯୋଗ ମିଳିଛି । ସେହିପରି ଇଣ୍ଡିଆନ ପ୍ରିମିୟର ଲିଗରେ ଜଲୱା ଦେଖାଉଥିବା ବ୍ୟାଟର ପ୍ରିୟାନ୍ସ ଆରିୟା ଏବଂ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସ୍ଥାନ ପାଇଛନ୍ତି ।

ବିସିସିଆଇରୁ ମିଳିଥିବା ସୂଚନା ମୁତାବକ, ଏହି ଦିନିକିଆ ଟ୍ରାଇ-ସିରିଜ୍ ଇଣ୍ଡିଆ-ଇ ସହିତ ଶ୍ରୀଲଙ୍କା-ଇ ଏବଂ ଆଫଗାନିସ୍ତାନ-ଇ ମଧ୍ୟରେ ଖେଳାଯିବ । ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ଡାମ୍ବୁଲା ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ । ଏହି ଟ୍ରାଏ-ସିରିଜ୍ ପାଇଁ ଇଣ୍ଡିଆ-ଇରେ ଅନେକ ଯୁବ ପ୍ରତିଭାଙ୍କୁ ସୁଯୋଗ ମିଳିଛି । ଯେଉଁମାନେ ଘରୋଇ କ୍ରିକେଟ୍ ଏବଂ ଆଇପିଏଲରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖିଛନ୍ତି । ସବୁଠାରୁ ବଡ଼ କଥା ହେଲା ଏହି ସିରିଜ୍ ମାଧ୍ୟମରେ ଟିମ୍ ଇଣ୍ଡିଆରେ ବୈଭବ ସୂର୍ଯ୍ୟବଂଶୀଙ୍କ ଏଣ୍ଟ୍ରି ହୋଇଛି । ସେହିପରି ପ୍ରିୟାଂଶ ଆରିୟା, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ ଏବଂ ହର୍ଷ ଦୁବେ ମଧ୍ୟ ସୁଯୋଗ ମିଳିଛି । ୱିକେଟ କିପର ଭାବେ ପ୍ରଭସିମ୍ରନ ସିଂହ ଏବଂ କୁମାର କୁଶାଗ୍ରଙ୍କୁ ଟିମରେ ସାମିଲ୍ କରାଯାଇଛି ।ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ ୨୦୨୬ ରେ ଦମଦାର ପ୍ରଦର୍ଶନ ଜାରି ରିଖିଛନ୍ତି । ସେ ରାଜସ୍ଥାନ ରଏଲ୍ସ ପାଇଁ ଖେଳୁଛନ୍ତି । ବର୍ତ୍ତମାନ ସୁଦ୍ଧା ୧୧ଟି ମ୍ୟାଚ୍‌ରେ ୪୪୦ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି । ଏଥିରେ ଗୋଟିଏ ଶତକୀୟ ଇନିଂସ ରହିଛି । ସେ ୪୦.୦୦ ଆଭରେଜ୍ ଏବଂ ୨୩୬.୫୫ ଷ୍ଟ୍ରାଇକ୍ ରେଟରେ ବ୍ୟାଟିଂ ଜାରି ରଖିଛନ୍ତି । ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ରହିଛି । ସେହିପରି ୧୧ଟି ମ୍ୟାଚରେ ୩୮ଟି ଚୌକା ଏବଂ ୪୦ଟି ଛକା ମାରିସାରିଛନ୍ତି । ସେ ଏହା ପୂର୍ବରୁ ଭାରତ ଅଣ୍ଡର-୧୯ ଦଳର ସ୍ଥାନ ପାଇ ସାରିଛନ୍ତି । ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିରୋଧରେ ୫୮ଟି ବଲରେ ଶତକ ହାସଲ କରିଥିଲେ । ୨୦୨୪ ଏସିସି ଅଣ୍ଡର-୧୯ ଏସିଆ କପରେ ସେ ୧୭୬ ରନର ଜବରଦସ୍ତ ଇନିଂସ ଖେଳି ଭାରତକୁ ଫାଇନାଲରେ ପହଞ୍ଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ । ରଣଧୀର ବର୍ମା ଅଣ୍ଡର-୧୯ ଟୁର୍ଣ୍ଣାମେଣ୍ଟରେ ବୈଭବ ଅପରାଜିତ ୩୩୨ ରନ୍ କରିଥିଲେ । ୨୦୨୬ ଅଣ୍ଡର-୧୯ ବିଶ୍ୱକପ୍ ଫାଇନାଲ୍‌ରେ ୱିଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିରୋଧରେ କେବଳ ୮୦ଟି ବଲରେ ବିସ୍ଫୋରକ ୧୭୫ ରନ୍ କରିଥିଲେ । ଏହି ଐତିହାସିକ ଇନିଂସରେ ସେ ୧୫ଟି ଚୌକା ଓ ୧୫ଟି ଛକା ମାରିଥିଲେ । ତାଙ୍କର ଏହି ଅଦ୍ଭୁତ ଇନିଂସ ବଳରେ ଭାରତ ଟୁର୍ଣ୍ଣାମେଣ୍ଟ ଜିତିବାରେ ସଫଳ ହୋଇଥିଲା ।

ଇଣ୍ଡିଆ-ଇ ଦଳ: ତିଲକ୍ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପ-ଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ପ୍ରଭସିମରନ ସିଂହ (ୱିକେଟ କିପର), କୁମାର କୁଶାଗ୍ର (ୱିକେଟ କିପର), ବିପ୍ରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଏବଂ ଅର୍ଶଦ ଖାନ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ